


# ଏକମାତ୍ର ସତ୍ୟ

– ଶ୍ରୀମା

## ବିବର୍ତ୍ତନୀ ଶକ୍ତିର ପ୍ରତ୍ୟାଶା



କାଳ ସର୍ବଦା ଗତିଶୀଳ । 'ବର୍ତ୍ତମାନ' ଶବ୍ଦର ଅର୍ଥ ହେଲା ଯାହା ଆବର୍ତ୍ତିତ ହୋଇ ଚାଲିଛି : ମୁହୂର୍ତ୍ତ ପରେ ମୁହୂର୍ତ୍ତ ଉନ୍ମୋଚିତ ହୋଇଯାଉଛି ।

ଏକଦା ଯାହା ସମାଜ ସକାଶେ ଅତ୍ୟାବଶ୍ୟକ ବା ମଙ୍ଗଳପ୍ରଦ ଥାଏ, କାଳର ଗତିଶୀଳତା ତାକୁ ଅନାବଶ୍ୟକ କରିଦିଏ । ମଣିଷ ଏ ସତ୍ୟ ହୃଦୟଙ୍ଗମ ନକରିବା ଯୋଗୁଁ ସମାଜରେ ଦେଖାଦିଏ ନାନା ବିଭ୍ରାଟ ଓ ସଂଘର୍ଷ ।

(ଦୃଷ୍ଟାନ୍ତ : ଏକଦା ରାଜତନ୍ତ୍ର ଅନିବାର୍ଯ୍ୟ ଥିଲା । ଇତିହାସରେ ସେ ପରଂପରାର ଭୂମିକା ସମାପ୍ତ ହୁଅନ୍ତେ ତାହାର ବିଲୋପ ଘଟିଲା ।)

ଆଜି କାଳଗତ ପ୍ରଗତିର ଦାବି : ଧର୍ମ ନାମରେ, ଜାତି ନାମରେ ମଣିଷ ମଣିଷ ଭିତରେ ବିଦ୍ୟମାନ ସଂସ୍କାର ତା'ର ପ୍ରାସଙ୍ଗିକତା ସମ୍ପୂର୍ଣ୍ଣ ହରାଇଛି ଏବଂ ମଣିଷ ଏ ସମସ୍ତ ଭେଦ ବିଭେଦ ଅତିକ୍ରମ କରି ଏକ ମହତ୍ତର ସଭ୍ୟତା ପ୍ରତିଷ୍ଠା କରିବା ଚାହି ।

ହେ ଦିବ୍ୟ ଜନନି ! ବିବର୍ତ୍ତନୀ ଶକ୍ତିର ଏହି ପ୍ରତ୍ୟାଶା ପ୍ରତି ଯେପରି ଆମେ ବିଶ୍ୱସ୍ତ ରହିବା, ତଦନୁସାରେ ଆମର ଭାବନା, ଅଭୀପ୍ସା ଏବଂ ଆଚରଣର ଆଭିମୁଖ୍ୟ ସ୍ଥିର କରିବାକୁ ସକ୍ଷମ ହେବା, ତୁମ ଆଶିଷ ଶ୍ରୀମଣ୍ଡିତ 'ନବପ୍ରକାଶ'ର ଜନ୍ମ ଦିବସରେ ଆଜି ତୁମ ଶ୍ରୀପାଦପଦ୍ମରେ ଆମର ଏହାହିଁ ପ୍ରାର୍ଥନା । ❑

# ପ୍ରାର୍ଥନା

ଆଲୋକ ଅଜାଡ଼ି ହୋଇପଡୁ ସମଗ୍ର ପୃଥିବୀ ଉପରେ ଏବଂ ଶାନ୍ତି ବିରାଜମାନ କରୁ ପ୍ରତ୍ୟେକ ହୃଦୟରେ.... ପ୍ରାୟ ସଭିଏଁ କେବଳ ବହିର୍ଜୀବନକୁହିଁ ଜାଣନ୍ତି, ଯାହା ସ୍ଥୂଳ, ଜଡ଼, ପରିବର୍ତ୍ତନବିମୁଖ ଏବଂ ଅସ୍ୱଚ୍ଛ; ସେମାନଙ୍କ ପ୍ରାଣଗତ ଶକ୍ତିସମୂହ ସୃଷ୍ଟିର ଏହି ସ୍ଥୂଳ ରୂପସହ ଏପରି ଗ୍ରନ୍ଥିତ ଯେ ସେମାନେ ଯେତେବେଳେ ଆତ୍ମସ୍ଥ ଥା'ନ୍ତି ଏବଂ ଦେହ-ସର୍ବସ୍ୱତା ବାହାରେ ରହିଥା'ନ୍ତି, ସେତେବେଳେ ମଧ ସେମାନେ ଏହି ବସ୍ତୁଭିତ୍ତିକ ସମ୍ଭାବ୍ୟ ଘଟଣା, ଅଘଟଣାରେ ମଜ୍ଜି ରହନ୍ତି – ଯାହା ଅତ୍ୟନ୍ତ ବିରକ୍ତିଜନକ ଓ କ୍ଳେଶକର.... ମାନସିକ ଜୀବନ ଜାଗରୂକ ହୋଇଥିବା ଲୋକେ ହୁଅନ୍ତି ଅସ୍ଥିର, ଯନ୍ତ୍ରଣାକ୍ଷୁବ୍ଧ, ଉତ୍ତେଜିତ, ସ୍ୱେଚ୍ଛାଚାରୀ ବା ଅତ୍ୟାଚାରୀ । ସେମାନେ ଯେଉଁ ନବୀକରଣ ଓ ରୂପାନ୍ତରର ସ୍ୱପ୍ନ ଦେଖନ୍ତି, ତାହାରି ଆବର୍ତ୍ତ ଭିତରେ ପୂରା ନିମଜ୍ଜମାନ ରହି ସବୁକିଛି ଧ୍ୱଂସ କରିବା ନିମନ୍ତେ ପ୍ରସ୍ତୁତ ହୋଇଯା'ନ୍ତି – କେଉଁ ଭିତ୍ତି ଉପରେ ନବନିର୍ମାଣ ହେବ ସେ ସଂପର୍କରେ ଜ୍ଞାନ ନଥାଇ । ଆଖି ଝଲସାଇ ଦେବା ଭଳି ସେମାନଙ୍କ ଆଲୋକ ବିଭ୍ରାଟର ଅନ୍ତ କରିବା ବଦଳରେ ତା'ର ବୃଦ୍ଧି ସାଧନ କରେ ।

ତୁମ ପରମ ଭାବ-ସମାହିତିର ଅପରିବର୍ତ୍ତନୀୟ ଶାନ୍ତି ଏବଂ ତୁମ ଧ୍ରୁବ ଚିରନ୍ତନୀର ପ୍ରଶାନ୍ତ ଦୃଷ୍ଟିର ଅଭାବ ରହିଛି ସମସ୍ତଙ୍କ ଭିତରେ ।

ଏବଂ ତୁମେ ଯାହାକୁ ଏହି ଅତୁଳନୀୟ କରୁଣା ପ୍ରଦାନ କରିଛ, ସେହି ବ୍ୟକ୍ତିଗତ ସତ୍ତା ଅନନ୍ତ କୃତଜ୍ଞତା ସହକାରେ ତୁମକୁ କରେ ବିନୀତ ପ୍ରାର୍ଥନା, ହେ ଭଗବାନ୍, ଆଜିର ଏହି ବିଶୃଙ୍ଖଳାର ଆବରଣ ଭିତରେ, ଏହି ଚରମ ବିଭ୍ରାନ୍ତିକର ପରିସ୍ଥିତିର କେନ୍ଦ୍ରସ୍ଥଳରେହିଁ ସାଧିତ ହେଉ ଚମତ୍କାର (miracle) ଏବଂ ତୁମର ପରମ ପ୍ରଶାନ୍ତିର ଏବଂ ବିଶୁଦ୍ଧ, ଅପରିବର୍ତ୍ତନୀୟ ଆଲୋକର ବିଧାନ ସମସ୍ତଙ୍କ ଦୃଷ୍ଟିରେ ହେଉ ପ୍ରତୀୟମାନ ଏବଂ ତାହା ଏମନ୍ତ ମାନବତା ସଂପନ୍ନ ପୃଥିବୀକୁ ଶାସନ କରୁ, ଯାହା ପରିଶେଷରେ ହୋଇଥିବ ତୁମ ଦିବ୍ୟଚେତନା ପ୍ରତି ଜାଗରୂକ ।

ହେ ମଧୁମୟ ପ୍ରଭୁ, ତୁମେ ଶୁଣିଛ ମୋର ପ୍ରାର୍ଥନା, ତୁମେ ମୋ ଆବାହନର ଦେବ ଉତ୍ତର ।

ଅକ୍ଟୋବର ୭, ୧୯୧୪ – ଶ୍ରୀମା



# ସୌରଦୀପ୍ତ ପଥ

It is because we have the complete experience that we can show a straighter and easier road to others – if they will only consent to take it. It is because of our experience won at a tremendous price that we can urge upon you and others, "Take the psychic attitude; follow the straight sunlit path, with the Divine openly or secretly upbearing you – if secretly, he will yet show himself in good time, – do not insist on the hard, hampered, roundabout and difficult journey."

– Sri Aurobindo

ଆମର ପରିପୂର୍ଣ୍ଣ ଅନୁଭୂତି ରହିଥିବାରୁ ଆମେ ଅନ୍ୟମାନଙ୍କୁ ଏକ ଅପେକ୍ଷାକୃତ ଅଧିକ ସିଧାସଳଖ ଓ ସହଜ ମାର୍ଗ ଦେଖାଇ ପାରିବୁ – ଯଦି ସେମାନେ ଖାଲି ଏହାକୁ ଗ୍ରହଣ କରିବାକୁ ରାଜି ହୁଅନ୍ତି । ଯେହେତୁ ଆମର ଅନୁଭୂତି ଲାଗି ଆମକୁ ପ୍ରଚଣ୍ଡ ମୂଲ୍ୟ ଦେବାକୁ ପଡ଼ିଛି ସେଥିଯୋଗୁଁ ତୁମକୁ ଓ ଅନ୍ୟମାନଙ୍କୁ ଆମେ ଜୋର ଦେଇ କହିପାରୁଛୁ, ‘‘ଚୈତ୍ୟ ମନୋଭାବ ଗ୍ରହଣ କର; ପ୍ରଚ୍ଛନ୍ନ କିଂବା ପ୍ରକାଶ୍ୟଭାବେ ହେଉ, ଭଗବାନଙ୍କ ଆଶ୍ରୟ ମଧ୍ୟରେ ସିଧା ସୌରଦୀପ୍ତ ପଥଟିକୁ ଅନୁସରଣ କର । ଯଦି ସେ ପ୍ରଚ୍ଛନ୍ନ ଭାବେ ଧାରଣ କରିଥା’ନ୍ତି ତଥାପି ସେ ନିଜକୁ ଉପଯୁକ୍ତ ସମୟରେ ପ୍ରକାଶ କରିବେ,– ଯେଉଁ ଯାତ୍ରା କଠିନ, ବାଧାଯୁକ୍ତ, ବୁଲାଣି ଏବଂ କଷ୍ଟକର ତାହା ଉପରେ ଜୋର ଦେଇ ଚେଷ୍ଟା କରନା ।’’

– ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ସପ୍ତମ ସର୍ଗ, ମହା-ରାତ୍ରି ମଧ୍ୟକୁ ଅବତରଣ

**(The Descent into Night)**

**(୫୫)**

## ଶ୍ରୀଅରବିନ୍ଦ

Announcing the advent of a perilous Form
An ominous tread softened its dire footfall
That none might understand or be on guard;
None heard until a dreadful grasp was close.

ଏକ ବିପଜ୍ଜନକ ମହାକାୟ ରୂପର ଆଗମନୀକୁ ଘୋଷଣା କରି ଏକ ଅମଙ୍ଗଳସୂଚକ ପଦକ୍ଷେପ ତା'ର ଭୟାନକ ପଦପାତକୁ ନରମ କରିଦେଲା, ତା'ହେଲେ କେହି ବୁଝି ପାରିବେନି କିଂବା ସତର୍କ ରହିବେନି; ଏକ ଭୀତିପ୍ରଦ ହସ୍ତମୁଠି ନିକଟସ୍ଥ ହେବା ପର୍ଯ୍ୟନ୍ତ କେହି ବି ଶୁଣି ନଥିଲେ ।

Or else all augured a divine approach,
An air of prophecy felt, a heavenly hope,
Listened for a gospel,
watched for a new star.

ନଚେତ୍ ସମସ୍ତେ ଏ ଭାବଗତ ଆଗମନୀର ସୂଚନା ଦେଇଥିଲେ, ଭବିଷ୍ୟବାଣୀର ଏକ ବାତାବରଣକୁ ତଥା ସ୍ୱର୍ଗୀୟ ଆଶାକୁ ଅନୁଭବ କଲେ, ସେମାନେ ଏକ ଧର୍ମଶାସ୍ତ୍ରକୁ କର୍ଣ୍ଣପାତ କଲେ, ଏକ ନୂତନ ତାରକା ସକାଶେ ଜାଗ୍ରତ୍ ରହିଲେ ।

The Fiend was visible but cloaked in light;
He seemed a helping angel from the skies :
He armed untruth with Scripture and the Law;
He deceived with wisdom,
with virtue slew the soul
And led to perdition by the heavenward path.

ସଇତାନଟି ଦୃଶ୍ୟମାନ ହେଲା କିନ୍ତୁ ଆଲୋକାବୃତ ହୋଇ ରହିଥିଲା : ଊର୍ଦ୍ଧ୍ୱାକାଶରୁ ଆସିଥିବା ଏକ ସାହାଯ୍ୟକାରୀ ଦେବଦୂତ ସମ ପ୍ରତୀୟମାନ ହେଲା : ସେ ଅସତ୍ୟକୁ ମହାଶାସ୍ତ୍ର ଓ ଦିବ୍ୟନିୟମ ଦେଇ ଅସ୍ତ୍ରଭୂଷିତ କଲା, ଜ୍ଞାନ ସହ ସେ ପ୍ରତାରଣା କଲା, ପୁଣ୍ୟ ସହ ଆତ୍ମାକୁ ହତ୍ୟା କଲା ଓ ସ୍ୱର୍ଗମୁଖୀ ପଥବାଟେ ନର୍କକୁ ପଥପ୍ରଦର୍ଶନ କଲା ।

A lavish sense he gave of power and joy,
And, when arose the warning from within,
He reassured the ear with dulcet tones
Or took the mind captive in its own net;
His rigorous logic made the false seem true.

କ୍ଷମତା ଓ ଆନନ୍ଦକୁ ସେ ଏକ ଅସଂଯତ ଭାବ ଦେଲା ଏବଂ ଅନ୍ତର ଭିତରୁ ସତର୍କ ବାଣୀଟି ଯେତେବେଳେ ଉତ୍ଥିତ ହେଲା, ସେ କର୍ଣ୍ଣକୁ ମଧୁର ସ୍ୱରରେ ପୁନଃ ପୁନଃ ପ୍ରତିଶ୍ରୁତ କଲା କିଂବା ମନକୁ ତା' ନିଜ ଜାଲରେ ବନ୍ଦି କରି ନେଲା; ତା'ର କଠୋର ତର୍କବିଦ୍ୟା ମିଥ୍ୟାକୁ ସତ୍ୟଭାବେ ପ୍ରତୀୟମାନ କରାଇଲା ।

Amazing the elect with holy lore
He spoke as with the very voice of God.

ନିର୍ବାଚିତ ବ୍ୟକ୍ତିଙ୍କୁ ପବିତ୍ର ପାଣ୍ଡିତ୍ୟରେ ଆଶ୍ଚର୍ଯ୍ୟଚକିତ କରି ସେ ଅବିକଳ ପରମେଶ୍ୱରଙ୍କ କଣ୍ଠସ୍ୱରରେ କଥା କହିଲା ।

The air was full of treachery and ruse;
Truth-speaking was a stratagem in that place;
Ambush lurked in a smile and peril made
Safety its cover, trust its entry's gate :
Falsehood came laughing with
the eyes of truth;
Each friend might turn an enemy or spy,

The hand one clasped ensleeved
a dagger's stab
And an embrace could be Doom's iron cage.

ବିଶ୍ୱାସଘାତକତା ଓ ଶଠତାରେ ଭରପୂର ଥିଲା ସେ ବାୟୁମଣ୍ଡଳ; ସତ୍ୟବଚନ ଥିଲା ସେ ଇଲାକାରେ ଏକ ଫନ୍ଦି ବା କୌଶଳ; ଏକ ଗୁପ୍ତ ଆକ୍ରମଣ ଅବସ୍ଥାନ କରୁଥିଲା ଗୁପ୍ତଭାବେ ଏବଂ ବିପଦ ତା'ର ଘୋଡ଼ଣୀ କରିଥିଲା ନିରାପତ୍ତାକୁ, ଭରସାକୁ କରିଥିଲା ତା'ର ପ୍ରବେଶ ଦ୍ୱାର : ସତ୍ୟର ନୟନଯୁଗଳ ଧାରଣ କରି ମିଥ୍ୟା ହସି ହସି ଆସିଥିଲା; ପ୍ରତ୍ୟେକ ବନ୍ଧୁ ଏକ ଶତ୍ରୁ ବା ଗୁପ୍ତଚରରେ ପରିଣତ ହୋଇପାରେ, ଯେଉଁ ହସ୍ତରେ ଜଣେ ଆଲିଙ୍ଗନ କରିଥିଲା, ତାହା ଏକ ଖଣ୍ଡାର ଆଘାତ ହୋଇପାରେ ଏବଂ ଆଲିଙ୍ଗନ ସର୍ବନାଶର ଲୌହ ପିଞ୍ଜରା ହୋଇପାରେ ।

(କ୍ରମଶଃ)

ଗଦ୍ୟାନୁବାଦ : ସୁବୋଧ କୁମାର ଦାସ

❑❑❑

## ତ୍ରିବିଧ ରୂପାନ୍ତର –
## ଚୈତ୍ୟ, ଆଧ୍ୟାତ୍ମିକ ଓ ଅତିମାନସ

ଏହି ଯୋଗର ମୌଳିକ ଉପଲବ୍ଧିଗୁଡ଼ିକ ହେଉଛି :

୧. ଚୈତ୍ୟ ପରିବର୍ତ୍ତନ, ଯାହା ଫଳରେ ପୂର୍ଣ୍ଣ ଭକ୍ତିହିଁ ହେବ ହୃଦୟର ପ୍ରଧାନ ଉଦ୍ଦେଶ୍ୟ ଓ ପ୍ରେରଣା ଏବଂ ମା'ଙ୍କ ସହିତ ନିରନ୍ତର ଯୁକ୍ତ ରହି ତାଙ୍କରି ଦିବ୍ୟଉପସ୍ଥିତିରେ ସମଗ୍ର ଚିନ୍ତା, ଜୀବନ ଓ କର୍ମର ତାହାହିଁ ହେବ ନିୟାମକ ।

୨. ମସ୍ତକ ଓ ହୃଦୟ ଭିତର ଦେଇ ସମଗ୍ର ସତ୍ତା ଭିତରକୁ ଊର୍ଦ୍ଧ୍ୱତର ଦିବ୍ୟଚେତନାର ଶାନ୍ତି, ସାମର୍ଥ୍ୟ ଓ ଆଲୋକ ଆଦିର ଅବତରଣ ଯେପରିକି ତାହା ଦେହର ଜୀବକୋଷସବୁକୁ ମଧ୍ୟ ଅଧିକାର କରିବ ।

୩. ଅନନ୍ତ ଭାବରେ ସର୍ବତ୍ର ସେହି ପରମ ଏକ ଏବଂ ଭଗବାନଙ୍କର ପ୍ରତ୍ୟକ୍ଷ, ସର୍ବତ୍ର ମା'ଙ୍କ ପ୍ରତ୍ୟକ୍ଷ ଏବଂ ସେହି ଅନନ୍ତ ଚେତନାରେ ବାସ କରିବା ।

ତୁମେ ଜାଣ, ଯେଉଁ ତିନିଟି ବିଷୟ ଉପରେ ଉପଲବ୍ଧିର ଭିତ୍ତି ପ୍ରସ୍ତୁତ ହେବ, ତାହାହେଲା :

୧. ମନର ଊର୍ଦ୍ଧ୍ୱରେ ଏକ ସ୍ଥିତିକୁ ଆରୋହଣ ଏବଂ ବିଶ୍ୱଚେତନାର ଉନ୍ମୀଳନ ।

୨. ଚୈତ୍ୟ ଉନ୍ମୀଳନ ।

୩. ସ୍ଥୂଳ ଦୈହିକ ଚେତନା ସମେତ ସତ୍ତାର ସମସ୍ତ ଭୂମି ଭିତରକୁ ନିଜର ଶାନ୍ତି, ଆଲୋକ, ଶକ୍ତି, ଜ୍ଞାନ ଓ ଆନନ୍ଦ ଆଦି ସହ ଊର୍ଦ୍ଧ୍ୱତର ଚେତନାର ଅବତରଣ ।

ତୁମର ଅଭୀପ୍ସା, ଭକ୍ତି ଓ ସମର୍ପଣର ସହଯୋଗରେ ଏ ସମସ୍ତ କିଛି ସମ୍ପନ୍ନ ହେବ ମା'ଙ୍କ ଶକ୍ତିର କ୍ରିୟା ଦ୍ୱାରା ।

ଏହାହିଁ ପଥ । ବାକି କଥା ହେଉଛି ଏଗୁଡ଼ିକ କାର୍ଯ୍ୟକାରୀ ହେବା, ଯେଉଁଥିପାଇଁ ତୁମକୁ ମା'ଙ୍କ କ୍ରିୟା ଉପରେ ପୂର୍ଣ୍ଣ ବିଶ୍ୱାସ ରଖିବାକୁ ହେବ ।

– ଶ୍ରୀଅରବିନ୍ଦ

# ଜଣେ ମୁକ୍ତ ମଣିଷ ହେବା ସଂପର୍କରେ

**ଶ୍ରୀମା**

## ଜଣେ ମୁକ୍ତ ମଣିଷ ହେବା ସଂପର୍କରେ

ଜଣେ କିଛି କାର୍ଯ୍ୟ କରିବା ପାଇଁ ହେଲେ, ତାକୁ ଭଗବତ୍ ପ୍ରେରଣା ଅବଶ୍ୟ ପାଇବାକୁ ହେବ । ଯାହା ଆବଶ୍ୟକ ହେଉଛି, କୌଣସି ଅଭ୍ୟାସର ବଶବର୍ତ୍ତୀ ହୋଇ, ନିଜର ପ୍ରାଣିକ-ଆବେଗଗୁଡ଼ିକ ଦ୍ୱାରା ପରିଚାଳିତ ହୋଇ, ସବୁପ୍ରକାର ପ୍ରାଣିକ ପ୍ରବେଗ ଦ୍ୱାରା ପ୍ରଣୋଦିତ ହୋଇ, ଏବଂ ଅନ୍ୟଠାରୁ ଆସିଥିବା ବ୍ୟକ୍ତିଗତ ଇଚ୍ଛାଗୁଡ଼ିକ ଦ୍ୱାରା ପରିଚାଳିତ ହୋଇ, ଯାହା ତାକୁ ସେଇ କାମ କରିବାକୁ ପ୍ରବର୍ତ୍ତାଇ ଥାଏ – ତା' ନହେଲେ ସେ ତାହା କରି ନଥା'ନ୍ତା, ଏହି ଅବସ୍ଥାରେ ଜଣେ କୌଣସି କାର୍ଯ୍ୟରେ ହାତ ଦେବା ଆଦୌ ଉଚିତ ନୁହେଁ ।

ଜଣେ ଏହିସବୁ ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିବା ଉଚିତ, ଏସବୁକୁ ଏକାଗ୍ର ଭାବେ ପର୍ଯ୍ୟବେକ୍ଷଣ କରି ଏଗୁଡ଼ିକୁ ଗୋଟି ଗୋଟି କରି ଦିବ୍ୟସତ୍ୟ ସମ୍ମୁଖରେ ରଖିବା ଉଚିତ । ଅବଶ୍ୟ ସେ ଦିବ୍ୟସତ୍ୟକୁ ଯେତିକି ପରିମାଣରେ ଉପଲବ୍ଧି ବା ଗ୍ରହଣ କରିଥାଏ, ଏହା ସେହି ଅନୁଯାୟୀହିଁ ହେବ । କାରଣ ସତ୍ୟର ଏହି ଉପଲବ୍ଧି ସ୍ଥାଣୁ ନୁହେଁ, ଏହା ଗତିଶୀଳ । ତେଣୁ ଜଣେ ଏହାକୁ ଗ୍ରହଣ କରିଥାଏ କ୍ରମଶଃ ଅଧିକରୁ ଅଧିକ ଶୁଦ୍ଧ ରୂପରେ, ଅଧିକରୁ ଅଧିକ ଶକ୍ତିସମ୍ପନ୍ନ ଆକାରରେ, ଅଧିକରୁ ଅଧିକ ସ୍ୱଚ୍ଛ ଦୃଷ୍ଟି ନେଇ । ତୁମର ସବୁ ପ୍ରକାର ଇଚ୍ଛା, ଆବେଗ ଓ ସଂକଳ୍ପାଦିକୁ ଏହା ଆଗରେ ରଖିଦିଅ । ଏବଂ ତୁମେ ଦେଖିବ ଯେ ଏହି ଦିବ୍ୟସତ୍ୟ ତୁମକୁ ଠିକ୍ ପଥ ବତାଇଦେବ – ଆଉ କିଛି ବା କେହି ତୁମର ପଥ ନିରୂପଣ କରିପାରିବେ ନାହିଁ । ଥରକ ପାଇଁ ତୁମେ ଏପରି କର – ତା'ପରେ ଶହେ ଥର କର – ହଜାର ଥର କର – ଲକ୍ଷେ ଥର କର – ଏବଂ ଏହିପରି ଭାବେ ବର୍ଷ ବର୍ଷ ଧରି ନିରବଚ୍ଛିନ୍ନ ପ୍ରଚେଷ୍ଟା କରି ଚାଲିଲେ ତୁମେ କ୍ରମଶଃ ନିଜେ ବୁଝିପାରିବ ଯେ ଅବଶେଷରେ ତୁମେ ଜଣେ ମୁକ୍ତ ମଣିଷ ହୋଇଗଲଣି ।

## ମୁକ୍ତିର ସର୍ତ୍ତ

ଯେତେବେଳେ ଜଣେ ସଂପୂର୍ଣ୍ଣଭାବେ ନିଜକୁ ଈଶ୍ୱରଙ୍କ ପାଖେ ସମର୍ପଣ କରିଦିଏ ସେତେବେଳେ ସେ ସଂପୂର୍ଣ୍ଣ ଭାବେ ମୁକ୍ତ ହୋଇଯାଏ । ଏବଂ ଏହାହିଁ ମୁକ୍ତି ପାଇଁ ପରମ ଓ ଚରମ ସର୍ତ୍ତ । ତୁମେ କେବଳ ଈଶ୍ୱରଙ୍କର ଅଧୀନ ହେବ, ଆଉ କାହାର ନୁହେଁ । ତୁମେ ଏଇ ସମୁଦାୟ ବିଶ୍ୱଠାରୁ ମୁକ୍ତ, କାରଣ ତୁମେ ଏକମାତ୍ର ସେହି ପରମେଶ୍ୱରଙ୍କରହିଁ ଅଧୀନ । ଏବଂ ଏହି ସମର୍ପଣ ହେଲା ପରମ ମୁକ୍ତି । ଏହାପରେ ତୁମେ ମଧ୍ୟ ତୁମର କ୍ଷୁଦ୍ର ବ୍ୟକ୍ତିଗତ ଅହଂରୁ ମୁକ୍ତି ପାଇଯାଅ – ଏହା ସବୁଠାରୁ କଷ୍ଟକର କଥା । କିନ୍ତୁ ସବୁଠାରୁ ସୁଖକର କଥା ମଧ୍ୟ ଏହାହିଁ । ଏକମାତ୍ର ଏହାରି ଦ୍ୱାରାହିଁ ତୁମେ ନିରବଚ୍ଛିନ୍ନ ଶାନ୍ତି, ନିରବଚ୍ଛିନ୍ନ ଆନନ୍ଦ ପାଇଥାଅ । ଏବଂ ଶେଷରେ ଏହାରି ବଳରେହିଁ, ଯାହାକିଛି ତୁମକୁ ପୀଡ଼ା ଦିଏ, ଯାହାକିଛି ତୁମକୁ ଛୋଟ ବାମନ କରିଦିଏ, ଯାହାକିଛି ତୁମକୁ କ୍ଷୀଣ କରିଦିଏ, ନିଃସ୍ୱ କରିଦିଏ, ଯାହାକିଛି ତୁମ ଭିତରେ ଉଦ୍‌ବେଗାଦି ସୃଷ୍ଟିକରେ ଓ ଭୟ ଆଶଙ୍କାଦି ସୃଷ୍ଟିକରେ, ସେସବୁ କବଳରୁହିଁ ତୁମେ ଚିରଦିନ ପାଇଁ ମୁକ୍ତି ପାଇଯାଅ । ତୁମେ ଆଉ କେଉଁ କଥାକୁ ଭୟକର ନାହିଁ, ଆଶଙ୍କା କର ନାହିଁ । ତୁମେ ହୋଇଉଠ ତୁମ ନିୟତିର ପରମକର୍ତ୍ତା । କାରଣ ସେତେବେଳେ ଭଗବାନହିଁ ତୁମ ଭିତରେ ସଂକଳ୍ପ କରୁଥା'ନ୍ତି ଏବଂ ସବୁକିଛିକୁ ନିର୍ଦ୍ଦେଶିତ କରୁଥା'ନ୍ତି । କିନ୍ତୁ ଏହା ଏକା ରାତିକେ ଘଟିଯାଏ ନାହିଁ : ଟିକିଏ ସମୟ ହୁଏତ ଏଥିପାଇଁ ଲାଗିବ । *କିନ୍ତୁ ତୁମ ସଂକଳ୍ପରେ ଯଥେଷ୍ଟ ଉତ୍ସାହ ଭରି ରଖିବ* । ଏ ଦିଗରେ କୌଣସି ପ୍ରୟାସ କରିବା ପାଇଁ ଶଙ୍କିଯିବ ନାହିଁ । ସଙ୍ଗେ ସଙ୍ଗେ ସଫଳତା ନଆସିଲା ବୋଲି ହତୋତ୍ସାହ ହୋଇ ଯିବ ନାହିଁ । ଏକଥା ନିଶ୍ଚିତ ଜାଣିରଖିବ ଯେ ବିଜୟ ସୁନିଶ୍ଚିତ । ଏବଂ ତୁମେ ଯେପରି ଶେଷ ପର୍ଯ୍ୟନ୍ତ ତୁମର ଏହି ପ୍ରୟାସରେ ଲାଗି ରହିବ ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ
## (ପରିଚ୍ଛେଦ : ୪୮)
## ‘‘ଏହି ପୃଥିବୀର ମଣିଷ ?’’
## ମନୋଜ ଦାସ

୧୯୦୭ ମସିହାର ଅକ୍‌ଟୋବର ବେଳକୁ କଲିକତା ମହାନଗରୀରେ ତଥା ବଙ୍ଗଦେଶର ଅନ୍ୟାନ୍ୟ ସହରରେ ଜନସାଧାରଣଙ୍କ ସହ ପୁଲିସର ଘନ ଘନ ସଂଘର୍ଷ ହେଉଥାଏ । ସ୍ୱଦେଶୀ ସ୍ୱେଚ୍ଛାସେବକମାନେ ବିଦେଶୀ ଦ୍ରବ୍ୟ ବର୍ଜନ ଆନ୍ଦୋଳନ ଜୋରସୋର କରିବା ତା’ର ପ୍ରଥମ କାରଣ । ଦ୍ୱିତୀୟ କାରଣ, ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଗିରଫ କରାଯିବାର ପ୍ରତିବାଦରେ ଆହୂତ ସଭା । ପ୍ରଥମେ ପରୋକ୍ଷ ଭୟ ପ୍ରଦର୍ଶନ ଦ୍ୱାରା ଏବଂ ପରେ ବଳପ୍ରୟୋଗ ଦ୍ୱାରା ସଭାଟି ମାନ ବ୍ୟର୍ଥ କରିବାର ପ୍ରଚେଷ୍ଟା ଅବ୍ୟାହତ ରଖିଥାଏ ପୁଲିସ ।

ସେହି ସମୟରେ ଭାରତର ପରିସ୍ଥିତି ପର୍ଯ୍ୟବେକ୍ଷଣ କରିବା ନିମନ୍ତେ କଲିକତାରେ ଆସି ଉପନୀତ ହେଲେ ଜେମସ୍ କିର୍ ହାର୍ଡ଼ି (James Keir Hardie) । ସ୍କଟ୍‌ଲ୍ୟାଣ୍ଡରେ ଜନ୍ମିତ ହାର୍ଡ଼ି (୧୮୫୬-୧୯୧୫) ଥିଲେ ବ୍ରିଟେନ୍‌ରେ ଶ୍ରମିକ ଆନ୍ଦୋଳନର ସବୁଠାରୁ ପ୍ରଖ୍ୟାତ ପ୍ରବର୍ତ୍ତକ ଏବଂ ବ୍ରିଟିଶ ଲୋକସଭା (House of Commons)ରେ ଶ୍ରମିକ ଦଳର ପ୍ରଥମ ନେତା ।

ସେତେବେଳେ ଯୋଗାଯୋଗ ବ୍ୟବସ୍ଥା ଅନୁନ୍ନତ ଥିଲା । ପୂର୍ବରୁ କୌଣସି ଖବର ଦେବାର ସୁଯୋଗ ନପାଇ ହାର୍ଡ଼ି ୧୯୦୭ ଅକ୍‌ଟୋବର ୬ ତାରିଖ ଦିନ ସିଧା ଯାଇ ପହଞ୍ଚିଗଲେ ‘ବନ୍ଦେ ମାତରମ୍’ କାର୍ଯ୍ୟାଳୟରେ । ସେତେବେଳେ ସେଠାରେ କର୍ମଚାରୀ କେତେଜଣ ଥିଲେ, କିନ୍ତୁ ସଂପାଦକ ମଣ୍ଡଳୀର କେହି ଉପସ୍ଥିତ ନଥିଲେ । ଅତିଥି ମହୋଦୟ ଫେରିଗଲେ । ଏ ଖବର ପାଇ ଯଥାଶୀଘ୍ର ସମ୍ଭବ ଶ୍ରୀଅରବିନ୍ଦ ଏବଂ ତାଙ୍କର ସୁଯୋଗ୍ୟ ସଂପାଦକୀୟ ସହକାରୀ ଶ୍ୟାମସୁନ୍ଦର ଚକ୍ରବର୍ତ୍ତୀ ଅତିଥିଙ୍କୁ ଭେଟିବା ନିମନ୍ତେ ତାଙ୍କ ଶିବିର ସ୍ପେନ୍‌ସର୍ ହୋଟେଲରେ ଯାଇ ପହଞ୍ଚିଲେ ।

କିନ୍ତୁ ୟୁରୋପୀୟ ଥାଟ୍‌ର ସେ ହୋଟେଲ ବାରନ୍ଦା ଅତିକ୍ରମ କରି ସ୍ୱାଗତିକା ମେଲାରେ ପାଦଦେବା ଭଳି ସୁଯୋଗ ଦୁଇ ଆଗନ୍ତୁକଙ୍କୁ ମିଳିଲା ନାହିଁ । କାରଣ, ଦୁହେଁ ଯାକ ଥିଲେ ଧୋତି-ପରିହିତ; ସୁଟ୍-ବୁଟ୍ ଶୋଭିତ ନୁହେଁ । ୟୁରୋପୀୟ-ଅଧୁଷିତ ହୋଟେଲ ବା କ୍ଲବ୍ ଘରମାନଙ୍କୁ ଦେଶୀ ପୋଷାକରେ ପ୍ରବେଶ ନିଷିଦ୍ଧ ଥିଲା ।

ଅଗତ୍ୟା ଦୁଇ ଆଗନ୍ତୁକ ହାର୍ଡ଼ି ସାହେବଙ୍କ ସକାଶେ ଚିଠିଟିଏ ଲେଖିଦେଇ ଲେଉଟି ଆସିଲେ । ସେତେବେଳେ ଶ୍ରୀଅରବିନ୍ଦଙ୍କର ବାସଭବନ ଥିଲା ତାଙ୍କର ପ୍ରିୟ ଅନୁଗତ ବନ୍ଧୁ ରାଜା ସୁବୋଧ ମଲ୍ଲିକଙ୍କର ୧୨ ୱେଲିଂଟନ୍ ସ୍କୋୟାରରେ ଅବସ୍ଥିତ ପ୍ରାସାଦ ।

ସେ ପ୍ରାସାଦ ମହାନଗରୀର ସବୁଠାରୁ ସମ୍ଭ୍ରାନ୍ତ ଠିକଣାମାନଙ୍କର ଅନ୍ତର୍ଭୁକ୍ତ । ସେ ପ୍ରାସାଦକୁ ଆସିଛନ୍ତି ଭାରତର ବହୁ ତୁଙ୍ଗନେତା । ସେଠାକୁ ବହୁ ପୂର୍ବରୁ ଆସିଛନ୍ତି ବରୋଦାର ମହାରାଜା ସାର୍ ସୈୟାଜି ରାଓ ଗାଏକୱାଡ୍; ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିବା ନିମନ୍ତେ ଆସିଛନ୍ତି ରବୀନ୍ଦ୍ରନାଥ ଠାକୁର ।

ହାର୍ଡ଼ି ସାହେବ ଆସି ସେହି ପ୍ରାସାଦରେ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କଲେ ସମ୍ଭବତଃ ସେହିଦିନ ସଂଧ୍ୟା ସୁଦ୍ଧା ।

ଅକ୍‌ଟୋବର ୮ ତାରିଖ ସଂଖ୍ୟା ‘ବନ୍ଦେ ମାତରମ୍’ରେ ଶ୍ରୀଅରବିନ୍ଦ ଲେଖିଲେ – ହାର୍ଡ଼ିଙ୍କ ଭାରତ ପର୍ଯ୍ୟଟନ ଭାରତ ସରକାର ତଥା ବ୍ରିଟେନର ଶାସକମାନଙ୍କୁ ବିଚଳିତ କରିଛି । ବିଶେଷତଃ ଭାରତରେ ଇଂରେଜ କର୍ତ୍ତୃତ୍ୱରେ ପ୍ରକାଶିତ ସମ୍ବାଦପତ୍ରମାନେ ତଥା ବ୍ରିଟିଶ ସମ୍ବାଦପତ୍ରମାନେ ତାଙ୍କର ଏଭଳି ପଦକ୍ଷେପକୁ ତୀବ୍ର ସମାଲୋଚନା କରିଛନ୍ତି । ଏପରିକି ହାର୍ଡ଼ି ଭାରତ ଆସିବା ଦ୍ୱାରା ଏ ଦେଶରେ ଝୋଟକଳ ଶ୍ରମିକମାନଙ୍କର ଧର୍ମଘଟ ଉତ୍ସାହିତ ହେଲା, ଦଙ୍ଗା ବି ହୋଇଗଲା – ଆହୁରି କେତେ କ’ଣ ବିଭ୍ରାଟ ନିମନ୍ତେ ସେ ବଳିଷ୍ଠ ଶ୍ରମିକ ନେତା

ଦାୟୀ – ଏଭଳି ଉଦ୍ଭଟ ମନ୍ତବ୍ୟମାନ ପ୍ରକାଶ ପାଇଥିବା କଥା ବ୍ୟଙ୍ଗ୍ୟାତ୍ମକ ଶୈଳୀରେ ପରିବେଷିତ ହେଲା ।

ଶ୍ରୀଅରବିନ୍ଦ ଆହୁରି ମଧ୍ୟ ଲେଖିଲେ ଯେ ସେ ହାର୍ଡ଼ିଙ୍କ ସହ ସାକ୍ଷାତ୍ କରି ବୁଝି ପାରିଲେ ଯେ ଭଦ୍ରଲୋକ ଜଣେ ବଳିଷ୍ଠ, ବୁଦ୍ଧିମାନ୍ ଓ ସ୍ୱଚ୍ଛ ସାଧାରଣ ଜ୍ଞାନସମ୍ପନ୍ନ ବ୍ୟକ୍ତି । ସେ ଭାରତର ସମସ୍ୟା ପ୍ରତି ବିଶେଷ, ଆନ୍ତରିକତାପୂର୍ଣ୍ଣ ଦୃଷ୍ଟିଭଙ୍ଗୀ ପୋଷଣ କରିବାର ଆଶା କରାଯାଏ । କିନ୍ତୁ ସଙ୍ଗେ ସଙ୍ଗେ ସେ ଦେଶବାସୀଙ୍କୁ ସତର୍କ କରିଦେଲେ : ''ସେ ଆମ ପାଇଁ କିଛି କରିପାରିବେ, ଏଭଳି ଧାରଣା ଏକ ଭ୍ରାନ୍ତି । ଅନ୍ୟ ଯେକୌଣସି ଦେଶ ଭଳି ଭାରତବର୍ଷକୁହିଁ ତା' ନିଜ ଉଦ୍ଧାର ପାଇଁ କାର୍ଯ୍ୟ କରିବାକୁ ପଡ଼ିବ । ବିଦେଶୀ ସାହାଯ୍ୟ ଉପରେ ଦେଶ ଯେତେ କମ୍ ବିଶ୍ୱାସ ରଖିବ, ସେତିକି କ୍ଷିପ୍ର ହେବ ତା'ର ନିଜର ମୁକ୍ତି ।''

ସ୍ୱାଧୀନତା ଆନ୍ଦୋଳନରେ ବିଭ୍ରାଟ ସୃଷ୍ଟି କରିବା ନିମନ୍ତେ ବିଦେଶୀ ସରକାର ସାଂପ୍ରଦାୟିକ ବିଭେଦର ଆଶ୍ରା ନେବା କଥା ସର୍ବଜନବିଦିତ । ୧୯୦୭ ମସିହା ଆରମ୍ଭରୁ ସେ ବିଭେଦକୁ ଜୋରଦାର କରିବାରେ ଲାଗିଲେ ସରକାରଙ୍କ ପ୍ରିୟ ବ୍ୟକ୍ତିମାନେ । ସେ ଷଡ଼ଯନ୍ତ୍ରର ମୁଖ୍ୟ ଦେଶୀ ପୃଷ୍ଠପୋଷାକ ବନିଗଲେ ଢାକାର ନବାବ । ଛୋଟ ଓ ମଧ୍ୟମ ଧରଣର ଦୋକାନମାନ ମୁଖ୍ୟତଃ ମୁସଲମାନ ବ୍ୟବସାୟୀମାନଙ୍କ କର୍ତ୍ତୃତ୍ୱରେ ଥିଲା । ବିଦେଶୀ ପଣ୍ୟ ବର୍ଜନ ସେମାନଙ୍କ ସ୍ୱାର୍ଥହାନୀ କରିବ – ଏକଥାରେ ସେମାନେ ଆନ୍ଦୋଳନ-ବିରୋଧୀ ବନିଯିବା ସ୍ୱାଭାବିକ । ଗୋଟାଏ ଗୁଜବ ଚାଲୁ ହୋଇଗଲା – ନବାବ ବାହାଦୁରଙ୍କୁ ସ୍ୱାଧୀନତା ସଂଗ୍ରାମୀମାନେ ଅପମାନ ଦେଇଛନ୍ତି । ସ୍ୱାଧୀନତା ସଂଗ୍ରାମୀମାନେ ଅଧିକାଂଶ ହିନ୍ଦୁ । ଫଳରେ ଏଭଳି ପ୍ରଚାର ମାଧ୍ୟମରେ ହିନ୍ଦୁ ଓ ମୁସଲମାନ ସଂପ୍ରଦାୟ ଭିତରେ ପରସ୍ପର ବିରୋଧ ସୃଷ୍ଟି ବେଶ୍ ସହଜ ହୋଇଗଲା । ଜଣେ ବିଶିଷ୍ଟ (ବାମପନ୍ଥୀ) ଐତିହାସିକ ଲେଖିଛନ୍ତି :

''ଏପ୍ରିଲ ୨୧ ତା: ଦିନ ମୟମନସିଂହ ଜିଲାର ଜାମାଲପୁରଠାରେ ମୁସଲମାନମାନେ ଗୋଟାଏ ମେଳା ଆକ୍ରମଣ କଲେ । ଆତ୍ମରକ୍ଷା ପାଇଁ ପଳାଉଥିବା ହିନ୍ଦୁଟିଏ ନଈରେ ବୁଡ଼ି ମଲା । ଆକ୍ରମଣକାରୀମାନେ ଦୁର୍ଗାବିଗ୍ରହ ଭାଙ୍ଗିଦେଲେ । ୨୭ ଓ ୨୮ ତାରିଖ ମଧ୍ୟବର୍ତ୍ତୀ ରାତିରେ ଜାମାଲପୁର ସହର ଭିତରେ ଦଳେ ସ୍ୱେଚ୍ଛାସେବକ (କେତେଜଣ ଆସିଥିଲେ କଲିକତାରୁ) ସହ ମୁସଲମାନମାନଙ୍କର ସଂଘର୍ଷ ହେଲା । ସେଥିରେ ଆଗ୍ନେୟାସ୍ତ୍ର ବ୍ୟବହାର ହୋଇଥାଏ ।... ଫଳରେ ଅଧିକାଂଶ ହିନ୍ଦୁ ପରିବାର ଭୟଭୀତ ହୋଇ ସ୍ଥାନ ପରିତ୍ୟାଗ କଲେ । ... ମୁଖ୍ୟତଃ ହିନ୍ଦୁ ଜମିଦାର, ଦୋକାନୀ ଏବଂ ମହାଜନମାନଙ୍କ ସମ୍ପତ୍ତି ଦଙ୍ଗାକାରୀମାନଙ୍କ ମୁଖ୍ୟ ଲକ୍ଷ୍ୟ ହେଲେ ବି ବହୁ ବିଗ୍ରହ ବିଧ୍ୱସ୍ତ ହେଲେ ଏବଂ ଧର୍ଷଣ ଓ ବାଧ୍ୟତାମୂଳକ ଧର୍ମାନ୍ତରୀକରଣ ଦିଗରେ ଚେଷ୍ଟା ମଧ୍ୟ ହେଲା ।''[୧]

କଲିକତାରୁ ଆସିଥିବା ସ୍ୱେଚ୍ଛାସେବକମାନେ ହେଲେ ସ୍ୱାଧୀନତା ଓ ଦେଶସେବା ସ୍ୱପ୍ନରେ ଉଦ୍‌ବୁଦ୍ଧ ତରୁଣ ଦଳଟିଏ । ସେମାନଙ୍କ ଅନ୍ତର୍ଭୁକ୍ତ ଥିଲେ ସତର ବର୍ଷ ବୟସ୍କ ସୁଧୀର କୁମାର ସରକାର । ତାଙ୍କ ସ୍ମୃତିକଥାରୁ କିୟଦଂଶ :

''ଯେତେବେଳେ କଲିକତାରେ ଖବର ଆସି ପହଞ୍ଚିଲା ଯେ ଜାମାଲପୁରଠାରେ ଦୁର୍ଗାମୂର୍ତ୍ତିମାନ ଭାଙ୍ଗି ଦିଆଯାଇଛି, ଦୁର୍ବୃତ୍ତମାନଙ୍କୁ କିଛି ଶିକ୍ଷାଦେବା ନିମନ୍ତେ ଆମେ ସାତଜଣ ତତ୍‌କ୍ଷଣାତ୍ ବାହାରି ପଡ଼ିଲୁଁ । ସେଠାରେ ଏକ ବିରାଟ ସଭା ହେଉଥାଏ । ହଜାର ହଜାର ଲୋକ । ହଠାତ୍ ସଂଘର୍ଷ ଆରମ୍ଭ ହୋଇଗଲା । ଆତ୍ମରକ୍ଷା ନିମନ୍ତେ ଆମକୁ ପିସ୍ତଲ ବ୍ୟବହାର କରିବାକୁ ହେଲା । ମୋର ଛ'ଜଣ ସହଯାତ୍ରୀ ଗିରଫ ହେଲେ । ବହୁତ କଷ୍ଟ ସହି ମୁଁ କଲିକତା ପଳାଇ ଆସିପାରିଲି । ସେଠାରେ ଜଣା ଅଜଣା ସମସ୍ତେ ମୋ କୁଶଳତାର ପ୍ରଶଂସା କଲେ । ଆମ ଅଭିଯାନର ସମସ୍ତ ବିବରଣୀ ସମ୍ବାଦପତ୍ରମାନଙ୍କରେ ପ୍ରକାଶ ପାଇଲା ।... ସମ୍ଭବତଃ ମୁଁ ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଯୋଗୁଁ ବଡ଼ମାନେ ମୋତେ ନିର୍ଭରଯୋଗ୍ୟ ମନେ କଲେ ଏବଂ ମୋତେ ଦିଆଗଲା ଉଚ୍ଚ ପାହ୍ୟା । ଶ୍ରୀଅରବିନ୍ଦଙ୍କ ବାସଗୃହରେ ରହି ତାଙ୍କ ଦେଖାଶୁଣା କରିବା ପାଇଁ ମୋତେ ନିର୍ଦ୍ଦେଶ ମିଳିଲା ।

''ସେଠାରେ ରହି ମୁଁ ମୋ ପଢ଼ାଶୁଣା ଅବ୍ୟାହତ ରଖିଲି । ସେତେ ବିରାଟ, ପ୍ରାଜ୍ଞ – ସେତେ ଭଦ୍ର ଓ ଶାନ୍ତ – ସର୍ବତ୍ୟାଗୀ ବ୍ୟକ୍ତିଙ୍କ ପାଖରେ ରହିବାର ସୁଯୋଗରେ ମୁଁ ନିଜକୁ ବିପୁଳ ସମ୍ମାନିତ ମନେ କଲି ।''[୨]

ଶ୍ରୀଅରବିନ୍ଦ ସେତେବେଳେ ଛକୁ ଖାନ୍‌ସାମା ଲେନରେ ଅବସ୍ଥିତ ଗୋଟାଏ ବସାରେ ରହୁଥିଲେ । ସାଥିରେ ଥିଲେ ମୃଣାଳିନୀ ଦେବୀ ଏବଂ ଭଉଣୀ ସରୋଜିନୀ ଦେବୀ । ଶ୍ରୀଅରବିନ୍ଦଙ୍କ ବିଶ୍ୱସ୍ତ ସହକାରୀ ଅବିନାଶ ଭଟ୍ଟାଚାର୍ଯ୍ୟ ସଂସ୍ଥାଟି ପରିଚାଳନା କରୁଥିଲେ ।

ଶ୍ରୀଅରବିନ୍ଦଙ୍କ ଦେଖାଶୁଣା ପାଇଁ ନିଯୁକ୍ତ ହୋଇଥିଲେ ସୁଧୀର କୁମାର । କିନ୍ତୁ ସୁଧୀର କୁମାର ମ୍ୟାଲେରିଆ-ପୀଡ଼ିତ ହେଲେ । ସେତେବେଳେ ଶ୍ରୀଅରବିନ୍ଦଙ୍କ ସ୍ୱାସ୍ଥ୍ୟ ଗୁରୁତର ବିପନ୍ନ ହୋଇଥାଏ । ସେ କଲିକତା ଛାଡ଼ି କିଛିଦିନ ତାଙ୍କ ମାତାମହଙ୍କ ବାସଭବନ ଦେଓଘରରେ ବିତାଇବା ସ୍ଥିର ହେଲା । ସାଥିରେ ଯିବେ ମୃଣାଳିନୀ ଦେବୀ, ସରୋଜିନୀ ଦେବୀ ଏବଂ ଜଣେ ପାଚକ । କିନ୍ତୁ ଅସୁସ୍ଥ ସୁଧୀରକୁମାରଙ୍କୁ ସେ କେମିତି ଛାଡ଼ିଦେଇ ଯିବେ ? ତାଙ୍କୁ ମଧ୍ୟ ସାଙ୍ଗରେ ନେଇଗଲେ । ସୁଧୀର କୁମାରଙ୍କ ସ୍ମୃତିଚାରଣରୁ କିୟଦଂଶ :

''ତଳେ ଗୋଟାଏ ବଡ଼ ସୂତା କାର୍ପେଟ ବିଛା ହେଉଥାଏ । ଆମେ ସମସ୍ତେ ତାହାରି ଉପରେ ଶୋଉଥାଉଁ । ଶ୍ରୀଅରବିନ୍ଦ 'ମହାଭାରତ'ର ତାଙ୍କ ନିଜ କୃତ ଇଂରାଜୀ-ପଦ୍ୟାନୁବାଦ ଫୁଲ୍‌ସ୍କେପ୍ କାଗଜରେ ଟାଇପ୍ କରିଯାଉଥା'ନ୍ତି । ଡାକ୍ତର ପ୍ରାଣକୃଷ୍ଣ ଆଚାର୍ଯ୍ୟ ମୋର ଚିକିତ୍ସା କରୁଥା'ନ୍ତି । ଦିନେ ମୋତେ ଖୁବ୍ ତୀବ୍ର ଜ୍ୱର ହେଲା । କମ୍ପିବାରେ ଲାଗିଥାଏଁ । ହଠାତ୍ ବାନ୍ତି ହୋଇଗଲା । ପାଖରେ ବିଛେଇ ହୋଇ ରହିଥିଲା ଟାଇପକରା କାଗଜତକ । ବାନ୍ତି ତାହାରି ଉପରେ ଅଜାଡ଼ି ହୋଇପଡ଼ିଲା । ଶ୍ରୀଅରବିନ୍ଦଙ୍କ ପ୍ରଶାନ୍ତ ମୁଖମଣ୍ଡଳରେ ସାମାନ୍ୟତମ ଅସନ୍ତୋଷ ଭାବ ଦେଖିଲି ନାହିଁ । ପାଣ୍ଡୁଲିପି ଉଦ୍ଧାର ପାଇଁ ସେ ତରବର ବି ହେଲେ ନାହିଁ । ସେ ଧୀରଭାବରେ ଉଠି ଆବର୍ଜନାତକ ପରିଷ୍କାର କଲେ । ମୋ ଲଜ୍ଜାର ସୀମା ନଥାଏ । ମୋ ହୃଦୟରେ କୃତଜ୍ଞତା ଉଛୁଳି ଉଠୁଥାଏ । ସେଭଳି ସ୍ନେହ ଓ କରୁଣା କେବେ ପାଇ ନଥିଲି – ମୋ ନିଜ ପରିବାରରେ ମଧ୍ୟ ନୁହେଁ । ଭାବିଥିଲି, ଅନ୍ତତଃ ସ୍ୱତଃସ୍ଫୂର୍ତ୍ତଭାବେ ତାଙ୍କ ପାଟିରୁ କିଛି ବାହାରି ପଡ଼ିବ – 'ଆରେ ଆରେ, ସବୁ ନଷ୍ଟ ହୋଇଗଲା !' – ଏମିତି କିଛି ।... ନା, ସେମିତି କିଛି ବାହାରିଲା ନାହିଁ ତାଙ୍କ ମୁହଁରୁ । ତାଙ୍କ ପ୍ରଶାନ୍ତ ମୁହଁରେ ତିଳେ ବି ଭାବାନ୍ତର ଲକ୍ଷ୍ୟ କରିପାରିଲି ନାହିଁ । ତାଙ୍କ ସହ ପ୍ରାୟ ବର୍ଷଟିଏ ବିତାଇଛି । ଉପଦେଶ ବା ହୁକୁମ ଦେବା ତ ଦୂରର କଥା, 'ସେମିତି କରନା !' – ଏଭଳି ଉଚ୍ଚାରଣଟିଏ ମଧ୍ୟ ମୁଁ କେବେ ଶୁଣି ନାହିଁ । ମୁଁ ଯଦି ଅତିଶୟ ଅବାଞ୍ଛନୀୟ କିଛି କରୁଥିଲି ତେବେ ସେ ଖାଲି ଚୁପ୍ ରହିବେ – ଗମ୍ଭୀର ବି ହେବେ ନାହିଁ – ସତେଯେମିତି ସେ ମୋ କଥା ବା କାମ ଲକ୍ଷ୍ୟ କରି ନାହାନ୍ତି !''(୩)

ଅନ୍ୟତ୍ର ସୁଧୀର କୁମାର ଲେଖିଛନ୍ତି :

''ଶ୍ରୀଅରବିନ୍ଦଙ୍କ ସହଜ ସରଳ ଅମାୟିକତା, ହୃଦ୍ୟତା, ସମତା ମୋତେ ଅଭିଭୂତ କରୁଥାଏ । ସନ୍ଦେହ ହେଉଥାଏ – ସେ କ'ଣ ଏହି ପୃଥିବୀର ମଣିଷ ? ମୁଁ ତ ଏମିତି ମଣିଷ ଆଉ ଦ୍ୱିତୀୟ ଦେଖି ନାହିଁ !... ଦୈନନ୍ଦିନ ସାଂସାରିକ ଅଭାବ-ଅନଟନ, ମାନ-ଅଭିମାନ, ହିଂସା-ଦ୍ୱେଷ ସମ୍ବଳିତ ପଟଭୂମିରେ ମୁଁ ଲାଳିତ ପାଳିତ । ମଣିଷ ଏତେ ଉଚ୍ଚ ହୋଇପାରେ, ଏହା କ'ଣ ସମ୍ଭବ ?... କେତେଥର ଦୃଷ୍ଟ ଚକ୍ଷୁ ଯୋଗେ ଖୋଜିଛି ତାଙ୍କର କିଛି ମଣିଷ-ସୁଲଭ ଦୁର୍ବଳତା ଧରିବା ପାଇଁ; କିନ୍ତୁ ପରେ ଲଜ୍ଜାରେ, କ୍ଷୋଭରେ ନିଜକୁହିଁ ଧିକ୍କାର ଦେଇଛି ।''

(କ୍ରମଶଃ)

❑❑❑


**ତଥ୍ୟ ନିର୍ଦ୍ଦେଶିକା**

୧. ସୁମିତ ସରକାର : The Swadeshi Movement in Bengal : Peoples Publishing House, New Delhi : 1973

୨. A Spirit Indomitable : Edited by Mona Sarkar; Shri Sudhir Kumar Birth Centenary Committee, Pondicherry, 1989

୩. ଏକ ଅଦମ୍ୟ ପ୍ରାଣ (ବଙ୍ଗଳା) : ତତ୍ରୈବ ।

# ସମତାର ମାର୍ଗ

[ମହାଯୋଗୀ ଶ୍ରୀଅରବିନ୍ଦଙ୍କ ରଚିତ **'The Synthesis of Yoga'** (ଯୋଗସମନ୍ୱୟ) ଗ୍ରନ୍ଥର ଉତ୍ତରାର୍ଦ୍ଧର ଚତୁର୍ଥଭାଗ ''ଆତ୍ମପରିପୂର୍ଣ୍ଣତାର ଯୋଗ''ର ଦ୍ୱାଦଶ ଅଧ୍ୟାୟ ''ସମତାର ମାର୍ଗ'' (**The Synthesis of Yoga, Part - IV, The Yoga of Self-Perfection, Chapter - XII "The Way of Equality"**ର ଅବଲମ୍ବନରେ ।]

## ପୂର୍ଣ୍ଣଚନ୍ଦ୍ର ମହାପାତ୍ର

''The very first necessity for spiritual perfection is a perfect equality.''

(*The Synthesis of Yoga*, p. 698)

ଆଧ୍ୟାତ୍ମିକ ପରିପୂର୍ଣ୍ଣତା ପାଇଁ ପ୍ରଥମ ଆବଶ୍ୟକତା ହେଲା ପରିପୂର୍ଣ୍ଣ ସମତା । ଏହି ସମତ୍ୱ ଦୁଇ ଧରଣର । ଗୋଟିଏ ନିଷ୍କ୍ରିୟ, ଅନ୍ୟଟି ସକ୍ରିୟ । ପ୍ରକୃତିର ବିକାର ମଧ୍ୟରୁ ନିଜକୁ ବିବିକ୍ତ ବା ପୃଥକ୍ କରି ଆତ୍ମାର କୈବଲ୍ୟରେ ପ୍ରତିଷ୍ଠିତ ହେବା ନିଷ୍କ୍ରିୟ ସମତା । ଏହା ପ୍ରକୃତିର ନିମ୍ନତର କ୍ରିୟାରୁ ମୁକ୍ତି ଏବଂ ବ୍ରହ୍ମର ନିଶ୍ଚଳ ଶାନ୍ତି ମଧ୍ୟରେ ଅନୁପ୍ରବେଶ । ସକ୍ରିୟ ସମତା ହେଲା ଆମକୁ ଉଚ୍ଚତର ପ୍ରକୃତିର ପରିପୂର୍ଣ୍ଣ ସତ୍ତା ଓ ଶକ୍ତି ମଧ୍ୟକୁ ବିମୋଚିତ କରିଦେବା । ଏଥିରେ ଅନୁଭୂତ ହେବ ରସ, ପ୍ରୀତି, ଆନନ୍ଦ – ସର୍ବାନନ୍ଦ । ଆଉ ନିଷ୍କ୍ରିୟ ସମତା ହେଲା – ତିତିକ୍ଷା, ଉଦାସୀନତା, ନତି, ଇଂରାଜୀରେ endurance, indifference and submission.

ନିଷ୍କ୍ରିୟ ସମତା ଦ୍ୱାରା କ୍ରିୟାଶୀଳ ଅଜ୍ଞାନ ପ୍ରକୃତିକୁ ନିଜ ମଧ୍ୟରୁ ଦୂର କରିହେବ ଏବଂ ବ୍ରହ୍ମର ଶାନ୍ତି ମଧ୍ୟରେ ବ୍ୟକ୍ତି ପ୍ରତିଷ୍ଠିତ ହୋଇପାରିବ । ସକ୍ରିୟ ସମତା ଦ୍ୱାରା ସେହି ଶାନ୍ତି ମଧ୍ୟରେ ବ୍ୟକ୍ତି ପ୍ରତିଷ୍ଠିତ ହୋଇଥାଏ । ତଥାପି ସେ ପରମ ଦିବ୍ୟ-ସ୍ୱରୂପଙ୍କର ଆନନ୍ଦ ମଧ୍ୟରେ ମଧ୍ୟ ଅବସ୍ଥାନ କରିପାରେ । ପ୍ରକୃତି ଉପରେ ଦିବ୍ୟଜ୍ଞାନ, ଦିବ୍ୟସାମର୍ଥ୍ୟ, ଦିବ୍ୟଆନନ୍ଦ ମଧ୍ୟ ଏହି ସକ୍ରିୟ ସମତା ଦ୍ୱାରା ପ୍ରତିଷ୍ଠିତ ହୋଇପାରେ ।

ପୂର୍ବେ କହିଛୁ, ତିନୋଟି ତତ୍ତ୍ୱରୁ ନିଷ୍କ୍ରିୟ ସମତାର ଉପଲବ୍ଧି ହୋଇପାରେ । ତାହା ହେଲା ତିତିକ୍ଷା ବା ସହନଶୀଳତା, ଉଦାସୀନତା ଓ ନତି । ପ୍ରାତିଭାସିକ ପ୍ରକୃତିର ସକଳ ସ୍ପର୍ଶ ଓ ପ୍ରଭାବକୁ ସହିଯିବା ହେଲା ତିତିକ୍ଷା । କିନ୍ତୁ ଆତ୍ମା ଏହି ସବୁ ସ୍ପର୍ଶ ଓ ପ୍ରଭାବକୁ ସହିବାକୁ ବାଧ୍ୟ ନୁହେଁ । ତିତିକ୍ଷା ସାଧନ (endurance)ର ତିନୋଟି ପର୍ବ । ପ୍ରଥମ ପର୍ବ ଶକ୍ତି ବୃଦ୍ଧି । ଏହା ପ୍ରତିରୋଧର ଶକ୍ତି, ଏହାର ବୃଦ୍ଧି ଘଟେ ଅଭ୍ୟାସଦ୍ୱାରା । ପ୍ରଥମେ ଯାହା କଷ୍ଟ ବୋଧ ହେଉଥିଲା ଅଭ୍ୟାସ ଦ୍ୱାରା ତାହା ଏବେ ସହ୍ୟ ହୋଇଯାଏ । ଯଦି ଦୁଃଖକଷ୍ଟ ପାଇବା ବେଳେ ଚିତ୍ତକୁ ଅନ୍ତର୍ମୁଖୀ କରିହୁଏ, ତେବେ ପ୍ରକାଶ ପାଏ ବିବେକ । ଏହା ତିତିକ୍ଷାର ଦ୍ୱିତୀୟ ଅବସ୍ଥା । ଏପରି ଅବସ୍ଥାରେ ଆତ୍ମଚୈତନ୍ୟ ଦୁଇଭାଗ ହୋଇଥାଏ । ଏକ ଭାଗ ପ୍ରକୃତି ସହ ଜଡ଼ିତ । ଏ ଭାଗରେ ସୁଖ-ଦୁଃଖ ଭୋଗ କରିବାକୁ ହୁଏ । ଅନ୍ୟଭାଗ ଦ୍ରଷ୍ଟା ଭାଗ । ଏହା ନିର୍ବିକାର ଭାବେ ସୁଖ-ଦୁଃଖକୁ ଊର୍ଦ୍ଧ୍ୱରୁ ଦେଖିଚାଲେ । ଏପରି ଦ୍ରଷ୍ଟୃତ୍ୱ ଫଳରେ ଅପରାପ୍ରକୃତିର ପ୍ରକମ୍ପିତ ଉତ୍ତାଳତା ସ୍ଥାନରେ କ୍ରମଶଃ ନିବିଡ଼ ଶାନ୍ତି ପ୍ରକାଶ ପାଏ । ଏହି ଶାନ୍ତି ଅବତରି ଆସେ ଦେହ, ମନ, ପ୍ରାଣ ମଧ୍ୟକୁ । ଦ୍ୱିତୀୟ ପର୍ବ ଦ୍ରଷ୍ଟୃତ୍ୱ ପରେ ପ୍ରକୃତିର ପରିଣାମକୁ ସ୍ତବ୍ଧ କରିବାର କ୍ଷମତା ପ୍ରକାଶ ପାଏ । ଏହା ଦିଏ ଇଚ୍ଛାନୁରୂପ କର୍ମ କରିବାର ସାମର୍ଥ୍ୟ । ଏହା ଫଳରେ ବ୍ୟକ୍ତି ଦୁଃଖରେ ନିରୁଦ୍‌ବିଗ୍ନ ଓ ସୁଖରେ ବିଗତସ୍ପୃହ ହୋଇପାରେ । ସୁଖ ଓ ଦୁଃଖର ଊର୍ଦ୍ଧ୍ୱରେ ରହି ବ୍ୟକ୍ତି ପ୍ରସନ୍ନତାରେ ନିମଜ୍ଜିତ ହୋଇଯାଏ । ଏହା 'ଗୀତା'ର ମତରେ ସ୍ଥିତପ୍ରଜ୍ଞ ଅବସ୍ଥା ।

ସମତାର ଦ୍ୱିତୀୟ ଅଙ୍ଗ ହେଲା ତଟସ୍ଥ ଉଦାସୀନତା (indifference) । ଏହାକୁ ଉପେକ୍ଷା ବି କହିପାରିବା । ଯେବେ ସାଧକ ଚିତ୍ତଚାଞ୍ଚଲ୍ୟର ମୂଳ କ'ଣ ବିଚାର କରି ତଟସ୍ଥଭାବେ ଦେଖିପାରେ, ଏହା ଅବିଦ୍ୟା, ଅହଂକାର ଓ କାମନା-ବାସନା, ତେବେ ସେ କ୍ରମଶଃ ପ୍ରଜ୍ଞାନର ଉଚ୍ଚଭୂମିରେ ଆରୂଢ଼ ହୋଇ ଏସବୁକୁ ଦେଖେ, ତହିଁର ସ୍ପର୍ଶରୁ ଊର୍ଦ୍ଧ୍ୱରେ ରହି । ଏହାହିଁ ଉପେକ୍ଷାର ବିଷୟ । ଏହି ସ୍ଥିତିରେ ସଂଯମ ସ୍ୱାଭାବିକ ଭାବେ ହୋଇଯାଏ । ଏହି ଉଚ୍ଚ ଚେତନାର ଭୂମିକୁ କୌଣସି ଚାଞ୍ଚଲ୍ୟ ସ୍ପର୍ଶ କରିପାରେ ନାହିଁ ।

ଉଦାସୀନତା ସାଧନାର ପ୍ରକାର ତିନିଗୋଟି । ପ୍ରଥମ ହେଲା ପ୍ରତ୍ୟାହାର । ନିଜ ଇଚ୍ଛାନୁସାରେ ଚେତନାକୁ ବାହାରର ସ୍ପର୍ଶରୁ ଦୂର ଓ ବିଚ୍ଛିନ୍ନ କରିପାରିବା । ଦ୍ୱିତୀୟ ପର୍ବ ହେଲା କୂଟସ୍ଥତା, ନିଜ ମଧ୍ୟରେ ଆତ୍ମସ୍ଥିତିର ଗଭୀର ବୋଧ । ଏଇ ଅବସ୍ଥାରେ ଦେଖିହୁଏ ବାହାର ଜଗତରେ ଚାଲିଛି ପ୍ରଚଣ୍ଡ ଆଲୋଡ଼ନ । ମାତ୍ର ଏହା ବ୍ୟକ୍ତିକୁ ସାମାନ୍ୟତମ ବିଚଳିତ କରିପାରେ ନାହିଁ । ଉପେକ୍ଷାର ତୃତୀୟ ପର୍ବ ବ୍ରହ୍ମସଂସ୍ପର୍ଶଜନିତ ଅତ୍ୟନ୍ତ ସୁଖ । ଏହାକୁ କହିପାରିବା ଆତ୍ମରତି । ଏଠି ନେତିଭାବନାର ଦ୍ୱିଧା ନଥାଏ । ଅନ୍ତର ସେତେବେଳେ ଦିବ୍ୟଭାବରେ ରସାଣିତ ।

ସମତ୍ୱର ତୃତୀୟ ଅଙ୍ଗ ହେଲା ନତି ବା ପ୍ରପତ୍ତି । ଏହା ଆତ୍ମସମର୍ପଣ ଓ ଭକ୍ତିଭାବରୁ ସୃଷ୍ଟ । ଭକ୍ତି ଆତ୍ମରତିର ଲାବଣ୍ୟ ବୋଲି ବୋଧ ହୁଏ । ଏହା ହେଲା ପରମେଶ୍ୱରଙ୍କ ଇଚ୍ଛା ଉପରେ ନିଜକୁ ଛାଡ଼ିଦେବା, ଯାହା ପରିପୂର୍ଣ୍ଣ ଆତ୍ମସମର୍ପଣ । ଏହା ଭାବମୟ ପ୍ରକୃତି ଓ ହୃଦୟର ମାର୍ଗ । ଏଣୁ ଏହା ଭକ୍ତି ତତ୍ତ୍ୱ ସହ ନିବିଡ଼ ଭାବେ ଜଡ଼ିତ । ଏଇ ମାର୍ଗରେ ଗତି କଲେ ସାଧକ ସମତାରେ ଉପନୀତ ହୁଏ । କାରଣ ଏହି ମାର୍ଗର ସାଧକ କ୍ରମଶଃ ଅହଂରୁ ମୁକ୍ତ ହୋଇଯାଏ । ସେ ପ୍ରୀତିକର ବସ୍ତୁଗୁଡ଼ିକରେ ଆନନ୍ଦ ଓ ଅପ୍ରୀତିକର ବସ୍ତୁଗୁଡ଼ିକରେ ଦୁଃଖ ସହିତ ପୂର୍ବପରି ଆଉ ବାନ୍ଧି ହୋଇ ରହେ ନାହିଁ । ଏସବୁକୁ ଆମେ ଆମ ସତ୍ତାର ପରମ ପ୍ରଭୁଙ୍କ ଶ୍ରୀଚରଣରେ ସମର୍ପଣ କରିଦେଉ । ଆମେ କ୍ରମଶଃ ପରମ ପ୍ରଭୁଙ୍କ ବାହନ, ସାଧନ, ସେବକ ଓ ପ୍ରେମିକ ହୋଇଯିବାକୁ ଆସ୍ପୃହାଶୀଳ ହୋଇପଡୁ । ଆମର ଏ ଅବସ୍ଥାରେ ଅନ୍ୟ କିଛି ପ୍ରତି ଆଗ୍ରହ ବା ଆକର୍ଷଣ ରହେ ନାହିଁ । ଏଇ ଅବସ୍ଥାରେ ଅନ୍ତର ଶାନ୍ତି ଓ ଆନନ୍ଦରେ ପୂରିଯାଏ । ଆମେ ଆମର ନିର୍ଦୋଷ ଶାନ୍ତିମୟ ଅନ୍ତର ସତ୍ତାରେ ବୁଡ଼ି ରହୁ ।

ତିତିକ୍ଷା, ଉଦାସୀନତା, ନତି ବା ଆତ୍ମସମର୍ପଣ ଏଗୁଡ଼ିକ ହେଲା ସାଧନାର ତିନୋଟି ମାର୍ଗ । ସାଧକ ଯେଉଁ ମାର୍ଗରୁ ଯାତ୍ରାରମ୍ଭ କଲେ ମଧ୍ୟ ଶେଷରେ ଗୋଟିଏ ବିନ୍ଦୁରେ ମିଳିତ ହୋଇଥା'ନ୍ତି । ସର୍ବପ୍ରଥମେ ବାହ୍ୟବସ୍ତୁଗୁଡ଼ିକର ସ୍ପର୍ଶକୁ ସେମାନେ ନିଷିଦ୍ଧ କରିଥା'ନ୍ତି । ଦ୍ୱିତୀୟତଃ ପ୍ରକୃତିର ବାହ୍ୟ କ୍ରିୟାମାନଙ୍କଠାରୁ ସେମାନେ ଆତ୍ମାକୁ ପୃଥକ୍ କରି ଦର୍ଶାଇ ପାରନ୍ତି । ମାତ୍ର ଯଦି ଆମେ ଏକ ଶାନ୍ତିମୟ ତଟସ୍ଥ ଚେତନା ଦ୍ୱାରା ଜଗତଠାରୁ ନିଜକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ନଦେଇ, ବରଂ ଶାନ୍ତି ଓ ସମତା ସହ ଜଗତ୍ ମଧ୍ୟକୁ ଅବତରଣ କରି ଏହି ସାମର୍ଥ୍ୟରେ ଜଗତକୁ ଅଧିକାର କରିପାରିବା, ତେବେ ଆମର ପୂର୍ଣ୍ଣତା ଅଧିକ ବ୍ୟାପକ ହୋଇପାରିବ । ଯେହେତୁ ଜଗତ୍, ପ୍ରକୃତି ଓ କର୍ମ ପରମଙ୍କ ଏକ ଏକ ଅଭିବ୍ୟକ୍ତି, ଏଣୁ ଏହା ସମ୍ଭବ । ବ୍ୟକ୍ତିଗତ ସାଧନା ପାଇଁ ନିଷ୍କ୍ରିୟ ସମତାର କିଛି ମୂଲ୍ୟ ଅଛି, ପୂର୍ଣ୍ଣାଙ୍ଗ ଓ ଗୋଷ୍ଠୀ ସାଧନା କ୍ଷେତ୍ରରେ ଏହାର ଅପୂର୍ଣ୍ଣତା ଅନୁଭୂତ ।

ଆମେ ଯଦି ଥରେ ପରମ ପୁରୁଷଙ୍କର ପୂର୍ଣ୍ଣଚେତନା ମଧ୍ୟକୁ ଫେରିଆସିବା ତେବେ ଆମେ ସକଳ ବସ୍ତୁର ମୂଲ୍ୟ ନିରୂପଣ କରିପାରିବା ଏବଂ ସେମାନଙ୍କୁ ଗ୍ରହଣ କରି ସେମାନଙ୍କ ଉପରେ ପରମେଶ୍ୱରଙ୍କର ଶାନ୍ତି, ଆନନ୍ଦ, ଜ୍ଞାନ ଓ ସଂକଳ୍ପ ସହ କାର୍ଯ୍ୟ କରିପାରିବା । ଏହା ସକ୍ରିୟ ସମତାର ଧାରା ।

ଏଣୁ ନିଷେଧାତ୍ମକ ଓ ନିଷ୍କ୍ରିୟ ସମତା ଯଥେଷ୍ଟ ନୁହେଁ । ଏହା ବଦଳରେ ସକ୍ରିୟ ଭାବାତ୍ମକ ସମତା ଆବଶ୍ୟକ । ଏଥିପାଇଁ ଆବଶ୍ୟକ ସର୍ବପ୍ରଥମେ ନୂତନ ଜ୍ଞାନ । ସକଳକୁ ଭଗବାନଙ୍କ ମଧ୍ୟରେ, ସର୍ବବସ୍ତୁରେ ଭଗବାନଙ୍କୁ ଦେଖିବା । ଏଥିଲାଗି ପ୍ରୟୋଜନ ହେଲା ବ୍ୟକ୍ତିସକଳ, ଘଟଣା ପରମେଶ୍ୱରଙ୍କ ଏକ ଏକ ମୁଖାବରଣ ଭାବେ ଅନୁଭବ କରିବା ଓ ସବୁ ଶକ୍ତି ସେଇ ଗୋଟିଏ ପରମ ଶକ୍ତିର ବିଭିନ୍ନ ପରିଣାମ ବୋଲି ଜାଣିବାକୁ ହେବ । ଏବେ ବ୍ୟକ୍ତି-ଆତ୍ମା ଓ ବିଶ୍ୱାତ୍ମାର ଏକତ୍ୱ ଅନୁଭବ କରିବାକୁ ହେବ ଏବଂ ବ୍ୟକ୍ତି ସହ ସକଳ ପ୍ରାଣୀ ଯେ ଏକ, ଏଇ ଅନୁଭୂତି ଲାଭ କରିବାକୁ ହେବ । ସକଳ ଶକ୍ତି ଆପଣାର ଆତ୍ମାର ଗତିସ୍ପନ୍ଦନ ବୋଲି ଅନୁଭବ କରିବାକୁ ପଡ଼ିବ । ସେତେବେଳେ ଅନୁଭୂତ ହେବ ସାଧକର ବ୍ୟକ୍ତିତ୍ୱ ବିଶ୍ୱସତ୍ତାର କ୍ରିୟାର ଏକ କେନ୍ଦ୍ର । ଏହା ସତ୍ତ୍ୱେ ଏହି କେନ୍ଦ୍ରଟି ସମସ୍ତଙ୍କଠାରୁ ବିଚ୍ଛିନ୍ନ ନୁହେଁ, ସକଳ ବ୍ୟକ୍ତିତ୍ୱ ସହ ଏହା ଅନ୍ତରଙ୍ଗଭାବେ ସଂଯୁକ୍ତ । ଏବେ ବ୍ୟକ୍ତି ଯାହାକୁ 'ମୋ ବ୍ୟକ୍ତିତ୍ୱ' କହୁଛି, ସେତେବେଳେ ତାହା ପରମେଶ୍ୱରଙ୍କ ବ୍ୟକ୍ତିତ୍ୱ ଏବଂ ଏହା ମଧ୍ୟ ବିଶ୍ୱଗତ, ସତ୍ତାଗତ ଏକ ବ୍ୟକ୍ତିତ୍ୱ । ସେଇ ଅବସ୍ଥାରେ ବ୍ୟକ୍ତି ପରମାନନ୍ଦ କ'ଣ ଜାଣିବାକୁ ପାଇଥାଏ, ତାକୁ ଅନୁଭବ କରିଥାଏ, ତା' ମଧ୍ୟରେ କ୍ରିୟା କରୁଥାଏ ଓ ତାକୁ ଉପଭୋଗ କରୁଥାଏ ଏବଂ ତା' ସହ ଏକାତ୍ମ ହୋଇଯାଏ ।

ଏହି ଅବସ୍ଥାରେ ନିମ୍ନତର ମନ ପରମ ଦିବ୍ୟତାର ପୁଲକ ମଧ୍ୟରେ ଲୀନ ହୋଇଯାଏ । ଏବେ ଅନ୍ତରରେ ଅନୁଭୂତ ହୁଏ ଏକ ସମତାଯୁକ୍ତ ଶାନ୍ତି । ଏଠି ଅନୁଭୂତ ହୁଏ ସର୍ବବୋଧାତୀତ ନିଶ୍ଚଳ ଆନନ୍ଦ । ଏଠାରେ ନିମ୍ନତର ବସ୍ତୁଗୁଡ଼ିକର ପ୍ରଲୋଭନରେ

ଚେତନା ଦୂଷିତ ହେବାର ସମ୍ଭାବନା ନଥାଏ । ସବୁ ଏଠାରେ ସମତାଯୁକ୍ତ ଆନନ୍ଦ ।

ଏହି ମାର୍ଗର ତିନୋଟି ପରିଣାମ ଅନୁଭୂତ ହୁଏ । ପ୍ରଥମତଃ ଆମେ ଆମ ଆତ୍ମାର ଅନୁକୂଳରେ କ୍ରିୟାଶୀଳ ବୁଦ୍ଧି ଓ ସଂକଳ୍ପ ଶକ୍ତିରେ ବିଶ୍ୱଜଗତକୁ ସମତାଯୁକ୍ତ କରିବାର ଶକ୍ତିର ବିକାଶ କରିପାରୁ । ଏସବୁ ସତ୍ତ୍ୱେ ନିମ୍ନତର ମନର ଅଭିଘାତ ସହ ସଂଘର୍ଷ ଲାଗି ରହିପାରେ, କିନ୍ତୁ ଉଚ୍ଚତର ପ୍ରକୃତି କ୍ରମଶଃ ନିମ୍ନତର ପ୍ରକୃତିରୁ ମୁକ୍ତ ହୋଇଯାଏ । ଏକ୍ଷେତ୍ରରେ ପୂର୍ଣ୍ଣଯୋଗର ସାଧକ, ଯିଏ ସାରା ସଂସାର ସହ ସମ୍ପୃକ୍ତ, ସିଏ ନିରାପଦ ରହିପାରେ । କାରଣ ପୂର୍ଣ୍ଣଯୋଗ ସାଧକର ନିଜ ଅସୁବିଧା ସହ ଯଦିଚ ଅନ୍ୟମାନଙ୍କର ଅସୁବିଧା ଯୋଡ଼ି ହୋଇଯାଏ, ତଥାପି ତା'ର ସାଧନାର ଅନ୍ୟ ଏକ ଉଚ୍ଚ ସ୍ଥିତିରେ ଉଚ୍ଚତର ବୁଦ୍ଧି ଓ ସଂକଳ୍ପ ଶକ୍ତିର କ୍ରିୟା ନିମ୍ନତର ମନ, ପ୍ରାଣର ଅଭିଘାତମାନଙ୍କୁ ନିଃଶେଷ କରି ପ୍ରକୃତିର ବିଶାଳ ଶାନ୍ତିମୟ ପ୍ରତିରୂପରେ ପରିଣତ କରିପାରେ ।

ସମତାର ଭାବାତ୍ମକ (Positive) ପଦ୍ଧତିର କ୍ରିୟା ଜ୍ଞାନ, ସଂକଳ୍ପ ଓ ଅନୁଭବ – ଏଇ ତିନୋଟି ଶକ୍ତି କ୍ଷେତ୍ରରେ କାର୍ଯ୍ୟ କରିପାରେ । ସକଳ ସଂବେଗ, ଅନୁଭୂତି ଓ ଇନ୍ଦ୍ରିୟାନୁଭୂତି ଆତ୍ମାର ଏକ ଏକ ସାଧନ । ଆତ୍ମାର ଅନୁଭବହିଁ ବିଶ୍ୱାତ୍ମକ ଆନନ୍ଦ । ଏଣୁ ଜୀବନରେ ଆମେ ସଂଗ୍ରାମ କରିପାରୁ, ଦୁଃଖ ସହିପାରୁ, ସକଳ କଠୋରତର ଅବସ୍ଥାରେ ବି ଆନନ୍ଦ ଅନୁଭବ କରିପାରୁ । ଯାବତୀୟ ବସ୍ତୁରେ ଆନନ୍ଦର ଏକ ତତ୍ତ୍ୱ ରହିଛି । ଆମ ବୋଧଶକ୍ତି ତା'ର ରସ ଆସ୍ୱାଦନ କରିପାରିବ । ମାତ୍ର ଏହାର ବିପରୀତ ମୂଲ୍ୟ ଏହା ଉପରେ ଲଦିଦେଲେ, ଅନୁଭୂତି ବିପରୀତମୁଖୀ ହେବ । ଏଣୁ ଏସବୁକୁ ଆତ୍ମାର ଆଲୋକରେ ଦେଖିବାକୁ ପଡ଼ିବ । ସକଳ ଅସ୍ଥାୟୀ ମୂଲ୍ୟକୁ ଯଥାର୍ଥ ସମତାଯୁକ୍ତ, ଆଧ୍ୟାତ୍ମିକ ରସରେ ରୂପାନ୍ତରିତ କରିବାକୁ ହେବ ।

ପ୍ରାଣତତ୍ତ୍ୱ ଯଥାର୍ଥଭାବେ ଆନନ୍ଦତତ୍ତ୍ୱକୁ ଗ୍ରହଣ କରିପାରନ୍ତା, ଯଦି କାମନା-ବାସନାରୁ ଏହା ଥା'ନ୍ତା ପୂର୍ଣ୍ଣମୁକ୍ତ । ଏହାର ଅଭାବରୁ ତିନୋଟି ପ୍ରକାରର ଅନୁଭବ ଘଟୁଛି । ପ୍ରଥମଟି ସୁଖ-ଭୋଗ, ଦ୍ୱିତୀୟଟି ଦୁଃଖ-ଭୋଗ, ତୃତୀୟଟି ସୁଖ-ଦୁଃଖ ନିରପେକ୍ଷତା । ଏଣୁ ସାଧକ ପାଇଁ ପ୍ରଥମ କାର୍ଯ୍ୟ ହେଉଛି କାମନା-ବାସନାରୁ ମୁକ୍ତି ଓ ବୁଦ୍ଧି ଓ ସୌନ୍ଦର୍ଯ୍ୟ ଶକ୍ତି ଯେଉଁ ରସକୁ ଉପଭୋଗ କରନ୍ତି ସେଇଟିକୁ ଶୁଦ୍ଧଭାବେ ଗ୍ରହଣ କରିବା । ଏହା ସୌନ୍ଦର୍ଯ୍ୟ ଓ ଆନନ୍ଦ ଉପଭୋଗକୁ ଶୁଦ୍ଧ ଓ ନିଶ୍ଚିତ କରିବ ।

ଭାବନା ଓ ଜ୍ଞାନ କ୍ଷେତ୍ରରେ ମାନସିକ କ୍ରିୟାର ତିନିପ୍ରକାର ପରିଣାମ ଘଟିପାରେ । ତାହା ହେଲା ଅବିଦ୍ୟା ବା ଅଜ୍ଞାନ, ଭ୍ରମ ଓ ସତ୍ୟଜ୍ଞାନ ବା ପ୍ରଜ୍ଞାନ । ଭାବାତ୍ମକ ସମତା ସେଇ ତିନୋଟିକୁ ଆତ୍ମ-ଅଭିବ୍ୟକ୍ତିର ତିନୋଟି ସ୍ପନ୍ଦନ ରୂପେ ସ୍ୱୀକାର କରିନେବ ଓ ଅନୁଭବ କରିବ ତାଙ୍କ ମଧ୍ୟରେ ଏକ ଧାରାବାହିକତା । ଦେଖାଯାଏ, ଏହାର ବିବର୍ତ୍ତନ ଅଜ୍ଞାନ ମଧ୍ୟରୁ । ଏହା ସକଳ ଭ୍ରମ ଓ ବିକାରଯୁକ୍ତ ଜ୍ଞାନର ମଧ୍ୟଦେଇ ଯଥାର୍ଥ ଜ୍ଞାନ ବା ପ୍ରଜ୍ଞାନରେ ଉପନୀତ ହୁଏ । ବିଦ୍ୟା ବା ଜ୍ଞାନାଲୋକ, ଅବିଦ୍ୟା ବା ଅନ୍ଧକାର ଦୁଇଗୋଟି ବିରୋଧିତତ୍ତ୍ୱ ନୁହନ୍ତି । ଅବିଦ୍ୟା ମଧ୍ୟରେ ରହିଛି ବିଦ୍ୟାର ପ୍ରବେଗ । ମନ ମଧ୍ୟରେ ଯେତିକି ବୁଦ୍ଧି ଓ ବୋଧିର ସ୍ଫୁରଣ ରହିଛି, ତାହା ରହିଛି ଚେତନାର ଏକ ଆଚ୍ଛନ୍ନ ଅବସ୍ଥା ମଧ୍ୟରେ । ଅଜ୍ଞାନ ବୁଦ୍ଧିକୁ ଆବୃତ କରିରହିଛି । ପୂର୍ବାର୍ଜିତ ଜ୍ଞାନ ସାହାଯ୍ୟରେ ଅଜ୍ଞାନର ଆବରଣଗୁଡ଼ିକୁ ମୁକ୍ତ କରିବାକୁ ହେବ । କେବଳ ଅର୍ଜିତ ଜ୍ଞାନରେ ସାଧକ ସନ୍ତୁଷ୍ଟ ନରହି, ସକଳ ସମ୍ଭାବନାର ଉନ୍ମୋଚନ ପାଇଁ କ୍ରିୟାଶୀଳ ହେବ । ଏଣୁ ଏକ ସମତାଯୁକ୍ତ ମନରେ ଜ୍ଞାତ ଓ ଅଜ୍ଞାତ ସକଳ ବସ୍ତୁରେ ବୁଦ୍ଧିକୁ ଅଭିନିବିଷ୍ଟ କରିବାକୁ ହେବ । ଏଇ ଭାବରେ ସାଧକକୁ ତା'ର ଭ୍ରମର ସମ୍ମୁଖୀନ ହେବାକୁ ପଡ଼ିବ । ସେ ପ୍ରତ୍ୟେକ କ୍ଷେତ୍ରରେ ନିରପେକ୍ଷଭାବ ପୋଷଣ କରି ସକଳର ପଶ୍ଚାତ୍‌ରେ ଥିବା ସତ୍ୟାନୁସନ୍ଧାନ କରିବ । ଭ୍ରମ ମଧ୍ୟରେ ଲୁକ୍କାୟିତ ଜ୍ଞାନର ମଧ୍ୟ ସନ୍ଧାନ କରିବାକୁ ହେବ । କିନ୍ତୁ କୌଣସି କ୍ଷେତ୍ରରେ ନିଜକୁ ସୀମିତ ନରଖି ନୂତନ ଜ୍ଞାନ ଉପଲବ୍ଧି ଓ ଏହାର ସଂପ୍ରସାରଣ କରିଚାଲିବାକୁ ହେବ ଏବଂ ଏହା ମଧ୍ୟରେ ସମନ୍ୱୟକାରୀ ଐକ୍ୟବିଧାୟକ ପ୍ରଜ୍ଞାର ଅନୁସନ୍ଧାନ କରିବାକୁ ହେବ । ଏ କ୍ଷେତ୍ରରେ ଅଗ୍ରଗତି କୌଣସି ସ୍ତରରେ ଅଟକି ଯିବ ନାହିଁ । ପଥ ମଧ୍ୟରେ ଯାହା କିଛି ରୁଢ଼ିଗତ, ଅପୂର୍ଣ୍ଣ, ବିଧ୍ୱଂସକ ହୋଇଥାଉ ପଛକେ, ତାକୁ ଘୃଣା ଦୃଷ୍ଟିରେ ନଦେଖି ତା' ପଶ୍ଚାତ୍‌ରେ ଥିବା ସତ୍ୟକୁ ଆବିଷ୍କାର କରି ଶିଖିବାକୁ ହେବ । ଅଗ୍ରଗତିର ଶେଷ ହୋଇପାରେ ଅତିମାନସରେ । ଏହି ଭୂମିକୁ ଆରୋହଣ କରିବାକୁ ବୁଦ୍ଧିର ସମତାହିଁ ଆମ ପାଇଁ ସର୍ବପ୍ରଧାନ ସର୍ତ୍ତ ।

ଏହାପରେ ଆଲୋଚନା ପରିସରକୁ ଆସେ, ସଂକଳ୍ପରେ ସମତ୍ୱର ପ୍ରୟୋଗ । ଆମ ପ୍ରକୃତିର ପ୍ରତ୍ୟେକ ଭୂମିରେ ଜ୍ଞାନର ସଂକଳ୍ପ ରହିଛି, ରହିଛି ପ୍ରାଣର ସଂକଳ୍ପ ଓ ସଂବେଗଗତ ସଂକଳ୍ପ । ଏହାର ଅର୍ଥ ଆମ ପ୍ରକୃତିର ପ୍ରତ୍ୟେକ ଭାଗରେ ଏକ ସଂକଳ୍ପ

ଶକ୍ତି କ୍ରିୟାଶୀଳା । ଆମ ଭିତରେ ଏହାର ପ୍ରକାଶ ପାଏ ଅନେକ ରୂପେ । ବସ୍ତୁଗୁଡ଼ିକୁ ଏହା ନାନାପ୍ରକାର ପ୍ରତିସ୍ପନ୍ଦନ ଜଣାଏ । ନୈତିକତା ପରିଚାଳିତ ମନ ଉପରେ ପାପ, ପୁଣ୍ୟ ଓ ନୈତିକତା ନିରପେକ୍ଷ ପ୍ରବୃତ୍ତି ହୋଇ ଏହା ରହିଥାଏ । ପ୍ରତିସ୍ପନ୍ଦନ ରୂପେ ଅସାମର୍ଥ୍ୟ, ଶକ୍ତିର ସଂକୋଚ, ଯଥାର୍ଥ ସଂକଳ୍ପ ବା ପ୍ରଭୁତ୍ୱ, ସଂକଳ୍ପର ବିକୃତି ବା ଅସାମର୍ଥ୍ୟ, ତଟସ୍ଥ ହେବାର ପ୍ରବୃତ୍ତି ପ୍ରକାଶ ପାଇପାରେ । ଭାବାର୍ଥକ ସମତା ସାମୟିକ ପ୍ରୟୋଜନ ରୂପେ ଏସବୁ ଗ୍ରହଣ କରିପାରେ । ମାତ୍ର ପରବର୍ତ୍ତୀ କାଳରେ ଏହାକୁ ପରମ ସତ୍ୟର ସଂକଳ୍ପରେ ରୂପାନ୍ତରିତ କରି ବିଶ୍ୱାତ୍ମକ ପ୍ରଭୁତ୍ୱ ଲାଭ କରିବାକୁ ହୁଏ । ଏହା ଫଳରେ ଲାଭ ହୁଏ ସ୍ୱାତନ୍ତ୍ର୍ୟ ।

ଦୀର୍ଘ ସାଧନା ପଥରେ ଦୁଃଖ ବା ନୈରାଶ୍ୟର ସମ୍ମୁଖୀନ ହେବାକୁ ପଡ଼ିବ, ବାଟରେ ବହୁବାର ଝୁଣ୍ଟିବାକୁ ପଡ଼ିବ । ମାତ୍ର ସମତାଯୁକ୍ତ ସଂକଳ୍ପ ଥିଲେ ଏଥିରେ ହତାଶ ବା ଅବସନ୍ନ ହେବାକୁ ପଡ଼ିବ ନାହିଁ । ଏଇସବୁ ଅବସ୍ଥା ସୂଚନା ଦିଏ ଏସବୁ କେତେ ଅପୂର୍ଣ୍ଣ ଓ ଏସବୁ ଅପୂର୍ଣ୍ଣତାର ସଂଶୋଧନର ବାଟ କ'ଣ ଓ ଏହାର ପ୍ରତିକାର କ'ଣ । ଏକ ସମତାଯୁକ୍ତ ବୁଦ୍ଧି ଏସବୁ ବାଧାବିଘ୍ନକୁ ଜାଣିବୁଝି ଅତିକ୍ରମ କରିଯିବ । ସେ ଜାଣିବ ଯେ ପରମ ଶାନ୍ତି ଓ ସମତା ତଥା ବିଶ୍ୱଶକ୍ତିରେ ଉପନୀତ ହେବା ପାଇଁ ଏଇ ବିଘ୍ନ ବା ବିରୋଧଗୁଡ଼ିକର କିଛି ଭୂମିକା ଥିଲା । ସମତାଯୁକ୍ତ ବୁଦ୍ଧି ଶେଷରେ ସେହି ପରମଶାନ୍ତି ଓ ବିଶ୍ୱଶକ୍ତିମତ୍ତା ସହ ଏକତ୍ୱ ଲାଭ କରିପାରିବ । ସେ ସକଳ ଅପୂର୍ଣ୍ଣତା ପ୍ରତି ଘୃଣାଭାବ ନରଖି ଉଦାରଭାବ ପୋଷଣ କରିବ । କାରଣ ସେ ଜାଣିବ ପୂର୍ଣ୍ଣଲକ୍ଷ୍ୟରେ ଉପନୀତ ହେବା ପାଇଁ ସେମାନଙ୍କର କିଛି ନିର୍ଦ୍ଦିଷ୍ଟ ଭୂମିକା ଥିଲା । ଏହି ସମତା ସାଧକକୁ ଅତିମାନସ କ୍ରିୟାଲାଗି ପ୍ରସ୍ତୁତ କରିଚାଲିବ ।

କେତେବେଳେ ଆମ ପ୍ରକୃତି ପରମେଶ୍ୱରଙ୍କ ମାର୍ଗ-ଦର୍ଶନ ପଦ୍ଧତି ଅନୁସରଣ କରି ସକ୍ରିୟ, କେତେବେଳେ ନିଷ୍କ୍ରିୟ, କେବେ ଉଭୟ ସମତା ସାଧନା କରିଚାଲିବ । ଏହା କେଉଁଠି ନିଜକୁ ବାନ୍ଧି ରଖି ସୀମିତ ହେବ ନାହିଁ । ଯଦି ତାହା କରାଯାଏ, ଶାନ୍ତିମଗ୍ନତାକୁ ନେଇ ନିଷ୍କ୍ରିୟ ମାର୍ଗରେ ବ୍ୟକ୍ତିଗତ ମୁକ୍ତି ମିଳିଯିବ, ମାତ୍ର ପୂର୍ଣ୍ଣଯୋଗର ସମଗ୍ରତାକୁ ଏଠାରେ ନିଷିଦ୍ଧ କରାଯିବ । ଏପରି ଅବସ୍ଥାରେ ପୂର୍ଣ୍ଣଯୋଗୀର ସିଦ୍ଧି ବ୍ୟାହତ ହେବ ।

ବର୍ତ୍ତମାନ ଆବଶ୍ୟକ ହେବ ଭାବାତ୍ମକ ଶକ୍ତି ସମ୍ପନ୍ନତା, ଯାହା ଦେବ ସର୍ବବସ୍ତୁ ଉପରେ ପ୍ରଭୁତ୍ୱ । ଏଠି ଆତ୍ମା ହେବ ଶାନ୍ତ, ଶକ୍ତିଶାଳୀ, ବିଶ୍ୱାତ୍ମକ ଶକ୍ତିମତ୍ତାର ଅଧିକାରୀ । ଏଠାରେ ଏକତ୍ୱ ଓ ଆନନ୍ଦ ସ୍ୱାଭାବିକ ।

ତଟସ୍ଥ ଉଦାସୀନତା, ନତ ହୋଇଯିବାର ମାର୍ଗକୁ ମଧ୍ୟ ତା'ର ବିକାଶରେ ସାଧକ ପ୍ରୟୋଗ କଲେ ମଧ୍ୟ ତା'ର ସୀମାରେ ବାନ୍ଧି ହୋଇ ନରହି ପରମଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପିତ ହୋଇପାରିବ । ଏଣୁ ଏପରି ଆନନ୍ଦ ସ୍ଥିତିରେ ନୀରବ ସହିଷ୍ଣୁତାର ପ୍ରୟୋଜନ ରହିବ ନାହିଁ । ସମତ୍ୱର ପ୍ରଶାନ୍ତି ଯେତେ ଗଭୀର ହୋଇଉଠିବ, ସେଇ ପରିମାଣରେ ଅନୁଭବ ହେବ ଶକ୍ତି । ଏହି ଶକ୍ତି କେବଳ ବାଧାବିଘ୍ନ ବିମୋଚନକାରୀ ନୁହେଁ; ଏହା ବିଶ୍ୱର ପରମଛନ୍ଦକୁ ଜୀବନରେ ରୂପ ଦେବାର ଅନାୟାସ ଶକ୍ତି ।

ପୂର୍ଣ୍ଣଯୋଗୀ ନିଷ୍କ୍ରିୟ ଓ ସକ୍ରିୟ ଦୁଇଟି ସମତ୍ୱକୁ ସ୍ୱ-ସାଧନାରେ ବ୍ୟବହାର କରିପାରିବ । ଚେତନାର ପ୍ରତ୍ୟାହାର ଓ ଅନ୍ତରାବୃତ୍ତି, ବାହାରରୁ ଭିତରକୁ ପ୍ରବେଶ କରି ସ୍ୱ-ପ୍ରତିଷ୍ଠ ହେବା ନିଷ୍କ୍ରିୟ ସମତାର ମୂଳକଥା । ଏହା ମୁକ୍ତିର ମାର୍ଗ । ସମତ୍ୱ ସାଧନାରେ ଏହାର ଗୁରୁତ୍ୱ ରହିଛି । କିନ୍ତୁ ଏହା କ'ଣ ଯଥେଷ୍ଟ ? ସ୍ୱାତନ୍ତ୍ର୍ୟ ଓ ପ୍ରଭୁତ୍ୱ ଲାଭ ବ୍ୟତୀତ ଏହା ଅପୂର୍ଣ୍ଣ । ବ୍ୟକ୍ତିର ଆତ୍ମାକୁ ହେବାକୁ ପଡ଼ିବ ରୂପାନ୍ତରର କର୍ତ୍ତା । ତିତିକ୍ଷା ପାଇଁ ଆଉ ଆୟାସ କରିବାକୁ ହେବ ନାହିଁ । ଏବେ ଆତ୍ମାର ଗଭୀରତାରେ ଉପନୀତ ହୋଇ ଆତ୍ମଶକ୍ତିକୁ ବିଚ୍ଛୁରିତ କରିବାକୁ ହେବ । ପୁନଶ୍ଚ ସ୍ଥିତପ୍ରଜ୍ଞର ସାମର୍ଥ୍ୟ ଲାଭ କରି ଅଦିବ୍ୟକୁ ଦିବ୍ୟତାରେ ରୂପାନ୍ତରିତ କରିହେବ । ଏଣୁ ଉଦାସୀନତା, ଉପେକ୍ଷା ପାଇଁ ଚେଷ୍ଟା କରିବାର କି ଆବଶ୍ୟକତା ଅଛି ? ପ୍ରପତ୍ତି ମାଧ୍ୟମରେ ନିଜକୁ ଆଉ ରିକ୍ତ କରିବାର କି ପ୍ରୟୋଜନ ଅଛି ? ଏବେ ପରମଙ୍କ ଆନନ୍ଦରେ, ସୌଷମ୍ୟ ଓ ସାଧର୍ମ୍ୟର ବୀର୍ଯ୍ୟରେ ନିଜକୁ ପୂର୍ଣ୍ଣ କରି ଧରିବାରେ ଉପଲବ୍ଧ ହୋଇଛି ମହନୀୟତା । ନିଜ ମଧ୍ୟରେ ଏବେ ଫୁଟିଉଠେ ସର୍ବାତ୍ମଭାବର ଔଦାର୍ଯ୍ୟ । ବ୍ୟକ୍ତି ଏବେ ବଞ୍ଚିରହେ ଈଶ୍ୱରଙ୍କ ପାଇଁ । ତାକୁ ଈଶ୍ୱରଙ୍କୁ ପାଇବାକୁ ସଂସାର ତ୍ୟାଗ କରିବାକୁ ହୁଏ ନାହିଁ । ତଥାପି ସଂସାର ତାକୁ ମଧ୍ୟ ବାନ୍ଧି ରଖିପାରେ ନାହିଁ । ବାନ୍ଧି ବି ରଖିପାରେ ନାହିଁ ସ୍ୱର୍ଗ ବା ମୁକ୍ତିର ଆକର୍ଷଣ । ସେ ଈଶ୍ୱରଙ୍କ ସହ ଚେତନାର ସବୁ ଭୂମିରେ ଲାଭ କରେ ଏକତ୍ୱ । ସେ ଈଶ୍ୱରଙ୍କ ଅନ୍ତରରେ ବାସ କରିପାରେ, ବାସ କରିପାରେ ତାଙ୍କ ସକଳ ପ୍ରକାଶରେ ମଧ୍ୟ । ଏହାହିଁ ସକଳ ନିଷ୍କ୍ରିୟ ଓ ସକ୍ରିୟ ସମତାର ପରିପୂର୍ଣ୍ଣତା । ସମତା ମାର୍ଗର ଶେଷକଥା ।

❑❑❑

# ମୁଣ୍ଡକ ଉପନିଷଦ୍

## ପ୍ରଥମ ମୁଣ୍ଡକ - ଦ୍ୱିତୀୟ ଖଣ୍ଡ

## (ମୂଳପାଠ)

୧. ତଦେତତ୍ସତ୍ୟଂ ମନ୍ତ୍ରେଷୁ କର୍ମାଣି କବୟୋ ୟାନ୍ୟପଶ୍ୟଂସ୍ତାନି ତ୍ରେତାୟାଂ ବହୁଧା ସଂତତାନି ।
ତାନ୍ୟାଚରଥ ନିୟତଂ ସତ୍ୟକାମା ଏଷ ବଃ ପନ୍ଥାଃ ସୁକୃତସ୍ୟ ଲୋକେ ॥୧॥

୨. ୟଦା ଲେଲାୟତେ ହ୍ୟର୍ଚିଃ ସମିଦ୍ଧେ ହବ୍ୟବାହନେ ।
ତଦାଜ୍ୟଭାଗାବନ୍ତରେଣାହୁତୀଃ ପ୍ରତିପାଦୟେଚ୍ଛ୍ରଦ୍ଧୟା ହୁତମ୍ ॥୨॥

୩. ୟସ୍ୟାଗ୍ନିହୋତ୍ରମଦର୍ଶମପୌର୍ଣମାସମଚାତୁର୍ମାସ୍ୟମନାଗ୍ରୟଣମତିଥିବର୍ଜିତଂ ଚ ।
ଅହୁତମବୈଶ୍ୱଦେବମବିଧିନା ହୁତମାସପ୍ତମାଂସ୍ତସ୍ୟ ଲୋକାନ୍ ହିନସ୍ତି ॥୩॥

୪. କାଲୀ କରାଲୀ ଚ ମନୋଜବା ଚ ସୁଲୋହିତା ୟା ଚ ସୁଧୂମ୍ରବର୍ଣା ।
ସ୍ଫୁଲିଙ୍ଗିନୀ ବିଶ୍ୱରୁଚୀ ଚ ଦେବୀ ଲେଲାୟମାନା ଇତି ସପ୍ତ ଜିହ୍ୱାଃ ॥୪॥

୫. ଏତେଷୁ ୟଶ୍ଚରତେ ଭ୍ରାଜମାନେଷୁ ୟଥାକାଲଂ ଚାହୁତୟୋ ହ୍ୟାଦଦାୟନ୍ ।
ତଂ ନୟନ୍ତ୍ୟେତାଃ ସୂର୍ୟସ୍ୟ ରଶ୍ମୟୋ ୟତ୍ର ଦେବାନାଂ ପତିରେକୋଽଧିବାସଃ ॥୫॥

୬. ଏହ୍ୟେହୀତି ତମାହୁତୟଃ ସୁବର୍ଚସଃ ସୂର୍ୟସ୍ୟ ରଶ୍ମିଭିର୍ୟଜମାନଂ ବହନ୍ତି ।
ପ୍ରିୟାଂ ବାଚମଭିବଦନ୍ତ୍ୟୋଽର୍ଚୟନ୍ତ୍ୟ ଏଷଃ ବଃ ପୁଣ୍ୟଃ ସୁକୃତୋ ବ୍ରହ୍ମଲୋକଃ ॥୬॥

୭. ପ୍ଲବା ହ୍ୟେତେ ଅଦୃଢ଼ା ୟଜ୍ଞରୂପା ଅଷ୍ଟାଦଶୋକ୍ତମବରଂ ୟେଷୁ କର୍ମ ।
ଏତଚ୍ଛ୍ରେୟୋ ୟେଽଭିନନ୍ଦନ୍ତି ମୂଢ଼ା ଜରାମୃତ୍ୟୁଂ ତେ ପୁନରେବାପି ୟନ୍ତି ॥୭॥

(କ୍ରମଶଃ)

(ଦ୍ରଷ୍ଟବ୍ୟ : The Complete works of Sri Aurobindo,
Volume - 18, Kena and other Upanishads, P. 133 - 136)

❑❑❑

# ମୁଣ୍ଡକ ଉପନିଷଦ୍

## ପ୍ରଥମ ମୁଣ୍ଡକ - ଦ୍ୱିତୀୟ ଖଣ୍ଡ

## (ଶ୍ରୀଅରବିନ୍ଦଙ୍କ ଇଂରାଜୀ ଅନୁବାଦର ମୁକ୍ତ ବାଂଲା ଅନୁବାଦ)

ନଳିନୀକାନ୍ତ ଗୁପ୍ତ

### ଦ୍ୱିତୀୟ ଖଣ୍ଡ

୧. ସେଇ ବସ୍ତୁ ହେଲା ଏଇ । ତାହାହିଁ ସତ୍ୟ । ମନ୍ତ୍ରଦ୍ରଷ୍ଟାମାନେ ମନ୍ତ୍ର ମଧ୍ୟରେ ଯେଉଁ କର୍ମସବୁ ଦର୍ଶନ କରିଥିଲେ, ତ୍ରେତାଯୁଗରେ ସେସବୁର ବହୁଧା ବିସ୍ତୃତି ହେଲା । ଏକାଗ୍ର ହୋଇ ସତ୍ୟର ଅଭୀପ୍‌ସାରେ ସେହି କର୍ମ ଆଚରଣ କରିଚାଲ – ସୁକୃତି ଲୋକରେ ପହଞ୍ଚିବା ଲାଗି ଏଇ ହେଲା ତୁମର ପଥ ।

୨. ପ୍ରଜ୍ୱଳିତ ଯଜ୍ଞାଗ୍ନି-ଶିଖା ଯେତେବେଳେ ଲେଲିହାନ ହୋଇଉଠେ, ସେତେବେଳେ ଦୁଇ ଘୃତାର୍ପଣର ଅବକାଶରେ (ମଧ୍ୟଭାଗରେ) ଶ୍ରଦ୍ଧାପୂର୍ଣ୍ଣ ହୋଇ, ବିଶ୍ୱାସ ସହିତ ତୁମର ଆହୁତି ଅର୍ପଣ କର ।

୩. ଯାହାର ଯଜ୍ଞାନୁଷ୍ଠାନରେ ନାହିଁ ଅମା-ନିଶା-କ୍ରିୟା, ନାହିଁ ପୌର୍ଣ୍ଣମାସୀ-କ୍ରିୟା, ନାହିଁ ଚାତୁର୍ମାସ୍ୟ-କ୍ରିୟା, ନାହିଁ ନବାନ୍ନ-କ୍ରିୟା, ଅଥବା ନାହାନ୍ତି ଅତିଥି, ନାହିଁ ଆହୁତି କିଂବା ରହିଛି ଅବିହିତ ଆହୁତି, ନତୁବା ଆହୁତ ହୋଇ ନାହାନ୍ତି ବିଶ୍ୱଦେବତା, ସେ ଆଶା କରିଥିବା ସମସ୍ତ ସପ୍ତଲୋକ ବିନଷ୍ଟ ହୋଇଥାଏ ।

୪. କୃଷ୍ଣବର୍ଣ୍ଣା କାଳୀ, ଭୀଷଣା କରାଳୀ, ମନୋବେଗମୟୀ ମନୋଜବା, ଲୋହିତବର୍ଣ୍ଣା ସୁଲୋହିତା, ଧୂମ୍ରବର୍ଣ୍ଣଧାରୀ ସୁଧୂମ୍ରବର୍ଣ୍ଣା, ସ୍ଫୁଲିଙ୍ଗମୟୀ ସ୍ଫୁଲିଙ୍ଗିନୀ, ସର୍ବସୌନ୍ଦର୍ଯ୍ୟମୟୀ ବିଶ୍ୱରୁଚି – ଏଇ ସାତ ଦେବୀ ହେଲେ ଅଗ୍ନିଙ୍କର ଲେଲିହାନ (ପ୍ରଦୀପ୍ତ ବା ଦେଦୀପ୍ୟମାନ) ସପ୍ତଜିହ୍ୱା ।

୫. ଏମାନେ ଦୀପ୍ୟମାନ ବା ପ୍ରଜ୍ୱଳନ୍ତ ଥିବା ବେଳେ ଯିଏ ଯଥା-କାଳରେ ଅଗ୍ନିଯାଗ ଅନୁଷ୍ଠାନ କରେ, ତାକୁ ତା'ର ଆହୁତିମାନେ ଆସି ଧାରଣ କରନ୍ତି । ଏଇମାନେହିଁ ସୂର୍ଯ୍ୟଙ୍କର ରଶ୍ମିଭାବେ ତାକୁ ଊର୍ଦ୍ଧ୍ୱରେ ଆସୀନ ଥିବା ସକଳ ଦେବତାଙ୍କର ଅଧିପତିଙ୍କ ପାଖକୁ ନେଇଚାଲନ୍ତି ।

୬. ''ଆସ'', ''ଆସ'', ''ଆମ ସହିତ ଆସ'' ବୋଲି ସେହି ଦୀପ୍ତ ଆହୁତିମାନେ ତାକୁ ଡାକନ୍ତି, ଏବଂ ସୂର୍ଯ୍ୟଙ୍କ ରଶ୍ମି ମାଧ୍ୟମରେ ତାକୁ ଧାରଣ ଓ ବହନ କରି ତାକୁ ମଧୁର ବାକ୍ୟ କହି, ଅର୍ଚ୍ଚନା ଓ ଅଭ୍ୟର୍ଥନା କରି ନେଇଚାଲନ୍ତି । କହନ୍ତି, ''ଏଇ ତ ବ୍ରହ୍ମଲୋକ, ତୁମର ସୁକୃତିର ଲୋକ ।''

୭. କିନ୍ତୁ ଯଜ୍ଞର ଏଇସବୁ ରୂପ, ଏଇସବୁ ଯଜ୍ଞୀୟ ନୌକା ବା ବୋଇତମାନ ସୁଦୃଢ଼ ନୁହନ୍ତି । ଏଇ ଅଷ୍ଟାଦଶ ବୋଇତ ବା ଅଠରଟି ନୌକା ମଧ୍ୟରେ କୁହାଯାଇଛି ନିମ୍ନତମ କର୍ମର କଥା । ଯେଉଁମାନେ ଏସବୁକୁ ଶ୍ରେୟଃ ବା ଉପାଦେୟ ବୋଲି ମନେକରି ଅଭିନନ୍ଦନ କରନ୍ତି ସେଇ ମୂଢ଼ମାନଙ୍କୁ ଜରାମରଣ ମଧ୍ୟକୁ ପୁନରାୟ ଆସିବାକୁ ହୁଏ ।

(କ୍ରମଶଃ)

(ମୂଳ ବଙ୍ଗଳା ରଚନାବଳୀ, ୭ମ ଖଣ୍ଡରୁ ଅନୂଦିତ)

ଅନୁବାଦ : ରାମଚନ୍ଦ୍ର ପାଣି ❑

# ଅଧ୍ୟବସାୟରେ ଲାଗିରୁହ

## ଶ୍ରୀଅରବିନ୍ଦ

ଏହି ଯୋଗ ନିଶ୍ଚିତରୂପେ ଦୁରୂହ, କିନ୍ତୁ ଏମିତି କିଛି ଯୋଗ ଅଛି କି ଯାହା ବାସ୍ତବପକ୍ଷରେ ସହଜ ସରଳ ? ତୁମେ ବିଶ୍ୱାତୀତ ପରମଙ୍କ ମଧ୍ୟରେ ଥିବା ମୁକ୍ତି ପ୍ରତି ମୋହ ବିଷୟରେ କହୁଛ; କିନ୍ତୁ ନିର୍ବାଣ ପଥରେ ଯାତ୍ରାରମ୍ଭ କରିଥିବା କେତେଜଣ ଏହାକୁ ଏହି ଜନ୍ମରେ କିଂବା ଏକ ଦୀର୍ଘ, କଠୋର ଶ୍ରମସାଧ୍ୟ ଓ କଷ୍ଟକର ଉଦ୍ୟମ ବିନା ପ୍ରାପ୍ତ କରିଥା'ନ୍ତି ? ମାର୍ଗମାନଙ୍କ ମଧ୍ୟରେ ଏମିତି କେଉଁ ମାର୍ଗ ଅଛି ଯାହାକି ପ୍ରତିଶ୍ରୁତ ଅଞ୍ଚଳ (Promised Land)ରେ ପହଞ୍ଚିବା ପାଇଁ ଶୁଷ୍କ ମରୁଭୂମି ମଧ୍ୟଦେଇ ଯାଇ ନାହିଁ ? ଏମିତିକି ଭକ୍ତି ମାର୍ଗ ଯାହାକୁ କୁହାଯାଏ ସବୁଠାରୁ ସହଜ, ତାହା ମଧ୍ୟ ଭକ୍ତମାନଙ୍କର ବିରହଜନିତ ବିଳାପରେ ଭରପୂର – ସେମାନେ ଆହ୍ୱାନ କରନ୍ତି କିନ୍ତୁ ପ୍ରେମାସ୍ପଦ ତାଙ୍କ ହାତମୁଠାରୁ ଖସି ପଳାନ୍ତି, ମିଳନକ୍ଷେତ୍ର ପ୍ରସ୍ତୁତ ଅଥଚ ସେତେବେଳେ କୃଷ୍ଣଙ୍କର ଆଗମନ ହେଉ ନଥାଏ । ଯଦିବା ଏକ କ୍ଷଣିକ ଝଲକର ଆନନ୍ଦ ମିଳିଥାଏ ବା ମିଳନର ଏକ ପ୍ରବଳ ଆବେଗ ଥାଏ, ତା' ପରେ ପରେ ମାଡ଼ିଆସେ ବିରହର ଦୀର୍ଘକାଳ । ଏହା ଏକ ଭ୍ରାନ୍ତ ଧାରଣା ଯେ ଯୋଗର କୌଣସି ଗୋଟିଏ ମାର୍ଗ ଅଛି ଯାହା ସହଜ ଅଥବା ଭଗବାନଙ୍କ ଦିଗରେ ଏକ ସରଳ ସଂକ୍ଷିପ୍ତ ରାଜପଥ ଅଥବା ''ସରଳୀକୃତ ଫ୍ରେଞ୍ଚ୍'' (French made easy) ବା ''ପ୍ରୟାସ-ବିହୀନ ଫ୍ରେଞ୍ଚ୍'' (French without tears) ପରି ''ସରଳୀକୃତ ଯୋଗ'' ବା ''ପ୍ରୟାସ ବିହୀନ ଯୋଗ''ର ଏକ ପଦ୍ଧତି ହୋଇଥାଏ । ଖୁବ୍ କମ୍ ମହାନ୍ ଆତ୍ମା ଥାଆନ୍ତି ଯେଉଁମାନେ ସେମାନଙ୍କ ପୂର୍ବଜନ୍ମରେ ପ୍ରସ୍ତୁତ ହୋଇଥା'ନ୍ତି କିଂବା ସେମାନଙ୍କର ସାଧାରଣ ଆଧ୍ୟାତ୍ମିକ ସାମର୍ଥ୍ୟର ସୀମା ପାର ହୋଇ ବହୁ ଊର୍ଦ୍ଧ୍ୱକୁ ଉଠିଯାଇଥା'ନ୍ତି ଯାହା ଫଳରେ ଖୁବ୍ ଦ୍ରୁତଗତିରେ ସିଦ୍ଧି ଲାଭ କରିପାରନ୍ତି; କେତେକଙ୍କର ପ୍ରାରମ୍ଭାବସ୍ଥାରେ ଉତ୍ତୋଳନକ୍ଷମ ଅନୁଭୂତିମାନ ହୋଇଥାଏ, କିନ୍ତୁ ଅଧିକାଂଶଙ୍କର ଯୋଗସିଦ୍ଧି, ଯାହା ହେଉ ନା କାହିଁକି, ତାହା ନିଶ୍ଚିତରୂପେ ଏକ ଦୀର୍ଘ, ଦୁରୂହ ଏବଂ ନିରବଧି ଲାଗି ରହିଥିବା ଉଦ୍ୟମର ପରିଣତି । କେବେହେଲେ ଜଣେ ବିନା ସଂଘର୍ଷରେ ଆଧ୍ୟାତ୍ମିକ ବିଜୟ-ମୁକୁଟ ପ୍ରାପ୍ତ ହୋଇ ପାରିବ ନାହିଁ କିଂବା ଆରୋହଣ ଓ ତଦ୍‌ଜନିତ ଶ୍ରମ ବିନା ସମୁଚ୍ଚ ଶିଖରସବୁରେ ପହଞ୍ଚି ପାରିବ ନାହିଁ । ସମସ୍ତଙ୍କ କ୍ଷେତ୍ରରେ ଏହାହିଁ ପ୍ରଯୁଜ୍ୟ, ''ଦୁରୂହ କଷ୍ଟସାଧ୍ୟ ହେଉଛି ସେହି ରାସ୍ତା ଯାହା କ୍ଷୁର-ଧାର ଉପରେ ଚାଲିବା ପରି କଠିନ ।''

ଏହି ରାସ୍ତାଟି ତୁମ ପାଇଁ ଶୁଷ୍କ ବୋଲି ପ୍ରତୀୟମାନ ହେଉଛି କାରଣ ତୁମେ ନିର୍ଦ୍ଦିଷ୍ଟଭାବେ ତା'ର ପ୍ରାନ୍ତକୁ ସ୍ପର୍ଶ କରି ନାହଁ । କିନ୍ତୁ ସକଳ ମାର୍ଗର ନିଜସ୍ୱ ଶୁଷ୍କକାଳମାନ ରହିଛି ଏବଂ ଯଦିଓ ସମସ୍ତଙ୍କ ପାଇଁ ନୁହେଁ, କିନ୍ତୁ ଅଧିକାଂଶଙ୍କ ପାଇଁ ପ୍ରାରମ୍ଭରେ ଏଇଟା ସେଇପରି (ମାର୍ଗଟି ଶୁଷ୍କ) । ଆନ୍ତର ମନସ୍ତାତ୍ତ୍ୱିକ ଅବସ୍ଥାରେ ପହଞ୍ଚିବା ପାଇଁ ପ୍ରସ୍ତୁତିର ଏକ ଦୀର୍ଘ ପର୍ଯ୍ୟାୟ ଆବଶ୍ୟକ ଯେଉଁଠାରେ କି ଅନୁଭୂତିର ଯାବତ ଦରଜା ଖୋଲିଯିବ ଏବଂ ଜଣେ ବୀଥିକାରୁ ବୀଥିକାକୁ ଗତିକରି ପାରିବ – ଯଦିଓ ସେତେବେଳେ ମଧ୍ୟ ନୂତନ ନୂତନ ଦରଜା ଦୃଶ୍ୟମାନ ହେବ ଏବଂ ସବୁକିଛିର ପୂର୍ଣ୍ଣ ପ୍ରସ୍ତୁତି ପୂର୍ବରୁ ଖୋଲିଯିବାକୁ ନାରାଜ ହେବ । ଏହି ସମୟଟି ଅତ୍ୟନ୍ତ ଶୁଷ୍କ ଏବଂ ମରୁଭୂମି ସମ ହୋଇପାରେ ଯଦି ଜଣକର ଆତ୍ମ-ନିରୀକ୍ଷଣ ଓ ଆତ୍ମ-ବିଜୟ ପ୍ରତି ଅନୁରାଗ ନ ଥାଏ ଏବଂ ସଂଘର୍ଷର ପ୍ରତ୍ୟେକ ପଦକୁ ଆଗ୍ରହଦାୟକ ବୋଲି ମନେ କରି ନ ଥାଏ ଅଥବା ଆସ୍ଥା ଓ ଆତ୍ମୋତ୍ସର୍ଗର ଗୂଢ଼ ରହସ୍ୟଟି ଯଦି ସେ ପାଇ ନ ଥାଏ ଯାହାକି ପଥର ପ୍ରତ୍ୟେକ ପଦକ୍ଷେପରେ ଭଗବାନଙ୍କ ହସ୍ତକୁ ଏବଂ ଏମିତିକି ଦୁଃଖକଷ୍ଟ ମଧ୍ୟରେ ବି ତାଙ୍କ କୃପା ଓ ପଥ ପ୍ରଦର୍ଶନକୁ ଦେଖି ପାରିଥାଏ । ଯୋଗର ଏପରି ବର୍ଣ୍ଣନା, ''ପ୍ରାରମ୍ଭରେ ହଳାହଳ ସମ ତିକ୍ତ'' କାରଣ ଏଥିରେ ରହିଥାଏ କଷ୍ଟ ଅସୁବିଧା ଏବଂ ସଂଘର୍ଷ, ''କିନ୍ତୁ ପରିଶେଷରେ ପୀୟୂଷ ସମ ମଧୁର'' କାରଣ ଏଥିରେ ରହିଥାଏ ଉପଲବ୍ଧିର ଆନନ୍ଦ, ମୁକ୍ତିର ଶାନ୍ତି ଅଥବା ଦିବ୍ୟ ଆନନ୍ଦ – ଆଉ ଭକ୍ତ ଓ ସାଧକମାନଙ୍କର ଶୁଷ୍କ ମୁହୂର୍ତ୍ତ ସଂପର୍କରେ ବାରଂବାର ହୋଇଥିବା ବର୍ଣ୍ଣନା ଦର୍ଶାଇଦିଏ ଯେ ଏହା (ଶୁଷ୍କ ଭାବ) କିଛି ଗୋଟିଏ ଅସାଧାରଣ ସ୍ୱତନ୍ତ୍ର ଘଟଣା ନୁହେଁ । ସକଳ ପୁରାତନ ଯୋଗ ଏହାକୁ ଚିହ୍ନିପାରିଥିଲେ ଏବଂ ଏଇଥିପାଇଁହିଁ ଗୀତା କହିଥାଏ ଯେ ଯୋଗାଭ୍ୟାସ ଧୈର୍ଯ୍ୟ ସହକାରେ ଓ ଅଟଳ ଦୃଢ଼ ରହି

କରାଯିବା ଉଚିତ – ଏମିତିକି ହୃଦୟଟିଏ ଲୋଡ଼ା ଯାହା ବିଷାଦ ଦ୍ୱାରା ପରାଭୂତ ହେବାକୁ ଅସ୍ୱୀକାର କରୁଥିବ । ଏହି ପରାମର୍ଶଟି ଆମ ଯୋଗ ପାଇଁ ଯେପରି ପ୍ରଯୁଜ୍ୟ, ସେହିପରି ଗୀତାର ମାର୍ଗ, ବେଦାନ୍ତର କ୍ଷୁରଧାର-ପଥ ଏବଂ ଅନ୍ୟସବୁ ପଥ ପାଇଁ ମଧ ପ୍ରଯୁଜ୍ୟ । ଏଇଟା ପୂରାପୂରି ସ୍ୱାଭାବିକ ଯେ ଯେତେ ଉଚ୍ଚତର ଆନନ୍ଦ ଓହ୍ଲାଇ ଆସିବାକୁ ରହିଛି, ସେତେ ଦୁରୂହତର ହେବ ଏହାର ପ୍ରାରମ୍ଭ, ସେତେ ଶୁଷ୍କତର ମରୁଭୂମି ବାଟ ଦେଇ ଯିବାକୁ ପଡ଼ିବ ।

ନିଶ୍ଚିତରୂପେ ଅତିମାନସ ଅଭିବ୍ୟକ୍ତି କେବଳ ଶାନ୍ତି, ଶୁଦ୍ଧତା, ଶକ୍ତି, କ୍ଷମତା ବା ଜ୍ଞାନକୁ ବହନ କରି ଆଣିବ ନାହିଁ; ଏଗୁଡ଼ିକ ହେଉଛି ଚୂଡ଼ାନ୍ତ ଉପଲବ୍ଧି ପାଇଁ ଆବଶ୍ୟକ ଅବସ୍ଥା ଏବଂ କେବଳ ତାହାର ଅଂଶ । କିନ୍ତୁ ଦିବ୍ୟପ୍ରେମ, ଦିବ୍ୟ-ସୌନ୍ଦର୍ଯ୍ୟ ଓ ଦିବ୍ୟଆନନ୍ଦ ହେଉଛି ସିଦ୍ଧିର ସାରତତ୍ତ୍ୱ । ଯଦିଓ ସର୍ବୋଚ୍ଚ ଆନନ୍ଦ ସର୍ବୋଚ୍ଚ ସିଦ୍ଧିପ୍ରାପ୍ତିରେ ଆସେ, ତଥାପି କୌଣସି କାରଣ ନାହିଁ ଯେ ପଥରେ ମଧ ଯାତ୍ରାକାଳରେ ଦିବ୍ୟ ପ୍ରେମ, ଦିବ୍ୟ-ଆନନ୍ଦ ଓ ଦିବ୍ୟ ସୌନ୍ଦର୍ଯ୍ୟ କାହିଁକି ନ ଆସିବ । କେତେକେ ଅନ୍ୟାନ୍ୟ ଉପଲବ୍ଧି ପୂର୍ବରୁ ପ୍ରାରମ୍ଭାବସ୍ଥାରେ ଏହାକୁ ପାଇଯାଇଥା'ନ୍ତି । କିନ୍ତୁ ଏହାର ଗୂଢ଼ତତ୍ତ୍ୱ ରହିଛି ହୃଦୟରେ, ମନରେ ନୁହେଁ – ହୃଦୟ ଯାହାକି ତା'ର ଆନ୍ତର ଦରଜାମାନ ଖୋଲିଦିଏ ଏବଂ ତା' ମଧଦେଇ ବିଶ୍ୱାସ ଓ ଆତ୍ମୋତ୍ସର୍ଗର ଅଗ୍ନିଶିଖା ମଧଦେଇ ଆତ୍ମାର ଔଜ୍ଜ୍ୱଲ୍ୟ ଦୃଷ୍ଟ ହୋଇଥାଏ । ସେହି ଆନ୍ତର ଅଗ୍ନି ଆଗରେ ମନର ସକଳ ତର୍କବିତର୍କ ଏବଂ ତା'ର ଅସୁବିଧାଗୁଡ଼ିକ କ୍ଷୀଣ ହୋଇଯାଏ ଏବଂ ରାସ୍ତାଟି ଯେତେ ଦୀର୍ଘ ଓ କଷ୍ଟସାଧ ହେଉ ନା କାହିଁକି ତାହା ହୋଇଯାଏ ଏକ ସୂର୍ଯ୍ୟଦୀପ୍ତ ପଥ – ଖାଲି ପ୍ରେମ ଓ ଆନନ୍ଦ ଦିଗରେ ତ ନୁହେଁ, କିନ୍ତୁ ପ୍ରେମ ଓ ଆନନ୍ଦ ମଧଦେଇ ।

ପରନ୍ତୁ, ଏମିତିକି ତାହା ଯଦି ପ୍ରଥମରେ ନ ଆସେ, ଧୈର୍ଯ୍ୟଶୀଳ ଅଧ୍ୟବସାୟ ବଳରେ ଜଣେ ତା' ନିକଟରେ ପହଞ୍ଚିପାରିବ – ବାସ୍ତବିକ ଚୈତ୍ୟ ରୂପାନ୍ତର ହେଉଛି ଅତିମାନସ ପଥର ନିକଟବର୍ତ୍ତୀ ହେବାର ଅନିବାର୍ଯ୍ୟ ପ୍ରାରମ୍ଭ ଏବଂ ଏହି ରୂପାନ୍ତରର ମର୍ମସ୍ଥଳରେ ରହିଛି ଆନ୍ତର ପ୍ରେମ, ଆନନ୍ଦ ଓ ଭକ୍ତିର ପ୍ରସ୍ଫୁଟନ । କେତେକେ ଏକ ମାନସିକ ଉନ୍ମୀଳନ ଲାଭ କରିଥା'ନ୍ତି ଏବଂ ମାନସିକ ଉନ୍ମୀଳନହିଁ ଶାନ୍ତି, ଆଲୋକ, ଜ୍ଞାନର ଏକ ପ୍ରାରମ୍ଭ ଆଣିପାରେ, କିନ୍ତୁ ଉର୍ଦ୍ଧ୍ୱରୁ ହୋଇଥିବା ଏହି ଉନ୍ମୀଳନଟି ଅସଂପୂର୍ଣ୍ଣ ହୁଏ ଯଦି ଏହା ପରେ ପରେ ଆନ୍ତର୍ମୁଖୀ ହୃଦୟର ଏକ ଉନ୍ମୀଳନ ନ ଆସେ । କାରଣ ତୁମର ମନ ଓ ପ୍ରାଣର ସଂଘର୍ଷ ତୁମର ପ୍ରଥମ ପଦକ୍ଷେପକୁ ଶୁଷ୍କ କରି ଦେଇଛି ବୋଲି ଏହି ଯୋଗକୁ ଶୁଷ୍କ ଓ ଆନନ୍ଦଶୂନ୍ୟ ରୂପେ ଧରିନେବା ହେଉଛି ଏକ ଭ୍ରାନ୍ତ ଧାରଣା ଓ ଭ୍ରମ । ମାଧୁର୍ଯ୍ୟର ଲୁକ୍କାୟିତ ଝରଣାସବୁ ନିଜକୁ ଉନ୍ମୁକ୍ତ କରିଦେବେ ଯଦି ତୁମେ ଲାଗି ରହିବ, ବର୍ତ୍ତମାନ ଯଦିଓ ସନ୍ଦେହ ଓ ଅତୃପ୍ତ ବାସନାର ଡ୍ରାଗନ୍‌ମାନେ ସେଗୁଡ଼ିକୁ ଘେରି ରହିଛନ୍ତି । ଅସ୍ପଷ୍ଟ ସ୍ୱରରେ ଅସନ୍ତୋଷ ପ୍ରକାଶ କର ପଛେ ତୁମର ସ୍ୱଭାବ ଯଦି ତୁମକୁ ସେପରି ବାଧ କରୁଥାଏ, କିନ୍ତୁ ତୁମ ଅଧ୍ୟବସାୟରେ ଲାଗିରୁହ ।

*

ତୁମେ ଯେମିତି କଳ୍ପନା କରୁଛ, ଅତିମାନସ ସେମିତି କିଛି ନିଷ୍କ୍ରିୟ, କଠୋର ଓ ପ୍ରସ୍ତର-ତୁଲ୍ୟ ନୁହେଁ । ଏହା ଦିବ୍ୟ ପ୍ରେମର ଉପସ୍ଥିତିକୁ ଏବଂ ଦିବ୍ୟ ସତ୍ୟକୁ ନିଜ ମଧରେ ବହନ କରିଥାଏ ଏବଂ ଏଠାରେ ଏହାର ରାଜତ୍ୱର ଅର୍ଥ ହେଉଛି ଯେଉଁମାନେ ଏହାକୁ ଗ୍ରହଣ କରନ୍ତି, ସେମାନଙ୍କ ପାଇଁ ସିଧାସଳଖ ଏବଂ କଣ୍ଟକବିହୀନ ପଥଟିଏ ଥାଏ ଯେଉଁଠାରେ କି କୌଣସି କାନ୍ଥ ବା ପ୍ରତିବନ୍ଧକ ନାହିଁ ଏବଂ ଯାହାର ସୁଦୂର ପ୍ରତିଶ୍ରୁତି ପୁରାତନ ଋଷିମାନେ ଦେଖିଥିଲେ ।

ଅନ୍ଧକାର ମାର୍ଗଟିଏ ତ ରହିଛି ଏବଂ ଖ୍ରୀଷ୍ଟିଆନମାନଙ୍କ ପରି ଅନେକେ ଅଛନ୍ତି ଯେଉଁମାନେ ଏହାକୁ ଆଧାତ୍ମିକ ଯାତନାର ଏକ ବେଦବାକ୍ୟ କରି ଦିଅନ୍ତି; ଅନେକେ ଏହାକୁ ବିଜୟର ଅପରିହାର ମୂଲ୍ୟ ଭାବେ ଧରିନିଅନ୍ତି । ଏହା ନିର୍ଦ୍ଦିଷ୍ଟ କେତେକ ଅବସ୍ଥାଚକ୍ରରେ ଏପରି ହୋଇଥାଏ, ଯେପରି ଏହା ଅଧିକାଂଶ ଆଧାତ୍ମିକ ଜୀବନର ପ୍ରାରମ୍ଭରେ ହୋଇଥାଏ କିଂବା ଜଣେ ଏହାକୁ ଏପରି କରିବାକୁ ବାଛିନିଏ । କିନ୍ତୁ ସେତେବେଳେ ଈଶ୍ୱର ନିର୍ଭରଶୀଳତା, ମାନସିକ ବଳ କିଂବା ନଛୋଡ଼ବନ୍ଦା ନମନୀୟତାରେ ଦାମ ଦେବାକୁ ହୋଇଥାଏ । ମୁଁ ସ୍ୱୀକାର କରେ ଯେ ଯଦି ଏହିଭାବେ ଏହାକୁ ସହନ କରାଯାଏ, ତେବେ ଅନ୍ଧକାର ଶକ୍ତିମାନେ ଓ ସେମାନେ ଲଦି ଦେଉଥିବା ଅଗ୍ନିପରୀକ୍ଷା ଗୁଡ଼ିକର ଏକ ଅର୍ଥ ଥାଏ । ସେମାନଙ୍କ ଉପରେ ପ୍ରତିଟି ବିଜୟଲାଭ ପରେ ସେଠାରେ ଏକ ଉପଯୁକ୍ତ ଅଗ୍ରଗତି ହୁଏ; ଅଧିକାଂଶ ସମୟରେ ଆମକୁ ଅତିକ୍ରମ କରିବାକୁ ଥିବା ଆମ ଭିତରର ଅସୁବିଧାଗୁଡ଼ିକୁ ଦେଖାଇଦେଇ ସେମାନେ କହିବାପରି ମନେହୁଏ : ''ଏହିଠାରେହିଁ ତୁମକୁ ବିଜୟଲାଭ କରିବାକୁ ହେବ ।'' କିନ୍ତୁ ସବୁସତ୍ତ୍ୱେ ଏଇଟା ହେଉଛି ଏକ ଘନ

ଅନ୍ଧକାର ଓ କଷ୍ଟସାଧ୍ୟ ମାର୍ଗ ଯାହାକୁ ଅତି ଆବଶ୍ୟକ ନ ପଡ଼ିଲେ କେହି ଅନୁସରଣ କରିବା ଉଚିତ ନୁହେଁ ।

କୌଣସି ଦିବ୍ୟକୃପା ଉପରେ ଆସ୍ଥା ନ ରଖି ନିଜ ତପସ୍ୟା ବା ଅନ୍ୟକିଛି ଉପରେ ଭରସା ରଖି ବହୁ ବ୍ୟକ୍ତି ଯୋଗସାଧନା କରିଛନ୍ତି । ଏକଥା ତାହା ନୁହେଁ, କିନ୍ତୁ ଏକ ଉଚ୍ଚତର ସତ୍ୟ ଓ ଏକ ଉଚ୍ଚତର ଜୀବନ ସକାଶେ ଆତ୍ମାର ଦାବି ଅପରିହାର୍ଯ୍ୟ । ଯେଉଁଠାରେ ଆତ୍ମାର ଦାବି ଅଛି, ଦିବ୍ୟ କୃପାକୁ ବିଶ୍ୱାସ କର ବା ନ କର ତାହା ହସ୍ତକ୍ଷେପ କରିବ । ତୁମେ ବିଶ୍ୱାସ କଲେ ତାହା ସବୁକିଛିକୁ ତ୍ୱରାନ୍ୱିତ ଓ ସହଜସୁଗମ କରିଦେବ; ଏଯାବତ୍ ଯଦି ତାକୁ ବିଶ୍ୱାସ କରିପାରୁ ନାହଁ, ତଥାପି ଯେତେ ବାଧାବିଘ୍ନ ଓ ସଂଘର୍ଷ ଥାଉ ନା କାହିଁକି ଆତ୍ମାର ଆସ୍ପୃହା ନିଜକୁ ଯୁକ୍ତିଯୁକ୍ତ ବୋଲି ପ୍ରତିପାଦନ କରିବ ।

ଅନୁବାଦ : ଆଶାଲତା ଦାଶ

(SABCL, Vol - 24, pp. 1629 - 32) ❑

*ପ୍ରଶ୍ନ : କେବଳ ବିଶ୍ୱାସ କ'ଣ ସବୁକିଛି ସୃଷ୍ଟି କରିପାରେ, ସବୁକିଛିକୁ ଜୟ କରିପାରେ ?*

**ଶ୍ରୀମା :** ହଁ, କିନ୍ତୁ ତାହା ପୂର୍ଣ୍ଣାଙ୍ଗ ବିଶ୍ୱାସ ହେବା ଆବଶ୍ୟକ, ଏବଂ ତାହା ଅଖଣ୍ଡ ହେବା ଆବଶ୍ୟକ । ଏବଂ ଏହି ବିଶ୍ୱାସ ଯେପରି ଏକ ଯଥାର୍ଥ ଧରଣର ବିଶ୍ୱାସ ହୁଏ, କେବଳ ମାନସିକ ଚିନ୍ତା ବା ଇଚ୍ଛାର ଏକ ଶକ୍ତି ନୁହେଁ, ତାହାଠାରୁ ଅଧିକତର ଓ ଗଭୀରତର କିଛି । ମନ ଯେଉଁ ସଂକଳ୍ପ ରଖିଥାଏ ତାହା ତା'ର ଏକ ବିରୁଦ୍ଧ ପ୍ରତିକ୍ରିୟା ଓ ପ୍ରତିରୋଧକୁ ସୃଷ୍ଟି କରେ ... । କେବଳ ମନର ବିଶ୍ୱାସ ଯଥେଷ୍ଟ ନୁହେଁ, ପ୍ରାଣର ଏକ ବିଶ୍ୱାସ, ଏପରିକି ଦେହର ଏକ ବିଶ୍ୱାସ ଦ୍ୱାରା ତାହାକୁ ସଂପୂର୍ଣ୍ଣ କରିବାକୁ ହେବ ଓ ଦୃଢ଼ଭାବରେ ପ୍ରୟୋଗ କରିବାକୁ ହେବ । ତୁମେ ଯଦି ନିଜ ଭିତରେ, ତୁମର ସମଗ୍ର ସତ୍ତାରେ ଏହି ଧରଣର ଏକ ବିଶ୍ୱାସ ଗଢ଼ି ତୋଳିପାର, ତା' ହେଲେ କୌଣସି କିଛି ମଧ୍ୟ ତାହାର ପ୍ରତିରୋଧ କରିପାରିବ ନାହିଁ, କିନ୍ତୁ ତୁମକୁ ପୂରା ଅବଚେତନର ତଳକୁ ଯାଇ ପହଞ୍ଚିବାକୁ ହେବ ଏବଂ ପୂରା ଦେହକୋଷଗୁଡ଼ିକରେ ସେହି ବିଶ୍ୱାସକୁ ପ୍ରତିଷ୍ଠିତ କରିବାକୁ ହେବ ।

*

ଚୈତ୍ୟସତ୍ତାର ଜ୍ଞାନ ହେଉଛି ଏପରି ଏକ ଜିନିଷ, ଯାହା ନିର୍ଦ୍ଦିଷ୍ଟ ବାସ୍ତବ ଭାବେ ବୋଧଗମ୍ୟ, ଘନ ଓ ସୁସଂହତ । ଏହି ଜ୍ଞାନକୁ ତୁମେ ତୁମର ମନ, ତୁମର ପ୍ରାଣ, ଏପରିକି ତୁମ ଦେହ ଭିତରକୁ ମଧ୍ୟ ଆଣିପାର; ଏବଂ ସେତେବେଳେ ତୁମେ ଏକ ପୂର୍ଣ୍ଣାଙ୍ଗ ବିଶ୍ୱାସ ଲାଭ କରିବ – ଯେଉଁ ବିଶ୍ୱାସ ପର୍ବତକୁ ମଧ୍ୟ ଟଳାଇ ଦେଇପାରେ । କିନ୍ତୁ ସତ୍ତାର କୌଣସି ଅଂଶ ଯେପରି ଆସି ନ କୁହେ ଯେ "ଏହା ଏପରି ନୁହେଁ" ଓ କୌଣସି ପ୍ରମାଣ ବା ପରୀକ୍ଷା ଚାହିଁ ନ ବସେ । ଯଦି ତୁମର ବିଶ୍ୱାସରେ ସାମାନ୍ୟତମ ଅଭାବ ରହିଯାଏ ତେବେ ତାହା ସବୁକିଛିକୁ ବିଡ଼ମ୍ବିତ କରିଦିଏ । ଯଦି ତୁମର ବିଶ୍ୱାସ ପୂର୍ଣ୍ଣାଙ୍ଗ ଓ ଅଟଳ ନ ହୁଏ ତେବେ ପରମପୁରୁଷ କିପରି ତୁମ ଆଗରେ ପ୍ରକାଶିତ ହେବେ ? ନିଜ ସ୍ୱରୂପରେ ବିଶ୍ୱାସ ସର୍ବଦାହିଁ ଅଟଳ – ତାହାହିଁ ତା'ର ସ୍ୱଭାବ, ତା ନ ହେଲେ ତାହା ଆଦୌ ବିଶ୍ୱାସ ନୁହେଁ । କିନ୍ତୁ ଏହା ମଧ୍ୟ ଘଟିପାରେ ଯେ ମନ, ପ୍ରାଣ ବା ଦେହ ଚୈତ୍ୟସତ୍ତାର ଗତିବୃତ୍ତିକୁ ଅନୁସରଣ କରିଚାଲନ୍ତି ନାହିଁ ।

পৃথিবী-চেতনা পাইঁ সাধনা :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୪୬)

### ସାନ୍ଧ୍ୟ-ବୈଠକ :

ଆଶ୍ରମର ପ୍ରସ୍ତୁତିପର୍ବ ସମ୍ବନ୍ଧରେ ମା'ଙ୍କ ନିଜସ୍ୱ ଉକ୍ତି : ''ପ୍ରକୃତ କଥା କହିବାକୁ ଗଲେ, ମୁଁ ଶ୍ରୀଅରବିନ୍ଦଙ୍କୁ ଭେଟିବା ସମୟରେ ଏହି ସର୍ବପ୍ରଥମ ପ୍ରଶ୍ନଟି ଆସି ଉପସ୍ଥିତ ହୋଇଥିଲା ।... କ'ଣ ଜଣେ ବ୍ୟକ୍ତି ନିଜର ସାଧନା କରି ପ୍ରଥମେ ନିଜର ଲକ୍ଷ୍ୟଟିକୁ ପ୍ରାପ୍ତ କରିବ, ଏବଂ ତା'ପରେ ଯାଇ ଅନ୍ୟମାନଙ୍କ ସହିତ କାର୍ଯ୍ୟ ହେବ, ନା ସିଏ ସଙ୍ଗେ ସଙ୍ଗେ ସମାନ ଅଭୀପ୍ସା ରହିଥିବା ସମସ୍ତଙ୍କୁ ଆପଣା ପାଖକୁ ଆସିବାକୁ ଅନୁମତି ଦେବ ଏବଂ ସମସ୍ତଙ୍କ ସହିତ ଏକତ୍ର ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେବ ?

''ମୁଁ ପୂର୍ବରୁ ଯେଉଁ କାର୍ଯ୍ୟ ଓ ପ୍ରୟାସ କରିଥିଲି, ତାହାରି ପରିପ୍ରେକ୍ଷୀରେ ଅତ୍ୟନ୍ତ ସ୍ୱଚ୍ଛଭାବରେ ସୂତ୍ରବଦ୍ଧ ହୋଇଥିବା ଏହି ପ୍ରଶ୍ନଟିକୁ ନେଇ ଶ୍ରୀଅରବିନ୍ଦଙ୍କ ପାଖକୁ ଆସିଥିଲି । କାରଣ, ସେହି କ୍ଷେତ୍ରରେ ଦୁଇଟିଯାକ ସମ୍ଭାବନା ରହିଥିଲା : ଆପଣାକୁ ସଂସାର ମଧ୍ୟରୁ ପ୍ରତ୍ୟାହୃତ କରିନେଇ ଏକ ପ୍ରଗାଢ଼ ବ୍ୟକ୍ତିଗତ ସାଧନା କରିବା, ଅର୍ଥାତ୍, ଅନ୍ୟମାନଙ୍କ ସହିତ ଆଉ କୌଣସି ସମ୍ପର୍କ ନରଖି ଏହି ସାଧନା କରିବା,– ଅଥବା, ସ୍ୱାଭାବିକ ଏବଂ ସ୍ୱତଃସ୍ଫୂର୍ତ୍ତ ଭାବରେ ଗୋଷ୍ଠୀଟିଏ ଗଠିତ ହେବାକୁ ବାଟ ଛାଡ଼ିଦେବା, ସେଇଟି ଗଠିତ ହେବାର ବାଟରେ ଆଦୌ କୌଣସି ପ୍ରତିବନ୍ଧକ ସୃଷ୍ଟି ନକରିବା, ସେହି ଗୋଷ୍ଠୀଟି ଗଠିତ ହେବାକୁ ଦେବା ଏବଂ ତା'ପରେ ମାର୍ଗଟି ଉପରେ ଏକାଠି ଅଗ୍ରସର ହେବା ।

''ଏହି ନିଷ୍ପତ୍ତିଟି ଆଦୌ ମନଃସ୍ତରୀୟ ଏକ ନିଷ୍ପତ୍ତି ହୋଇ ରହି ନଥିଲା; ଏହା ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ଉପଲବ୍ଧ ହୋଇଥିଲା । ପରିସ୍ଥିତିମାନ ଏପରି ହୋଇ ଯାଇଥିଲେ ଯେ, ଆଉ ଅନ୍ୟ କୌଣସି ନିଷ୍ପତ୍ତି ନେବାର ଅବକାଶହିଁ ନଥିଲା; ଅର୍ଥାତ୍, ଅତ୍ୟନ୍ତ ସ୍ୱଭାବପ୍ରେରିତ ଏବଂ ସ୍ୱତଃସ୍ଫୂର୍ତ୍ତଭାବରେ ଗୋଷ୍ଠୀଟି ଏପରି ଭାବରେ ଗଢ଼ି ଉଠିଥିଲା ଯେ ତାହା ଏକ ଅପରିହାର୍ଯ୍ୟ ଆବଶ୍ୟକତାରେ ପରିଣତ ହୋଇଥିଲା । ଏବଂ ତେଣୁ, ଆମେ ଥରେ ଏହିପରି ଭାବରେ ଆରମ୍ଭ କରିଦେବା ପରେ ତାହାକୁହିଁ ଚୂଡ଼ାନ୍ତ ବୋଲି କହିବାକୁ ହେବ, ଆମକୁ ଶେଷ ପର୍ଯ୍ୟନ୍ତ ସେହିପରିହିଁ ଯିବାକୁ ହେବ ।

''ପ୍ରଥମେ କେବଳ ପାଞ୍ଚ, ଦଶ ଜଣ ଥିଲେ, ସେଥିରୁ ଆଦୌ ଅଧିକ ନଥିଲେ । ଅନେକ ଦିନ ପର୍ଯ୍ୟନ୍ତ ସେହି ପାଞ୍ଚ, ଛଅ ଜଣହିଁ ରହିଥିଲେ । ତା'ପରେ ଦଶ ଜଣ ହେଲେ, ବାର ଜଣ ହେଲେ, ପ୍ରାୟ କୋଡ଼ିଏ ଜଣ ହେଲେ; ତା'ପରେ ତିରିଶ ଜଣ ଓ ତା'ପରେ ପଇଁତିରିଶି ଜଣ ହେଲେ । ସେହି ସଂଖ୍ୟାଟି ବେଶ୍ ଅନେକ ଦିନ ପର୍ଯ୍ୟନ୍ତ ରହିଥିଲା । ଏବଂ ତା'ପରେ ହଠାତ୍ ଏହା ଆରମ୍ଭ ହେଲା ଓ ପରେ ଏହି ମାର୍ଗରେ ଅନେକେ ଆସି ଯୋଗଦେଲେ ! ସର୍ବଶେଷ ସଂଖ୍ୟା ଏଗାର ଶହରୁ ଅଧିକରେ ଆସି ପହଞ୍ଚିଛି । ଏବଂ ଆମର ଗୋଷ୍ଠୀ ବୃଦ୍ଧି ପାଇବାରେ ଲାଗିଛି ।'' (୨୧ ଡିସେମ୍ବର ୧୯୫୫)

ଲାଇବ୍ରେରି ହାଉସ୍‌କୁ ଆସିବା ପରେ ଶ୍ରୀଅରବିନ୍ଦଙ୍କର ବ୍ୟକ୍ତିଗତ ଦୈନନ୍ଦିନ କର୍ମସୂଚୀ ଥିଲା ସକାଳଓଳି, ସାଧାରଣତଃ ୯ଟାରୁ ୧୧ଟା ଭିତରେ ପ୍ରାତଃ ଭୋଜନ ସମାପନ ପରେ, ଦର୍ଶନାର୍ଥୀମାନଙ୍କ ସହିତ ସାକ୍ଷାତ୍କାର । ଏହି ଦର୍ଶନାର୍ଥୀମାନଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇଥିଲା ଏବଂ ଉପରଓଳି ପ୍ରାୟ ୪ଟା ବେଳକୁ ସମସ୍ତ ଅନ୍ତେବାସୀଙ୍କୁ ନେଇ ମା'ଶ୍ରୀଅରବିନ୍ଦଙ୍କର ସମବେତ ଧ୍ୟାନ, ମା'ଙ୍କର ଶେଷଥର ପାଇଁ ଏଠାକୁ ଆଗମନ ପରେ ୧୯୨୧ରୁ ଗେଷ୍ଟ ହାଉସ୍‌ରେହିଁ ଆରମ୍ଭ ହୋଇଥିଲା । ପରେ ସନ୍ଧ୍ୟାରେ ପୁଣି ସମସ୍ତ ଅନ୍ତେବାସୀଙ୍କ ସହିତ ଶ୍ରୀଅରବିନ୍ଦଙ୍କ ଅନୁମତିପ୍ରାପ୍ତ ସ୍ଥାନୀୟ ବ୍ୟକ୍ତି ତଥା ଦର୍ଶନାର୍ଥୀ ଏକତ୍ର ହେଉଥିଲେ । ଏହାର ନାମ ଥିଲା 'ସାନ୍ଧ୍ୟ-ବୈଠକ' । ଏଥିରେ ଶ୍ରୀଅରବିନ୍ଦ ସେମାନଙ୍କର ପ୍ରଶ୍ନର ଉତ୍ତର ଦେଉଥିଲେ ଏବଂ ଆଲୋଚନାରେ ଯୋଗ ଦେଉଥିଲେ । ମା' ନିଜକୁ ଅନ୍ତରାଳରେ ରଖିଥିଲେ । ଏହି ବୈଠକର କୌଣସି ଧରାବନ୍ଧା ରୀତି ନଥିଲା, ଏକେବାରେ ଘରୋଇ, ଯାହାକୁ କୁହାଯାଏ 'ଇନ୍‌ଫରମାଲ୍' । ଏହା ଗେଷ୍ଟ୍ ହାଉସ୍‌ର ଉପରମହଲା ବାରଣ୍ଡାରେ ବା ଖୋଲା ଛାତରେ ଆରମ୍ଭ ହୋଇଥିବା ନିତିଦିନିଆ 'ସାନ୍ଧ୍ୟ-ବୈଠକ'ର ଏକ ଧାରାବାହିକତା ଏବଂ

ବିସ୍ତୃତି ମାତ୍ର । ଲାଇବ୍ରେରି ହାଉସ୍‌ର ଉପର ମହଲାରେ ମଧ୍ୟ ସେମିତି ଏକ ବାରଣ୍ଡା ଥିଲା ଏବଂ ସେଇଠାରେହିଁ ଏହି ବୈଠକ ବସୁଥିଲା । ଶ୍ରୀଅରବିନ୍ଦଙ୍କ ସକାଶେ ଥିବା ଚେୟାର ସାମନାରେ ଏକ ଛୋଟ ଟେବୁଲ ରହୁଥିଲା । ସମଗ୍ର ପରିବେଶଟିରେ ଗଭୀର ପ୍ରତ୍ୟାଶାର ଭାବ ଭରପୂର – କେତେବେଳେ ଶ୍ରୀଅରବିନ୍ଦଙ୍କର ଆଗମନ ହେବ ଏବଂ ତାଙ୍କର ଆଗମନ ପରେହିଁ ଏହି ବୈଠକ ଆରମ୍ଭ ହେଉଥିଲା ।

୧୯୨୩ର ପ୍ରାରମ୍ଭରେ ପୁରାଣୀ ଯେତେବେଳେ ସ୍ଥାୟୀ ଭାବରେ ଆସି ଶ୍ରୀଅରବିନ୍ଦଙ୍କ ସହ ବାସ କଲେ, ସେ ଏହି 'ସାନ୍ଧ୍ୟ-ବୈଠକ'ରେ ଆଲୋଚିତ ହେଉଥିବା ଟିକିନିଖି ଘଟଣାସବୁକୁ ଲିପିବଦ୍ଧ କରିବାକୁ ଲାଗିଲେ । ତାଙ୍କରି ଲେଖାରୁ ଉଦ୍ଧୃତି :

''ଶ୍ରୀଅରବିନ୍ଦ ଯଥାରୀତି ଧୋତି ପିନ୍ଧି ଘରୁ ବାହାରି ଆସୁଥିଲେ, ଧୋତିର କିଛି ଅଂଶ ପିଠି ଉପରଦେଇ ଚାଦର ଭଳି ଘୁରାଇ ଆଣୁଥିଲେ । କ୍ୱଚିତ୍ ଚାଦର ବା ଶାଲ୍ ବ୍ୟବହାର କରୁଥିଲେ । ତାଙ୍କରି ଉକ୍ତିରେ 'ଜଳବାୟୁର ମାନ ବଜାୟ ରଖି' ସେ ଏମିତି କରୁଥିଲେ । ସେତେବେଳେ ଲାଇବ୍ରେରି ହାଉସ୍‌ର ବାରଣ୍ଡାରେ ତୃଣନିର୍ମିତ ମସିଣାସଦୃଶ ବଡ଼ ବଡ଼ ପରଦା ଖମ୍ବ ମଧ୍ୟସ୍ଥ ଖୋଲା ଜାଗାରେ ଉପରୁ ଝୁଲୁଥିଲା । କେବେ କେବେ ଶ୍ରୀଅରବିନ୍ଦ ଆସି ଚେୟାରରେ ବସି ସେହି ପରଦାର ଉପରେ ଥିବା ଫାଙ୍କ ଦେଇ ଖୋଲା ଆକାଶକୁ ବେଶ୍ କିଛି ସମୟ ଅନାଇ ରହୁଥିଲେ । ଏହି ବୈଠକଗୁଡ଼ିକ ସମ୍ପୂର୍ଣ୍ଣରୂପେ ତାଙ୍କରି ଉପରେ କିପରି ନିର୍ଭର କରୁଥିଲା ଏହା କେତୋଟି ଘଟଣାରୁ ବେଶ୍ ଅନୁମାନ କରିହେବ – ଏମିତି ଦିନସବୁ ଥିଲା ଯେଉଁଦିନ କି ତାଙ୍କଠୁ କୌଣସି ବାହ୍ୟ ଇଙ୍ଗିତ ନପାଇ ବୈଠକର ତିନି-ଚତୁର୍ଥାଂଶ ସମୟ ପୂରା ନୀରବତାରେହିଁ ବିତିଯାଉଥିଲା, କିଂବା କେବେ କେବେ ଏମିତି ହେଉଥିଲା ଯେଉଁଦିନ କି କଥାବାର୍ତ୍ତା କରିବା ଲାଗି ତାଙ୍କର ମନୋଯୋଗ ଆକର୍ଷଣ ସକାଶେ ସମସ୍ତ ପ୍ରକାର ଚେଷ୍ଟା କେବଳ ତାଙ୍କର ହଠାତ୍ 'ହଁ' ବା 'ନାଁ' ଉଚ୍ଚାରଣରେହିଁ ସୀମିତ ରହୁଥିଲା । ଏବଂ ଯଦିବା ସେ କଥାବାର୍ତ୍ତାରେ ଭାଗ ନେଉଥିଲେ, ତଥାପି ସର୍ବଦା ଏହା ଅନୁଭୂତ ହେଉଥିଲା ଯେ ଯେତିକିଟି ଶବ୍ଦ ତାଙ୍କ ତୁଣ୍ଡରୁ ଉଚ୍ଚାରିତ ହେଉଥିଲା ସେଥିରେ ତାଙ୍କର ସମସ୍ତ ସତ୍ତା ଅଂଶଗ୍ରହଣ କରୁ ନଥିଲା; ସମ୍ପୂର୍ଣ୍ଣ ସ୍ଥିତଧୀ, ସ୍ଥିତପ୍ରଜ୍ଞ ଏବଂ ଯେତିକିଟା କଥା ତାଙ୍କ ମୁଖରୁ ନିଃସୃତ ହେଉଥିଲା ତା'ଠାରୁ ବୋଧହୁଏ ଅନେକ କଥା ଅକୁହା ରହିଯାଉଥିଲା । କହିବାକୁ ଆବଶ୍ୟକ ବୋଧ କରୁଥିବା କଥାହିଁ କହୁଥିଲେ ।... ସମଗ୍ର ବୈଠକଟି ଏତେ ଘରୋଇ ଥିଲା ଯେ ଠିକ୍ ପରମୁହୂର୍ତ୍ତରେ କଥାବାର୍ତ୍ତାର ଧାରା କେଉଁ ମୋଡ଼ ନେବ ତା'ର ପୂର୍ବସଂକେତ କେବେହେଲେ ଜାଣି ହେଉ ନଥିଲା । ସେଇଥିପାଇଁ ଏହି ସମୟରେ ଘରର ସମଗ୍ର ବାତାବରଣଟି ହଠାତ୍ କରି କିଛି ନୂତନ ବା ତାଜା ଖବର ବା ଅପ୍ରତ୍ୟାଶିତ କିଛିର ସମ୍ମୁଖୀନ ହୋଇ ଅତିଶୟ ଆନନ୍ଦୋଲ୍ଲାସରେ ଭରପୂର ହୋଇରହୁଥିଲା । କଥାବାର୍ତ୍ତାର ମଝିରେ ହାସ୍ୟରୋଳ, ରସିକତା, ହସକୌତୁକ ଏବଂ ବ୍ୟକ୍ତିଗତ ସମାଲୋଚନା ସାଙ୍ଗକୁ ମାତ୍ରାଧିକ୍ୟଭାବେ ଭାବଗମ୍ଭୀରତା ଏବଂ ଆଗ୍ରହାନ୍ୱିତତା ଭରି ରହୁଥିଲା ।...''

'ଚମ୍ପକଲାଲ କହନ୍ତି'ରୁ ଉଦ୍ଧୃତି : ''ମୋର ବାଳକ ଅବସ୍ଥାରେ ଯେତେବେଳେ ମୁଁ ଶ୍ରୀରାମକୃଷ୍ଣ ପରମହଂସଙ୍କ କଥା ପଢ଼ିଲି ଓ ସେବିଷୟରେ ଚିନ୍ତାକଲି ସେତେବେଳେ ମୁଁ ମୋ ଭିତରେ ଏକ ଶକ୍ତିଶାଳୀ ବୋଧ ଅନୁଭବ କରୁଥିଲି ଯେ ମୁଁ ତାଙ୍କରି ଭଳି ଜଣେ ମହାନ୍ ଆଧାତ୍ମିକ ବ୍ୟକ୍ତିତ୍ୱଙ୍କ ନିବିଡ଼ ସମ୍ପର୍କରେ ସବୁବେଳେ ଆସିବି । ମୁଁ ସେତେବେଳେ ଶ୍ରୀଅରବିନ୍ଦଙ୍କ କଥା ଶୁଣିଥିଲି; କିନ୍ତୁ ତାଙ୍କ ସହ ନିବିଡ଼ ସମ୍ପର୍କକୁ ମୁଁ ବିଶ୍ୱାସ କରିପାରୁ ନଥିଲି, କାରଣ ମୁଁ ଭାବୁଥିଲି (ଯଦିଓ ସେ ସେପରି ନଥିଲେ) ସେ ବହୁତ 'ଆଧୁନିକ' ହୋଇଥିବେ ।

''କିଛି ବର୍ଷ ପରେ ୧୯୨୩ରେ ମୁଁ ଯେତେବେଳେ ଏଠାରେ ରହିବାକୁ ଆସିଲି ସେତେବେଳେ ଧୀରେ ଧୀରେ ମୋର ମନୋବାଞ୍ଛାସବୁ ପୂରଣ ହେବାକୁ ଆରମ୍ଭ କଲା । ସେତେବେଳେ ଶ୍ରୀଅରବିନ୍ଦଙ୍କ ସାନ୍ଧ୍ୟ-ବୈଠକରେ ଯୋଗଦେବା ଲାଗି ଅନୁମତି ଆବଶ୍ୟକ ହେଉଥିଲା ।...

''ମୁଁ ସାନ୍ଧ୍ୟ-ବୈଠକରେ ଯୋଗ ଦେଇପାରିବି କି ନାହିଁ ବୋଲି ଯେତେବେଳେ ଶ୍ରୀଅରବିନ୍ଦଙ୍କୁ ପଚାରିଲି, ସେ ଖୁସୀ ହୋଇ ଟିକିଏ ହସିଲେ ଓ କହିଲେ : 'ହଁ, କିନ୍ତୁ ଦେଖ, ସେଠାରେ ତୁମ ପାଇଁ ଅଧିକ ଚେୟାର ନାହିଁ । ତୁମକୁ ଆସିବା ଲାଗି କେବଳ ଅନୁମତି ଦିଆଗଲା ।' ସମସ୍ତେ ଯେତେବେଳେ ଚେୟାରରେ ବସୁଥିଲେ ମୋର ବି ଚେୟାରରେ ବସିବା କଥା ! ହଠାତ୍ ମୋର ମନେପଡ଼ିଲା ମୁଁ ଏଠାକୁ ପ୍ରଥମେ ଆସିଥିବା ବେଳେ ମୋତେ ଜଣେ ପ୍ରସିଦ୍ଧ ଚେଟ୍ଟୀୟାରଙ୍କ ସହ ପରିଚିତ କରାଇ ଦିଆଯାଇଥିଲା ଓ ସେ ବି ମୋ ଉପରେ ବହୁତ ସନ୍ତୁଷ୍ଟ ହୋଇଥିଲେ ।... ମୋର ତୀବ୍ର ଅନିଚ୍ଛା ସତ୍ତ୍ୱେ କେବଳ ଶ୍ରୀଅରବିନ୍ଦଙ୍କ ସାନ୍ନିଧ୍ୟଲାଭ ଆଶାରେ ମୁଁ ତାଙ୍କରି ଘରକୁ ଯାଇ

ସୁନ୍ଦର ଭାବରେ ପଲିସ୍ ହୋଇଥିବା ଗଦିଯୁକ୍ତ ଏକ ଶିଶୁକାଠର ଚେୟାର ଯୋଗଡ଼ କଲି । ଆଶ୍ରମକୁ ଫେରି ମୁଁ ସେ ଚେୟାରଟିକୁ ସିଧା ଉପରମହଲା ବାରଣ୍ଡାକୁ ନେଇଆସିଲି ଓ ଚେୟାରର ଧାଡି ମଧ୍ୟରେ ରଖିଦେଲି ।

''ସନ୍ଧ୍ୟାବେଳେ ବୈଠକ ଆରମ୍ଭ ହେଲା; ମୁଁ କିନ୍ତୁ ଚେୟାର ଉପରେ ବସିଲି ନାହିଁ । ମୁଁ ସିଧା ଶ୍ରୀଅରବିନ୍ଦଙ୍କ ଚେୟାର ପାଖକୁ ଚାଲିଗଲି । ତାଙ୍କ ବାମ ପଟରେ ବସିଥିବା ବ୍ୟକ୍ତିଙ୍କ ଚେୟାର ଓ ତାଙ୍କ ଚେୟାର ମଝିରେ ଥିବା ଖାଲି ସ୍ଥାନରେ ତଳେ ଚଟାଣ ଉପରେ ବସିପଡ଼ିଲି । ଜଣେ ଲୋକ ବସିବା ମୁତାବକ ଜାଗା ସେଠାରେ ଥିଲା ।

''ଶ୍ରୀଅରବିନ୍ଦ ମୋ ଆଡ଼କୁ ଚାହିଁ ଟିକେ ମୁରୁକି ହସିଲେ । ସମସ୍ତେ ଆଶ୍ଚର୍ଯ୍ୟ ହୋଇଉଠିଲେ । ମୁଁ ନିଜେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଗଲି, କାରଣ ସେଠାରେ ବସିବା ଲାଗି ମୁଁ ପୂର୍ବରୁ ସ୍ଥିର କରି ନଥିଲି !...

''ଶ୍ରୀଅରବିନ୍ଦ ଯେଉଁ ବାରଣ୍ଡାରେ ଲୋକମାନଙ୍କୁ ସାକ୍ଷାତ୍ କରୁଥିଲେ ସେଠାରେ ଟେବୁଲ ଉପରେ ଗୋଟିଏ ଫୁଲଦାନି ରହୁଥିଲା । ଦିନେ ମୁଁ ଦେଖିଲି ଫୁଲଦାନିଟି ସେଠାରେ ନାହିଁ କି ଫୁଲ ବି ନାହିଁ । ଏହିଭଳି ଭାବରେ କିଛିଦିନ ଚାଲିଲା, କେହି ଆଉ ସେଠାରେ ଫୁଲଦାନି ରଖିଲେ ନାହିଁ । ଶେଷରେ ମୁଁ ନିଜେ ଫୁଲ ସଜାଇ ତାଙ୍କ ଟେବୁଲ ଉପରେ ରଖିଲି । ଏହା ଦେଖି ମା' ମୋତେ ପଚାରିଲେ : 'ଏଠାରେ ଫୁଲ ରଖିବାର ଭାବନା କେବେଠାରୁ ତୁମେ ପାଇବାକୁ ଆରମ୍ଭ କଲ ?'

''ମୁଁ କହିଲି, 'ବହୁଦିନ ପୂର୍ବରୁ ମୁଁ ଏକଥା ଭାବୁଛି । କିନ୍ତୁ ମୁଁ ଅନୁଭବ କଲି ତୁମେ କାଳେ ଏହା ଚାହୁଁ ନଥିବ । ତେଣୁ ତୁମେ ଯାହା ଚାହୁଁ ନଥିବ ତାହା ମୁଁ କରିବାକୁ ଚାହିଁଲି ନାହିଁ । ମା', କାହିଁକି ଏକଥା ପଚାରୁଛ ?'

''ତା'ପରେ ମା' କହିଲେ, 'କାହିଁକି ମୁଁ ଏକଥା ପଚାରୁଛି ! ଯେଉଁଦିନ ଆମେ ମନର ସ୍ୱଚ୍ଛତା ବିଷୟରେ କଥାବାର୍ତ୍ତା ହେଉଥିଲେ ସେଦିନ ମୁଁ ଏଠାରେ ଫୁଲ ରଖିବାର ଭାବନା ବାତାବରଣ ମଧ୍ୟକୁ ଛାଡ଼ିଥିଲି – କେହି ଜଣେ ଶ୍ରୀଅରବିନ୍ଦଙ୍କ ଲାଗି ଫୁଲ ଆଣିବା ଉଚିତ । ମୁଁ ଦେଖିବାକୁ ଚାହୁଁଥିଲି କିଏ ଏହାକୁ ପ୍ରଥମେ ଗ୍ରହଣ କରୁଛି । ବର୍ତ୍ତମାନ ମୁଁ ଦେଖୁଛି ତୁମେ ଏହାକୁ ପ୍ରଥମେ ଗ୍ରହଣ କରିଛ । ଏହା ବହୁତ ଆମୋଦଦାୟକ କଥା ।'...''

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑


## ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ

ସମ୍ପାଦକ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର, ସୋନପୁର ସା/ପୋ : ସୋନପୁର, ଜି. ସୁବର୍ଣ୍ଣପୁର, ପିନ୍. ୭୬୭୦୧୭, ମୋବାଇଲ୍ : ୯୪୩୭୧୯୪୮୨୬, ୯୯୩୭୬୮୨୦୮୫ ଜଣାଇଛନ୍ତି ଯେ ଏହି ଆବାସିକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନିମନ୍ତେ ଗଣିତ, ବିଜ୍ଞାନ, ଇଂରାଜୀ ଓ ସାହିତ୍ୟ (ଓଡ଼ିଆ) ଶିକ୍ଷାଦାନ ପାଇଁ ଉପଯୁକ୍ତ ଯୋଗ୍ୟତା ଥିବା ମାତୃପ୍ରେମୀ ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ । ଏଥିପାଇଁ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ଉପରୋକ୍ତ ଠିକଣାରେ ଯଥାଶୀଘ୍ର ଯୋଗାଯୋଗ କରିବା ଲାଗି ଅନୁରୋଧ ।

# ଭଗବତ୍ ରାଜ୍ୟ ସ୍ଥାପନ

## ପ୍ରପତ୍ତି

ପୃଥିବୀପୃଷ୍ଠରେ ଭଗବତ୍ ରାଜ୍ୟ ସ୍ଥାପନ ନିମିତ୍ତ ସତ୍ୟ ଓ ପ୍ରେମର ପ୍ରତିଷ୍ଠାହିଁ ପ୍ରାଥମିକ କାର୍ଯ୍ୟ । କିନ୍ତୁ ଏହି ସତ୍ୟ ଓ ପ୍ରେମର ବିଜୟ ଓ ପ୍ରତିଷ୍ଠା କିଛି ସହଜ ବ୍ୟାପାର ନୁହେଁ । ଏହା ସୁସ୍ପଷ୍ଟ ଯେ ବର୍ତ୍ତମାନ ପରିସ୍ଥିତିରେ ସତ୍ୟ ଓ ପ୍ରେମ ପ୍ରତି ମନୁଷ୍ୟ-ସମାଜର ଗଭୀର ଦୃଷ୍ଟି ଓ ଆନ୍ତରିକ ଶ୍ରଦ୍ଧା ନାହିଁ । ଅବଶ୍ୟ ନାନା ଦୁଃଖ ଓ ଯନ୍ତ୍ରଣାମୂଳକ ପରିସ୍ଥିତି ମଧ୍ୟ ଦେଇ ମନୁଷ୍ୟର ଚେତନା ଜାଗ୍ରତ୍ ହୁଏ, ବାହ୍ୟିକ ଦୁଃଖ ଓ ବିପଦ ଯେପରି ଆନ୍ତର ଅଗ୍ନି ଓ ସାମର୍ଥ୍ୟକୁ ତୋଳି ଧରେ ।

କେହି କେହି ମନେ କରନ୍ତି ଯେ ଯଦି ସତ୍ୟ ଓ ପ୍ରେମ ଦ୍ୱାରାହିଁ ଦିବ୍ୟ-ଭଗବତ୍ ରାଜ୍ୟ ପ୍ରତିଷ୍ଠିତ ହେବ ତେବେ ଭଗବାନ୍ ସ୍ୱୟଂ ଏହି ସତ୍ୟ ଓ ପ୍ରେମକୁ ମନୁଷ୍ୟ-ସମାଜ ଉପରେ ଜବରଦସ୍ତି ଚାପି ଦେଉ ନାହାନ୍ତି କାହିଁକି ? ଏହାଦ୍ୱାରା ଭଗବତ୍ ରାଜ୍ୟ ଶୀଘ୍ର ଶୀଘ୍ର ପ୍ରତିଷ୍ଠିତ ହୋଇଯିବ । କିନ୍ତୁ ସତ୍ୟ ଓ ପ୍ରେମକୁ କାହାରି ଉପରେ ଲଦିଦିଆଯାଏ ନାହିଁ, ତଦ୍ଦ୍ୱାରା ଏହା କୃତ୍ରିମତାରେ ପରିଣତ ହୁଏ । ସତ୍ୟ ବା ପ୍ରେମର ସ୍ୱରୂପ ସ୍ୱତଃସ୍ଫୂର୍ତ୍ତତା – ଏହି ସମ୍ବନ୍ଧରେ ମା'ଙ୍କ ବାଣୀ ପାଠ କଲେ ବିଷୟଟି ଖୁବ୍ ସ୍ପଷ୍ଟ ହୋଇଉଠିବ :

''...But it is evident the Truth and Love are not quite welcome just now upon the earth, because the human heart is not yet ready for them – and if they are enforced upon the human consciousness by an act of Power, they would no more be the Truth and the Love but something artificial.

"That is why the collaboration of the human consciousness is indispensable and the way is long and arduous...''

ଅର୍ଥାତ୍ ''...କିନ୍ତୁ ଏହା ସ୍ପଷ୍ଟ ଯେ ଠିକ୍ ବର୍ତ୍ତମାନ ମୁହୂର୍ତ୍ତରେ ପୃଥିବୀପୃଷ୍ଠରେ କେହି ସତ୍ୟ ଓ ପ୍ରେମକୁ ଚାହୁଁ ନାହାନ୍ତି, କାରଣ ମନୁଷ୍ୟ ହୃଦୟ ଏପର୍ଯ୍ୟନ୍ତ ସେସବୁ ପାଇଁ ପ୍ରସ୍ତୁତ ହୋଇ ନାହିଁ । ଆଉ ଯଦି ସେସବୁକୁ ଗୋଟିଏ ଦିବ୍ୟ-କ୍ଷମତା ବଳରେ ମନୁଷ୍ୟ-ଚେତନା ଉପରେ ଜବରଦସ୍ତି ଚାପି ଦିଆଯାଏ, ତେବେ ତାହା ଆଉ ସତ୍ୟ ଓ ପ୍ରେମ ହୋଇ ରହିବ ନାହିଁ ବରଂ କୃତ୍ରିମ ବସ୍ତୁରେ ପରିଣତ ହେବ ।

''ସେଥିପାଇଁ ଏହି କାର୍ଯ୍ୟରେ ମନୁଷ୍ୟର ସହଯୋଗ ଏକାନ୍ତ ଆବଶ୍ୟକ ଏବଂ ମାର୍ଗ ଦୀର୍ଘ ଓ ଆୟାସସାଧ୍ୟ... ।''

ସୁତରାଂ କେବଳ ଭଗବାନ୍ ପୃଥିବୀରେ ଅବତାର ଗ୍ରହଣ କଲେ ତାଙ୍କ କାର୍ଯ୍ୟ ବିନା ବାଧା ଓ ପ୍ରତିରୋଧରେ ସମ୍ପୂର୍ଣ୍ଣ ହୁଏ, ଏହା କେବେ ବି ନୁହେଁ । ସତ୍ୟଚେତନାର ପ୍ରତିଷ୍ଠା ଓ ଗ୍ରହଣ ନିମିତ୍ତ ମାନବିକ ସହଯୋଗ ଓ ପ୍ରସ୍ତୁତି ଏକାନ୍ତ ଆବଶ୍ୟକ । ଏହି ପ୍ରସ୍ତୁତି ଓ ସହଯୋଗର ଅର୍ଥ – ପ୍ରଥମତଃ ମନୁଷ୍ୟର ସତ୍ୟ ଓ ପ୍ରେମକୁ ଗ୍ରହଣ ନିମିତ୍ତ ଦୃଢ଼ ସଙ୍କଳ୍ପ, ଦ୍ୱିତୀୟତଃ ଏହା ସତ୍ୟ ଓ ପ୍ରେମର ପ୍ରତିଷ୍ଠା ନିମିତ୍ତ ଅନ୍ୟାନ୍ୟ ସକଳ ନିମ୍ନ ଗତିବୃତ୍ତିର ପ୍ରତ୍ୟାଖ୍ୟାନ ଓ ସକଳ ପ୍ରକାର କାମନାବାସନାର ଦୁର୍ଦ୍ଦାନ୍ତ ଅଭିସନ୍ଧି ଓ ଅତ୍ୟଧିକ ଦାଉରୁ ନିଜକୁ ମୁକ୍ତ ରଖିବା । ଭଗବତ୍ ସଙ୍କଳ୍ପ, ଇଚ୍ଛା, ବୃତ୍ତିକୁ ଜୀବନରେ ପରିପୂର୍ଣ୍ଣ କରି ତୋଳିବା ନିମିତ୍ତ ମନୁଷ୍ୟ ଯଦି ସଚେତନ ଭାବରେ ଚାହେଁ, ତେବେ ତାହା ନିଶ୍ଚୟ ପୂର୍ଣ୍ଣ ହେବ ।

ମନୁଷ୍ୟର ପ୍ରସ୍ତୁତି ଅଭାବରୁ, ସହଯୋଗ ଅଭାବରୁ, ସତ୍ୟଗ୍ରହଣର ମନୋଭାବ ଅଭାବରୁ ତାହା ସମ୍ମୁଖରେ ସତ୍ୟର ଆବିର୍ଭାବ ଘଟିଲେ ମଧ୍ୟ ସେ ତାହା ବୁଝିପାରେ ନାହିଁ । ବହୁଦିନ ପର୍ଯ୍ୟନ୍ତ ସତ୍ୟ, ଜ୍ଞାନ, ଆଲୋକ ଓ ପ୍ରେମକୁ ଅପେକ୍ଷା କରିବାକୁ ପଡ଼େ ଏବଂ ମନୁଷ୍ୟର ଚେତନା ଜାଗ୍ରତ୍ ହେଲେ, ସେ ଏସବୁକୁ ବୁଝିପାରେ ଓ ନିଜ ହୃଦୟରେ ସ୍ଥାନ ଦିଏ ।

ବର୍ତ୍ତମାନ ପୃଥିବୀପୃଷ୍ଠରେ ଏକ ମହାନ୍ ସତ୍ୟ, ପରମ ଦିବ୍ୟ-ଅତିମାନସ ସତ୍ୟର ଆବିର୍ଭାବ ଘଟିଛି । ୧୯୬୬ ସାଲରେ ଶ୍ରୀମା'ଙ୍କର ନବବର୍ଷର ବାଣୀ ହେଲା ''Let us serve the Truth'' । ''ଚାଲ ଆମ୍ଭେମାନେ ସତ୍ୟର ସେବା କରିବା ।'' ଏ ବିଷୟରେ ଶ୍ରୀମା'ଙ୍କୁ ଯେଉଁ କେତେକ ପ୍ରଶ୍ନ କରାହୋଇଥିଲା ତହିଁରୁ ସ୍ପଷ୍ଟ ହେବ ଯେ ପୃଥିବୀପୃଷ୍ଠରେ ସତ୍ୟର ଆବିର୍ଭାବ ହୋଇଛି ।

"Q : Your wonderful message, ''Let us serve the Truth.'' – Has the Truth come upon

Earth ? If so, where does it dwell ? where is it at the moment ?

The Mother : The Truth is present upon the earth and dwells wherever there is a receptivity or a consciousness ready to manifest it.

Q : In what way should people serve the Truth ? Is it to be served outwardly as well as inwardly ?

The Mother : Whoever is sincere in his resolution to serve the Truth will know, or rather be made to know, at each moment, what he or she must do to serve the Truth, for there are many ways of serving it."

[ଅର୍ଥାତ୍ :

ପ୍ରଶ୍ନ : ଆପଣଙ୍କର ଅପରୂପ ବାଣୀ : ''ଚାଲ ଆମ୍ଭେମାନେ ସତ୍ୟର ସେବା କରିବା'' । ସତ୍ୟ କ'ଣ ପୃଥିବୀପୃଷ୍ଠରେ ଆସିଛି ? ଯଦି ଆସିଛି, ବର୍ତ୍ତମାନ ଏହା କେଉଁଠି ବାସ କରୁଛି ? ଅର୍ଥାତ୍ ଏହି ମୁହୂର୍ତ୍ତରେ ଏହା କେଉଁଠି ?

ଶ୍ରୀମା : ସତ୍ୟ ପୃଥିବୀ ଉପରେ ବିଦ୍ୟମାନ ଏବଂ ଯେଉଁଠାରେ ଗ୍ରହଣଶୀଳତା ଅଛି ବା ଯେଉଁ ଚେତନା ଏହାକୁ ପ୍ରକାଶ କରିବା ନିମିତ୍ତ ପ୍ରସ୍ତୁତ, ସେହିଠାରେ ଏହା ବାସ କରେ ।

ପ୍ରଶ୍ନ : ମନୁଷ୍ୟ ସତ୍ୟର ସେବା କିପରି ଭାବରେ କରିବ ? କ'ଣ ଉଭୟ ବାହାରେ ଓ ଅନ୍ତରରେ ଏହାର ସେବା କରିବାକୁ ହେବ ?

ଶ୍ରୀମା : ଯଦି କୌଣସି ବ୍ୟକ୍ତି ସତ୍ୟର ସେବା କରିବା ନିମିତ୍ତ ଏକନିଷ୍ଠ ଓ ଆନ୍ତରିକଭାବେ ସଙ୍କଳ୍ପ କରେ ତେବେ ସତ୍ୟର ସେବା କରିବା ନିମିତ୍ତ ପ୍ରତି ମୁହୂର୍ତ୍ତରେ କ'ଣ କରିବାକୁ ହେବ, ସେ ଜାଣିପାରିବ, ଅଥବା ତାକୁ ନିଶ୍ଚୟ ଜଣାଇ ଦିଆଯିବ, କାରଣ ସତ୍ୟର ସେବା କରିବାର ବହୁବିଧ ଉପାୟ ରହିଛି ।]

ଏହାଠାରୁ ଆଉ ସ୍ପଷ୍ଟ ଘୋଷଣା କ'ଣ ହୋଇପାରେ ? ଯୁଗ ଯୁଗ ଧରି ମନୁଷ୍ୟ ଯେଉଁ ଦିବ୍ୟସତ୍ୟର ଅପେକ୍ଷାରେ ଥିଲା, ବର୍ତ୍ତମାନ ତାହା ପୃଥିବୀପୃଷ୍ଠରେ ଆବିର୍ଭୂତ ହୋଇଛି, ମନୁଷ୍ୟ ମଧ୍ୟରେ ଏହା ପ୍ରତିଷ୍ଠା ନିମିତ୍ତ ଉପାୟ ଖୋଜୁଛି । ଯେକୌଣସି ବ୍ୟକ୍ତି ଯଦି ଆନ୍ତରିକତା ସହ ସତ୍ୟ-ଜୀବନ ଯାପନ କରିବାକୁ ଚାହେଁ, ନାନା ପ୍ରକାର ବାଧାବିଘ୍ନ ସତ୍ତ୍ୱେ ସେ ତାହା କରିପାରିବ । କିନ୍ତୁ ଏହି ସତ୍ୟସେବାର ଚାବିକାଠି ହେଲା ଐକାନ୍ତିକତା, ନିଷ୍ଠା ବା ଆନ୍ତରିକତା; ଏକ ଅକୃତ୍ରିମ ସରଳତା ଓ ଶିଶୁ ସୁଲଭ ମନୋଭାବ । ନିଜର ସକଳ ଦୋଷ, ଦୁର୍ବଳତା ଓ ତ୍ରୁଟି ସତ୍ତ୍ୱେ ଯେଉଁମାନେ ଯଥାର୍ଥରେ ନିଷ୍ଠାପର, ଅକୃତ୍ରିମ ଓ ଶିଶୁତୁଲ୍ୟ – ସେମାନେ ବରାବର ଭଗବାନଙ୍କ ସାହାଯ୍ୟ ଲାଭକରି ସତ୍ୟ ଓ ଆଲୋକ ଦିଗରେ ଅଗ୍ରସର ହୁଅନ୍ତି ବା କେହି ଜଣେ ତାଙ୍କୁ ସେ ଦିଗରେ ସହାୟତା କରି ଚଳେଇ ନିଏ । କିନ୍ତୁ ଏହି ନିଷ୍ଠା, ଐକାନ୍ତିକତା ବା ଆନ୍ତରିକତା ହେବା ଉଚିତ ଖୁବ୍ ପ୍ରଜ୍ୱଳ, ସର୍ବାଙ୍ଗୀଣ ଓ ଯଥାର୍ଥ । ସକଳ ସାଧନାର ଚାବିକାଠିହିଁ ଏହି ଆନ୍ତରିକତା । ମା' ବାରଂବାର ଏ ବିଷୟ କହିଛନ୍ତି, ''ଯଦି ତୋ ଭିତରେ ଆନ୍ତର ନିଷ୍ଠା ନାହିଁ, ତେବେ ତୁ ଯୋଗମାର୍ଗକୁ ସ୍ପର୍ଶ କର ନାହିଁ ।'' ଭଗବତ୍ ରାଜ୍ୟ ପ୍ରତିଷ୍ଠା କରିବାରେ ଯାହା ଯଥାର୍ଥରେ ସାହାଯ୍ୟ କରିବ ତାହାହିଁ ହେଲା ଆନ୍ତରନିଷ୍ଠା, ପରିପୂର୍ଣ୍ଣ ଐକାନ୍ତିକତା ଓ ସର୍ବାଙ୍ଗୀଣ ସ୍ୱଚ୍ଛତା । ଭଗବତ୍ ରାଜ୍ୟ ପୃଥିବୀପୃଷ୍ଠରେ ଅବଶ୍ୟ ପ୍ରତିଷ୍ଠିତ ହେବ, ଏହା ଅବଶ୍ୟମ୍ଭାବୀ – ଏହାହିଁ ଭଗବତ୍ ଅଭିପ୍ରେତ ମହାବାଣୀ । ବିଳମ୍ବରେ ହେଉ ବା ଶୀଘ୍ର ହେଉ, ଏହା ନିର୍ଭର କରିବ ମନୁଷ୍ୟର ଆନ୍ତର ନିଷ୍ଠା ବା ସାରଲ୍ୟ ଉପରେ ।

(୧୯୬୯ ଏପ୍ରିଲ ସଂଖ୍ୟା ନବଜ୍ୟୋତିରୁ ସଂଗୃହୀତ)

❑❑❑

ଜୀବନର ଯଥାର୍ଥ ଲକ୍ଷ୍ୟ ହେଉଛି ନିଜର ଆତ୍ମା ସହ ଯୁକ୍ତ ହୋଇ ପରମଙ୍କ ମଧ୍ୟରେ ନିମଗ୍ନ ହୋଇ ରହିବା ।

– ଶ୍ରୀମା

ଆରବ୍ୟ ରଜନୀର ଅଜଣା କାହାଣୀ :

# ସ୍ୱର୍ଗାସନରେ ଛିଦ୍ରଟିଏ

## ମନୋଜ ଦାସ

ଇସ୍ରାଏଲ୍‌ର ଏକ ଛୋଟ ସହରରେ ଗରିବ ଡେଭିଡ୍‌ର ଘର । ତା' ସ୍ତ୍ରୀ ଖୁବ୍ ସୁଆଦିଆ ମିଠେଇ ବନେଇ ଜାଣିଥାଏ । ଡେଭିଡ୍ ମିଠେଇ ପେଡ଼ି ମୁଣ୍ଡାଇ ଫେରିବାଲା ଭାବରେ ସହରର ବିଭିନ୍ନ ଅଞ୍ଚଳରେ ବୁଲି ବୁଲି ତାହା ବିକ୍ରି କରେ ।

ଦିନେ ସେ ପଶିଲା ଗୋଟାଏ ଅପରିଚିତ ଗଳିରେ । ସୁନ୍ଦର କୋଠାଟାଏ ଆଗରେ ସୁକୁମାର ପିଲାଟିଏ ଖେଳୁଥିଲା । ଡେଭିଡ୍ ତାକୁ ଗୋଟାଏ ମିଠେଇ ଧରେଇଦେଲା । ପିଲାଟି ତାହା ପାଟିରେ ଦେଇ ଛାଡ଼ିଲା ଗୋଟାଏ ଆନନ୍ଦର ଚିତ୍କାର !

ସେ ଜମିଦାରିଆ ଘରର ପରିଚାରିକା ଦୌଡ଼ିଆସି ପିଲାଟି ପାଖରୁ ସେ ମିଠେଇର ପ୍ରଶଂସା ଶୁଣି ଡେଭିଡ୍‌ଠାରୁ ଆହୁରି କେତୋଟି ନେଇ ସବୁତକର ଦାମ୍ ଦେଇଦେଲା ।

ପରଦିନ ବି ଡେଭିଡ୍ ସେ ଘର ଆଗକୁ ଆସିଲା । ସେଦିନ ପିଲାଟିର ମାଆ ନିଜେ ବାହାରିଆସି ତା' ମିଠେଇର ପ୍ରଶଂସା କଲେ ଓ ବେଶ୍ କେତୋଟି କିଣିନେଲେ ଓ ପରଦିନ ପୁଣି ସଦ୍ୟପ୍ରସ୍ତୁତ ମିଠେଇ ଆଣିବାକୁ ବରାଦ ଦେଲେ ।

ଡେଭିଡ୍ ତେଣିକି ସବୁଦିନ ସେଠାକୁ ଆସେ ଏବଂ ତଟକା ମିଠେଇ ବିକ୍ରୟ କରି ଯାଏ ।

ଦିନେ ଡେଭିଡ୍ ସେ ଜମିଦାରଙ୍କ ଘର ଆଗରେ ପହଞ୍ଚିବା ପୂର୍ବରୁ ପାଖ କୋଠାରୁ ଜଣେ ପରିଚାରକ ବାହାରିଆସି ଖୁବ୍ ଆଦର ଦେଖାଇ ତାକୁ ଭିତରକୁ ଡାକି ନେଇଗଲା । ଗୋଟାଏ ସୁସଜ୍ଜିତ ଘରେ ଗଦି ଉପରେ ବିରାଟ ତକିଆ ଉପରକୁ ଆଉଜି ବସିଥିଲେ ଜଣେ ବୃଦ୍ଧ । ବୁଝି ହେଉଥିଲା ସେ ଜଣେ ଖୁବ୍ ଧନୀଲୋକ ।

ବୃଦ୍ଧ ଡେଭିଡ୍‌ର ପେଡ଼ିରୁ ମିଠେଇଟିଏ ଉଠାଇନେଇ ପାଟିରେ ପକାଇଲେ । 'ଚମତ୍କାର !' ସେ ଏ ମନ୍ତବ୍ୟ ଦେବା ସଙ୍ଗେ ସଙ୍ଗେ ଡେଭିଡ୍ ଆଡ଼େ ଛାଟିଦେଲେ ଗୋଟାଏ ସ୍ୱର୍ଣ୍ଣମୁଦ୍ରା ।

ଡେଭିଡ୍ କାବା ହୋଇଗଲା । ବୃଦ୍ଧ ହସିଲେ ଓ କହିଲେ, ''ଏତିକିରେ ବିସ୍ମିତ ? ତୁମେ ଯଦି ମୋ କଥା ଅନୁସାରେ କାମ କରିବ, ତେବେ ପଚାଶଟି ସ୍ୱର୍ଣ୍ଣମୁଦ୍ରା ପାଇବ । ତୁମ ଭାଗ୍ୟ ବଦଳିଯିବ !''

''କ'ଣ ଆପଣଙ୍କ ଆଦେଶ ? ସମ୍ଭବ ହେଲେ ଅବଶ୍ୟ ପାଳନ କରିବି !'' ନମ୍ରଭାବରେ କହିଲା ଡେଭିଡ୍ ।

''ଆରେ ସମ୍ଭବ ନହେବାର କାରଣ କ'ଣ ଅଛି !'' ବୃଦ୍ଧ ଏ ମନ୍ତବ୍ୟ ଦେଇ ଅନେକ ବୁଲେଇ ବଙ୍କେଇ ଯାହା କହିଲେ, ତା'ର ସାରକଥା ହେଲା ସେ ଡେଭିଡ୍‌କୁ କିଞ୍ଚିତ୍ ବିଷ ଯୋଗାଇଦେବେ । ଡେଭିଡ୍ ଜମିଦାର ଘରେ ବିକୁଥିବା ମିଠେଇ ଉପରେ ତାହା ବୋଳି ଦେବ । ସେ ଏତିକିମାତ୍ର ଚାହାନ୍ତି – ସେ ପିଲାଟି ମରିଯାଉ । ସାମାନ୍ୟ ଆବ୍‌ଦାର ! ପ୍ରଥମେ କିଛି ସମୟ ସ୍ତବ୍ଧ ଭାବରେ ଠିଆ ହୋଇ ରହି ଡେଭିଡ୍ କହିଲା, ''ବାବୁ ! ଆପଣଙ୍କଠୁଁ ଏମିତି ପ୍ରସ୍ତାବ ଆସିବ, ସେକଥା ମୋ କଳ୍ପନା ବାହାରେ ଥିଲା । ନାହିଁ, ବାବୁ, ନାହିଁ । ସେମିତି କାମ ମୋ ଦ୍ୱାରା କଦାଚ ସମ୍ଭବପର ନୁହେଁ ।''

– ''ସମ୍ଭବପର ନୁହେଁ ? ଏକ ଶହ ସ୍ୱର୍ଣ୍ଣମୁଦ୍ରା ପାଇଲେ ସମ୍ଭବ ହେବଟି ?''

– ''ଏକ ସହସ୍ର ପାଇଲେ ବି ନୁହେଁ ।'' ଚାଲିଯିବା ପାଇଁ ବ୍ୟସ୍ତ ହୋଇ କହିଲା ଡେଭିଡ୍ ।

''ତୁମେ ବେଶ୍ ଦରଦସ୍ତୁର କରିପାର ଦେଖୁଛି । ବେଶ୍ । ଦୁଇ ହଜାର । ଏହାହିଁ ମୋର ଶେଷ ଡାକ । ଶୁଣ, ଯୁବକ ! ତୁମେ ତ ସେ ପିଲାକୁ ମାରିବାକୁ ଯାଉ ନାହଁ ? ମାରିବି ମୁଁ । ତୁମେ ଖାଲି ପାରିଶ୍ରମିକ ବଦଳରେ କାମଟାଏ କରିଦେବ । ବାସ୍ ।'' – ବୃଦ୍ଧ ଉଠିପଡ଼ି, ଡେଭିଡ୍‌ର ପିଠି ଆପୁଡ଼େଇଦେଇ କହିଲେ ।

'ନା, ନା, ନା !' ଦୃଢ଼ କଣ୍ଠରେ ଏହା କହି ଡେଭିଡ୍ ତା' ପେଡ଼ି ଉଠାଇବାକୁ ଯିବା ମାତ୍ରେ ବୃଦ୍ଧ ତା' କାନ୍ଧ – କବ୍‌ଜା କରି କହିଲେ, ''ତେବେ ପିଲାଟି ବଦଳରେ ମୃତ୍ୟୁ ତୁମ ପାଇଁ ଥୁଆ । ତୁମେ ଥରେ ମୋ ଉଦ୍ଦେଶ୍ୟ ଜାଣିଯିବା ପରେ ତୁମକୁ ତାହା ପ୍ରକଟ କରିବାର ସୁଯୋଗ ଦେବି ବୋଲି ଭାବିପାରୁଛ ?''

ବୃଦ୍ଧଙ୍କ ନିର୍ଦ୍ଦେଶରେ ତାଙ୍କର ଦୁଇ ଜଣ ସବଳ ସହକାରୀ ଡେଭିଡ୍‌ର ଦୁଇ ବାହୁ ଜାବୁଡ଼ି ଧରି ତାକୁ ଠେଲି ଠେଲି ଗୋଟାଏ

ଉପର ମହଲାକୁ ନେଇଗଲେ ଓ କୋଠରିଟିଏ ଭିତରେ ଭର୍ତ୍ତି କରି ତାଲା ପକାଇଦେଲେ ।

ହତାଶା, କ୍ରୋଧ ଏବଂ ଦୁଃଖରେ ମ୍ରିୟମାଣ ହେଲା ଡେଭିଡ୍ । ବିଧାତା ବୃଦ୍ଧକୁ ଐଶ୍ୱର୍ଯ୍ୟ ଦେଇଛି, ବୁଦ୍ଧି ଦେଇଛି, କିନ୍ତୁ ଏ ବୟସରେ ଲୋକଟି ଏଡ଼େ ଭୟଙ୍କର ପାପାଚାର ଦିଗରେ ଆଗ୍ରହୀ ହେଉଛି କିପରି ? ସେକଥା ଭାବି ସେ ଯେମିତି ପାଗଳ ହୋଇଯିବ !

ସନ୍ଧ୍ୟା ହୋଇଗଲା । କୋଠରି କାନ୍ଥର ଉପର ଅଂଶରେ ଛୋଟ ବାତାୟନଟିଏ, ବାହାରୁ ଆଲୁଅ ଆସିବା ନିମନ୍ତେ । ଯେତେବେଳେ ଅନ୍ଧକାର ଘୋଟି ଆସିଲାଣି ବୋଲି ସେ ବୁଝିଲା ସେତେବେଳେ ଉପରକୁ ଲମ୍ଫ ଦେଇ ସେ ଝରକା ବାହାରେ କ'ଣ ଅଛି ଠଉରାଇବାର ଚେଷ୍ଟାକଲା । ତା' ପାପୁଲି ଚାପରେ ଝରକା ତଳର ଇଟା ଖସିଆସିଲା । ଅତ୍ୟନ୍ତ ପୁରୁଣା ଘର । ସେ ନିଜର ସମସ୍ତ ବଳ ଖଟାଇ ସେ ଝରକା ଦେଇ ସେପାରି ଛାତ ଉପରକୁ ଓହ୍ଲାଇ ପଡ଼ିଲା । ଛାତ କଡ଼କୁ ଯାଇ ସେ ନିଜେ କେତେ ଉଚ୍ଚରେ ଅଛି ସେକଥା ନ ଠଉରାଇ, ତଳେ କ'ଣ ଅଛି ନଜାଣି, ଡେଇଁପଡ଼ିଲା । ଭାଗ୍ୟକୁ ତଳେ ଥିଲା ନଡ଼ା ବୋଝେଇ ଠେଲାଗାଡ଼ିଟିଏ । ନହେଲେ ଜୀବନ ଯାଇଥା'ନ୍ତା । କାରଣ ସେ ତିନି ମହଲା ଉପରୁ ଡେଇଁଥିଲା !

ସେ ଦୌଡ଼ିଲା ଘରମୁହାଁ । ଅପେକ୍ଷା କରି ବସିଥିଲା ତା' ସ୍ତ୍ରୀ । ସେ ସବୁ ଗପିଗଲା । ଉଭୟେ ଭଗବାନଙ୍କୁ ଧନ୍ୟବାଦ ଦେଲେ – ଜୀବନ ଧରି ଡେଭିଡ୍ ଫେରିଥିବା ଯୋଗୁଁ ।

ସବୁଦିନ ସନ୍ଧ୍ୟାବେଳେ ଘରକୁ ଫେରିବାବେଳେ ଡେଭିଡ୍ ବଜାରରୁ ମଇଦା କିଣି ଆଣୁଥାଏ । ତା' ସ୍ତ୍ରୀ ପାଉଁରୁଟି ବନାଏ । ଦୁହେଁ ଖାଆନ୍ତି । କିନ୍ତୁ ଆଜି ସେମାନଙ୍କୁ ଅନାହାରରେ ରହିବାକୁ ପଡ଼ିବ ! ସେଇଟା ବଡ଼ କଥା ନୁହେଁ । ଡେଭିଡ୍ ମଣିଷରୂପୀ ଭୟଙ୍କର ପିଶାଚ କବଳରୁ ଖସିଆସିପାରିଛି, ତାହାହିଁ ଯଥେଷ୍ଟ ।

ତେବେ ଡେଭିଡ୍‌ର ସ୍ତ୍ରୀ ଚୁଲି ଜଳାଇ ରଖିଥିଲା । ଜଣେ ପଡ଼ୋଶୀ ମହିଳା ନିଆଁ ନେବା ପାଇଁ ସେମାନଙ୍କ ଘରକୁ ଆସନ୍ତେ ଡେଭିଡ୍‌ର ସ୍ତ୍ରୀ ତାକୁ ରୋଷେଇ ଘର ଭିତରକୁ ଯାଇ ଚୁଲିରୁ ନେଇଯିବାକୁ କହିଲା ।

ମହିଳା ରୋଷେଇଘରୁ ପାଟି କରି କହିଲେ, ''ଭଉଣି ! କେଡ଼େ ସୁନ୍ଦର ପାଉଁରୁଟି ବନାଇଛ ! ଏଡ଼େ ଚମତ୍କାର, ଏଡ଼େ ମହକିତ ରୁଟି ମୁଁ ଜୀବନରେ ଦେଖି ନ ଥିଲି !''

ମହିଳା ନିଆଁ ନେଇ ଚାଲିଗଲେ । ସେ କ'ଣ ଥଟ୍ଟା କରୁଥିଲେ ? ଅବାକ୍ ହୋଇ ଡେଭିଡ୍ ଓ ତା' ସ୍ତ୍ରୀ ରୋଷେଇ ଘରେ ପଶି ଯାହା ଦେଖିଲେ, ସେଥିରେ ସେମାନେ ହେଲେ ହତବାକ୍ ! ଚୁଲି ଉପରେ ପ୍ରସ୍ତୁତ ହୋଇ ରହିଛି ଅତ୍ୟନ୍ତ ମନୋରମ ଏକ ବଡ଼ ଆକାରର ରୋଟି !

କିଛି ସମୟର ନୀରବତା ପରେ ଡେଭିଡ୍‌ର ସ୍ତ୍ରୀ କହିଲା, ''କୃତଜ୍ଞତା ଗ୍ରହଣ କର, ହେ ଭଗବାନ୍ ! ତୁମେ ଆଜି ମୋ ସ୍ୱାମୀର ଜୀବନ ରକ୍ଷା କଲ, ପୁଣି ଆମ ପାଇଁ ଆହାର ମଧ୍ୟ ଯୋଗାଇଦେଲ !''

''ଭଗବାନ୍ ଯଦି ଆମକୁ କିଛି ସମ୍ପଦ ଦିଅନ୍ତେ, ତେବେ ଆମେ କେଡ଼େ ସୁଖୀ ହୁଅନ୍ତୁ !'' କହିଲା ଡେଭିଡ୍ ।

''ଆମେ ନ ମାଗିଲେ ଯଦି ଆମର ଯାହା ଲୋଡ଼ା ତାହା ଭଗବାନ୍ ଦେଉଛନ୍ତି, ଆମେ ମାଗିବାର ଆବଶ୍ୟକତା କ'ଣ ?'' ସ୍ତ୍ରୀ ପ୍ରଶ୍ନ କଲେ ।

''କହୁଥିଲି କି, ଭଗବାନ୍ ଯଦି – ଧର – ଖଣ୍ଡିଏ ହୀରା ଦିଅନ୍ତେ...''

ଡେଭିଡ୍‌ର ମାଗୁଣି ଶେଷ ନହେଉଣୁ ଖଣ୍ଡିଏ ହୀରା ଚେକା ଆସି ପଡ଼ିଲା ତା' ସାମନାରେ ।

ଦୁହେଁ ନୀରବରେ ପରସ୍ପର ଚାହାଁଚାହିଁ ହେଲେ । କିଛି ସମୟ ବିତିଗଲା ।

''ଚାଲ, ରୋଟି ଖାଇ ପ୍ରାର୍ଥନା କରି ଶୋଇଯିବା !'' ଡେଭିଡ୍ କହିଲା ।

ରାତିରେ ଡେଭିଡ୍‌ର ସ୍ତ୍ରୀ ଦେଖିଲା ସ୍ୱପ୍ନ – ସେ ଯାଇ ସ୍ୱର୍ଗରାଜ୍ୟରେ ପହଞ୍ଚିଛି ଜଣେ ପରିବ୍ରାଜିକା ଭାବରେ । ଠାଏ ଅତି ରମଣୀୟ, ଉଜ୍ଜ୍ୱଳ ଚୌକିଟିମାନ ଥୁଆ ହୋଇଥିବାର ଦେଖି ସେ କୌତୂହଳୀ ହୋଇ ଜଣେ ଦେବତାଙ୍କୁ ପଚାରିଲା, ''ଏସବୁ କାହା ପାଇଁ ?''

''ଯେଉଁମାନେ ପୃଥିବୀପୃଷ୍ଠରେ ସତ୍‌ସାହସ ଏବଂ ନ୍ୟାୟପରାୟଣ ରୂପେ ଜୀବନ ଅତିବାହିତ କରିଛନ୍ତି, ସେହିମାନଙ୍କ ପାଇଁ ।'' ଉତ୍ତର ଆସିଲା ।

''ତେବେ ତ ମୋ ସ୍ୱାମୀଙ୍କ ପାଇଁ ଚୌକିଟିଏ ରହିଥିବ !''

''ନିଶ୍ଚୟ ! ହେଇଟି !'' କହି ଦେବତା ଗୋଟାଏ ଚୌକି ପ୍ରତି ମହିଳାଟିର ଦୃଷ୍ଟି ଆକର୍ଷଣ କଲେ ।

ସେ ପାଖକୁ ଯାଇ ଦେଖିଲା, ଚୌକି ଉପରେ ପଡ଼ିଥିବା ଗଦିରେ ଗୋଟାଏ ଛିଦ୍ର ।

''ଏ ଛିଦ୍ରଟି କାହିଁକି ?'' ସେ ପ୍ରଶ୍ନ କଲା ।

ତୀବ୍ର ଗତିରେ ଉପରୁ ଆସି ଏହି ଚୌକିର ଆସନ ଫଟାଇ ଖଣ୍ଡିଏ ହୀରା ତୁମ ଘର ଭିତରେ ଯାଇ ପଡ଼ିଥିଲା ନିଶ୍ଚୟ !'' ଉତ୍ତର ଦେଲେ ଦେବତା ।

ସ୍ୱପ୍ନ ତୁଟିଗଲା । ଡେଭିଡ୍‌ର ସ୍ତ୍ରୀ ସ୍ୱାମୀକୁ ସ୍ୱପ୍ନଟି ଶୁଣାଇଲା ।

''ବାସ୍ତବିକ ! ମୁଁ ହୀରା ଖଣ୍ଡିଏ ମାଗି କେଡ଼େ ଭୁଲ୍ କଲି !'' ଏହା କହି ଡେଭିଡ୍ ସେ ଖଣ୍ଡିକ ଶୂନ୍ୟକୁ ଫିଙ୍ଗି କହିଲା, ''ତୋ ଉତ୍ସକୁ ବାହୁଡ଼ି ଯା ।''

ହୀରା ଅଦୃଶ୍ୟ ହୋଇଗଲା ।

ସକାଳେ ଡେଭିଡ୍ ଜମିଦାରଙ୍କ ଘରଆଡ଼େ ମୁହାଁଇଲା – ସେ ସଇତାନ ବୃଦ୍ଧ ପ୍ରତିବେଶୀ ସମ୍ପର୍କରେ ତାଙ୍କୁ ସତର୍କ କରିଦେବା ଉଦ୍ଦେଶ୍ୟରେ ।

କିନ୍ତୁ ବୃଦ୍ଧଙ୍କ ଘର ଆଗରେ ସେ ଦେଖିଲା ବେଶ୍ କେତେଜଣ ଲୋକ ଗମ୍ଭୀରଭାବରେ ଆତଯାତ ହେଉଛନ୍ତି । ସେ ଅନୁସନ୍ଧାନ କରି ବୁଝିଲା, ରାତିରେ ବୃଦ୍ଧ ହଠାତ୍ ହୃଦ୍‌ଘାତରେ ପରଲୋକ ଗମନ କରିଛନ୍ତି । ତା'ର ବିଶ୍ୱାସ ହେଲା, ତାହାରି ପଳାୟନହିଁ ବୃଦ୍ଧଙ୍କ ହୃଦ୍‌ଘାତର କାରଣ ।

ତା'ପରେ ସେ ଯାଇ ଜମିଦାରଙ୍କୁ ସବୁ ଗପିଲା । କୃତଜ୍ଞ ଓ ଉତ୍‌ଫୁଲ୍ଲ ଜମିଦାର ତାକୁ ଦଶ ହଜାର ସ୍ୱର୍ଣ୍ଣମୁଦ୍ରା ଉପହାର ଦେଲେ ।

ଡେଭିଡ୍ ଓ ତା' ସ୍ତ୍ରୀ ସୁଖରେ ରହିଲେ । ❑

# ବିଶ୍ୱାସର ଡେଣା

## ହୃଷୀକେଶ ପଣ୍ଡା

ମୋତେହିଁ ପୋତିବାକୁ ହେବ
ସତ୍ୟର ଗଛଟିଏ
ମୃତ୍ୟୁର ମର୍ତ୍ତ୍ୟ ଭୂମିରେ ।

ଶ୍ରଦ୍ଧାର ମାଟି
ସ୍ୱପ୍ନର ଉତ୍ତାପ
ବିଶ୍ୱାସର ପାଣି ଦେଇ
ମୋତେହିଁ ବଞ୍ଚାଇବାକୁ ହେବ
ସେ ଗଛର ପ୍ରତିଟି ଚେରକୁ ।

ଯେବେ ଗଛ ଅଙ୍କୁରିବ
ରୁକ୍ଷ ବସୁଧା ହେବ
ରଜସ୍ୱଳା, ପ୍ରେମରେ ଉଚ୍ଛୁଳା
ସେ ଗଛରେ ଫୁଟିବ ପୁଣି
'ନବପ୍ରକାଶ'ର କେତେ
ପ୍ରତ୍ୟୟର ନାନା ଜାତି ଫୁଲ ।

ଆଶାର ସୁବର୍ଣ୍ଣ ପକ୍ଷୀ
ଉଡ଼ିଆସିବ ଦିଗନ୍ତରୁ
ଡେଣା ମେଲି ମେଲି
ସେ ଗଛର ମହକରେ
ଚାଖିବାକୁ ବିଶ୍ୱାସର ଫଳ ।

ସବୁଜ ଡାଳରେ ବସି
ଗାଇବ ସେ ଜୀବନ ସଙ୍ଗୀତ
ଚେତନା ଉଠିବ ଜାଗି
ଅମର୍ତ୍ତ୍ୟର କାଉଁରି ପରଶେ
ମର୍ତ୍ତ୍ୟର ମରୁପଥେ
ବହିଯିବ ଜାହ୍ନବୀର ସ୍ରୋତ ।। ❑



# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୩୧)

## ସାହାନା ଦେବୀ

**ସାହାନା :** ଆଚ୍ଛା ମା'ଗୋ, କାହିଁକି ସମୟ ସମୟରେ ଏସବୁ ଏତେ କଠିନ ମନେହୁଏ ? ପୁଣି ଥରେ ଥରେ ସେତେ ଅଧିକ ଆନନ୍ଦ ଲାଗେ ସେଇ ଏକା ପ୍ରକାର ଅବସ୍ଥାକୁ ଅତିକ୍ରମ କରିପାରିଲେ । ଅଥଚ ଏସବୁ ଅଭିଜ୍ଞତା ଲାଭ କରି ସାରିବା ପରେ ମଧ୍ୟ ବେଳେ ବେଳେ ଏହା ଅସମ୍ଭବ ମନେହୁଏ । ଏଇ ତ ମୋର ଅବସ୍ଥା । ବର୍ତ୍ତମାନ କ'ଣ କଲେ ଏ ନିମ୍ନପ୍ରାଣର କବଳରୁ ମୁକ୍ତି ମିଳିବ ଏହା ହେଉଛି ମୋର ଏକ ସମସ୍ୟା ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଯେଉଁ ସମୟରେ ପ୍ରାଣର ଏହି ମିଶ୍ରଣ ଦେଖାଦିଏ, ସେହି ସମୟରେହିଁ ତାକୁ ପ୍ରତିଥର ପ୍ରତ୍ୟାଖ୍ୟାନ କରି ଚାଲିବାକୁ ହେବ । ଯଦି ତୁମେ ପରିବର୍ଜନ ନିମନ୍ତେ ଦୃଢ଼ ପଦକ୍ଷେପ ନେଇଥାଅ ତେବେ କ୍ରମଶଃ ତାହା ନିଜର ଶକ୍ତି ହରାଇବ ଏବଂ ବିଲୀନ ହୋଇଯିବ ।

୨୧.୬.୧୯୩୩

**ସାହାନା :** ମା'ଗୋ, ଏଥିରୁ ତୁମେମାନେ ଧରିନିଅ ନାହିଁ ଯେ ମୁଁ ଯାହା ଛାଡ଼ିଛି ତାକୁ ଫେରି ପାଇବାକୁ ମୋର ତିଳେ ମାତ୍ର କୌଣସି ଦୁର୍ବଳତା ଆସିଛି, ଏପରିକି ଏତେ ସଂଗ୍ରାମ ମଧ୍ୟରେ ବି ନୁହେଁ, ଏକଥା ତୁମେମାନେ ଜାଣିରଖ ଯେ 'କ' ଘଟଣାର ବ୍ୟାପାର ମୋ ମୁଣ୍ଡରୁ କେବେ ବି ଯାଇ ନାହିଁ । ଏଇ ଗୋଟିଏ ଛୋଟ ତର୍କବିତର୍କ ଆଜି ବି ସମ୍ପୂର୍ଣ୍ଣ ଶେଷ ହେଲା ନାହିଁ । ମୁଁ ଜାଣେ ଏସବୁ ମୂଳରେ ଅହଂକାର, ଆତ୍ମାଭିମାନ, ଆତ୍ମମ୍ଭରିତା — ସବୁହିଁ ଅଛି, କିନ୍ତୁ କେବେ ବି ତାହା ପୁଣି ବିସ୍ମୃତ ହେବାକୁ ସମୟ ଲାଗେନା, ଏହାହିଁ ଠିକ୍ । ଛୋଟ ଏକ ଘଟଣା କିପରି ଲାଗି ରହି ଜୋକ ପରି କାମୁଡ଼ି ଧରିଛି ଦେଖୁଛ ? ଏସବୁ ଚିନ୍ତା ଥମି ଯାଇ ମଧ୍ୟ ଯାଉ ନାହିଁ । କେତେପ୍ରକାର ସମସ୍ୟା ଯେ ଅଛି !

**ଶ୍ରୀଅରବିନ୍ଦଙ୍କ ପତ୍ର :** ତା'ର ଅର୍ଥ ଏହା ହେଉଛି ଏକ ଜିଦ୍‌ଖୋର୍ କଥା । କିନ୍ତୁ କିଛି ଅସଂଗତ, ଯାନ୍ତ୍ରିକ, ପୁରାତନ ଗତିବୃତ୍ତିକୁ ଧରି ରଖିବା । ବାସ୍ତବିକ ଏହିଭାବେ ଏହିସବୁ ଜିନିଷ ବଞ୍ଚି ରହିବାକୁ ଚାହେଁ । ଏହା ଯିବାକୁ ବାଧ୍ୟ ହେବ ଯଦି ତୁମେ ତାକୁ ନୂତନ ଖୋରାକ ଯୋଗାଇ ନ ଦିଅ ।

୨୩.୬.୧୯୩୩

**ସାହାନା :** ମୋର ମନ କହେ ଯେ ଏଇସବୁ ମନ୍ଦ ଚିନ୍ତା ହାତରୁ ଥରେ ମୁକ୍ତି ପାଇଗଲେ କେତେ ଯେ ଆନନ୍ଦ ଅନୁଭବ ନକରିବି । ମା'ଗୋ, ଆଉ କ'ଣ ଲେଖିବି । ମୋତେ ଏକେବାରେ ଚିରଦିନ ପାଇଁ ମୁକ୍ତ କରିଦିଅ, କେଉଁଠି ଯେପରି ଆଉ ଟିକିଏ ମାତ୍ର ଅବଶିଷ୍ଟାଂଶ ନରହେ — ପୂରାପୂରି ପରିଷ୍କାର କରିଦିଅ ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ମୋର ଏଥିରେ କୌଣସି ସନ୍ଦେହ ମଧ୍ୟ ନାହିଁ — ତୁମକୁ କେବଳ ଘଟଣାଟିକୁ ଠିକ୍ ରୂପେ ବୁଝିବାକୁ ହେବ ଏବଂ ତା'ହେଲେହିଁ ତତ୍‌କ୍ଷଣାତ୍ ତୁମେ ଠିକ୍ ଭିତ୍ତିଭୂମିରେ ଯାଇ ଛିଡ଼ା ହୋଇପାରିବ ।

୨୩.୬.୧୯୩୩

**ସାହାନା :** ଜଣଙ୍କ ଘରେ ଗୋଟିଏ ବିଖ୍ୟାତ ନାଟକର କିଛି ଅଂଶ ଜଣେ କେହି ଆବୃତ୍ତି କରିବେ, ସେଇଟି ଶୁଣିବାକୁ ତାଙ୍କ ଘରକୁ ଯାଇଥିଲି । ଖୁବ୍ ଭଲ ଲାଗିଲା ବୋଲି କହିବାକୁ ହେବ । ତେବେ ଆମମାନଙ୍କର ଅନ୍ତରଟା ଏ ପ୍ରକାର ପରିବେଶରେ ଆଉ ପୂର୍ବପରି ପ୍ରଭାବିତ ହେଇ ପାରୁନି, ଉପଭୋଗ କରେ ସତ, କିନ୍ତୁ ସମଗ୍ର ସତ୍ତା ଉପଭୋଗ କରି ପାରେନା । ଆମମାନଙ୍କର ଅନ୍ତରର କେବଳ ଗୋଟିଏ ଅଂଶହିଁ ଅନ୍ୟସବୁ ଅଂଶର ଗତିବିଧିକୁ ଲକ୍ଷ୍ୟ କରେ । ଆଜିକାଲି ଆମର ଦୃଷ୍ଟିକୋଣ ଅନେକ ପରିମାଣରେ ଅନ୍ତର୍ମୁଖୀ ହୋଇଉଠିଛି ବୋଲି ପୂର୍ବରୁ ଯେଉଁସବୁ କଥା ଅଗୋଚର ଥିଲା ସେସବୁ ଏବେ ଏତେ ସ୍ପଷ୍ଟ ହୋଇଉଠୁଛି ଯେ ସବୁ ଧରା ପଡ଼ିଯାଏ ଏଇ ଅର୍ଥରେ ଯେ କ୍ରମଶଃ ନିଜେହିଁ ନିଜର ଦୃଷ୍ଟିରେ ଖୁବ୍ ପରିଷ୍କାର ହୋଇଉଠୁଛି । ସେଇଥିପାଇଁ ପୂର୍ବଭଳି ନିଜକୁ ଭୁଲିଯାଇ ଉପଭୋଗ କରିବା ଆଉ ସମ୍ଭବ ହେଉ ନାହିଁ; ନିଜର ଆନ୍ତର ଭାବନାର ଗତିବିଧିରେ ସବୁକିଛିକୁ ଲକ୍ଷ୍ୟ କରିବାର ଧାରା ସର୍ବଦା ଚାଲୁ ରହିଛି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏଇ ଅବସ୍ଥାରେ ପହଞ୍ଚିବା ହେଉଛି ଏକ ଅସାମାନ୍ୟ ଅପରିହାର୍ଯ୍ୟ ପ୍ରଗତି ।

୧୦.୭.୧୯୩୩

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

# ଆମ ମାଆ

## (୨)

## ସୁନନ୍ଦା ବେନ୍

ଚଞ୍ଚଳ ବେନ୍ ପଢ଼ାଶୁଣା ତ ବେଶୀ କରି ନଥିଲେ, ପୁନଶ୍ଚ ନିଜ ମାତୃଭାଷାରେ ଲେଖାଲେଖି କରିବାରେ ଆଦୌ ଅଭ୍ୟସ୍ତ ନଥିଲେ । ତଥାପି ନିଜ ଅନ୍ତରର ଭାବକୁ ପ୍ରାଧାନ୍ୟ ଦେଇ ସେ ଗୁଜରାଟୀରେ ଶ୍ରୀଅରବିନ୍ଦଙ୍କ ନିକଟକୁ ପତ୍ରଟିଏ ଲେଖି ଜଣାଇଲେ ଯେ ତାଙ୍କ ଆଶ୍ରମକୁ ଯିବା ସକାଶେ ତାଙ୍କୁ ତାଙ୍କର ଅନୁମତି ମିଳୁ । ଚିଠି ପଠାଇଦେବାର ପରମୁହୂର୍ତ୍ତରୁ ସେ ଦୃଢ଼ନିଶ୍ଚିତ ହୋଇଉଠିଲେ ଯେ ତାଙ୍କ ଚିଠିର ଉତ୍ତର ଅନ୍ତର୍ଯାମୀ ଶ୍ରୀଅରବିନ୍ଦ ନିଶ୍ଚୟ ଦେବେ । ଉତ୍ତର ଆସିବହିଁ ଆସିବ; ତୁରନ୍ତ ଆସିବ ।

ଆତ୍ମ-ବିଶ୍ୱାସ ଓ ଅପ୍ରତିହତ ଭରସାରେ କବଚାବୃତ ହୋଇ ସେ ନିର୍ଜଳା ଉପବାସର ବ୍ରତ ଗ୍ରହଣ କଲେ । ତାଙ୍କ ପ୍ରାର୍ଥନାର ଉତ୍ତର ନଆସିବା ପର୍ଯ୍ୟନ୍ତ ସେ ଅନ୍ନଜଳ ସ୍ପର୍ଶ କରିବେ ନାହିଁ । ଏପରି ବ୍ରତ ନ ନେବାକୁ ଘରେ ଦାଦା ହାତୀଭାଇ ଓ ଭଉଣୀ ସୂରଯ ତାଙ୍କୁ ଅନେକ ବୁଝାଇଲେ । କିନ୍ତୁ ସେ ତ କାହାରି କଥା ଶୁଣିବାର ଅବସ୍ଥାରେ ନଥିଲେ, ଅଧିକନ୍ତୁ ଘରୁ ବାହାରିଯାଇ ଗାଁ ମୁଣ୍ଡର ଅନତିଦୂରରେ ଥିବା ଅପନ୍ତରା ମଶାଣି ଭୂଇଁକୁ ଲାଗି ଏକ ଶିବ ମନ୍ଦିରରେ ପ୍ରବେଶ କରି ଧାରଣା ଦେଲେ । ଅନ୍ନଜଳ ସ୍ପର୍ଶ ନକରି ସେ ସେଠାରେ ସାତ ଦିନ ସାତ ରାତି ବିତାଇଥିଲେ ।

ଆନୁଷ୍ଠାନିକ ଭାବରେ ଧ୍ୟାନ କରିବାର କି ଏକାଗ୍ର ହେବାର କୌଣସି ଜ୍ଞାନ ବା ପଦ୍ଧତି ତାଙ୍କୁ ଆଦୌ ଜଣା ନଥିଲା । ଯେମିତି ନିପଟ ମଫସଲ ଅଞ୍ଚଳର ସରଳ ବିଶ୍ୱାସୀ ଲୋକମାନେ ସେମାନଙ୍କର ବାଧାବିପତ୍ତିରୁ ଉଦ୍ଧାର ପାଇବା ସକାଶେ ମନାସ କରି ଶିବ ମନ୍ଦିରରେ ଯାଇ ଧାରଣା ଦିଅନ୍ତି, ଠିକ୍ ସେମିତି କଲେ । ସେ କେବଳ ଅହରହ ଶ୍ରୀଅରବିନ୍ଦଙ୍କୁ ଏତିକି ପ୍ରାର୍ଥନା ଜଣାଉଥିଲେ : ''ପ୍ରଭୁ, ମୋତେ ତୁମ ଆଶ୍ରମକୁ ଯିବାର ଅନୁମତି ଦିଅ; ମୁଁ ତୁମ ଆଶୀର୍ବାଦ ଭିକ୍ଷା କରୁଛି ।''

ଏହି ସାତୋଟି ଦିବାରାତ୍ରି ଥିଲା ଚଞ୍ଚଳ ବେନ୍‌ଙ୍କ ସକାଶେ କଠିନ ପରୀକ୍ଷାର ସମୟ । ଏହା ୧୯୨୭ ମସିହାର କଥା । ଚଞ୍ଚଳ ବେନ୍ ହେଉଛନ୍ତି ଘରର ଯୁବତୀ କୁଳବଧୂ । ସ୍ୱାମୀ ବିଦେଶରେ । ସେ ଅପନ୍ତରା ଭୂଇଁରେ, ନିଛାଟିଆ ଜାଗାରେ ଥିବା ମନ୍ଦିରରେ ଧାରଣା ଦେଇଥିବା କଥା ଶୁଣି ଆତ୍ମୀୟସ୍ୱଜନ ଓ ସୁହୃଦ୍ ବନ୍ଧୁବର୍ଗ ସମସ୍ତେ ତାଙ୍କୁ ଏପରି ଆଚରଣରୁ ନିବୃତ୍ତ ହେବାକୁ ବିଭିନ୍ନ ଉପାୟରେ ଖବର ପଠାଇ ପରାମର୍ଶ ଦେଲେ । ସେ ଘରଛାଡ଼ି ବାହାରେ ଦିନରାତି ବିତାଉଥିବାରୁ ଗାଁର ରକ୍ଷଣଶୀଳ ଖଳପ୍ରକୃତିର ଗୁରୁଜନମାନେ ତାଙ୍କ ସମ୍ବନ୍ଧେ ନିକୃଷ୍ଟ ଓ ଅଶ୍ଳୀଳ ମନ୍ତବ୍ୟମାନ କରି କୁତ୍ସାରଟନା କରିବାକୁ ଲାଗିଲେ । ମନ୍ଦିରର ପୂଜକ ଏବଂ ଗାଁର କେତେକ ବ୍ୟକ୍ତି ତାଙ୍କର ମଙ୍ଗଳକାମନା କରି ଭୟ ଦେଖାଇ ମଉକା ପାଇ ତାଙ୍କୁ ବାର ବାର କହିବାକୁ ଲାଗିଲେ ଯେ ଏପରି ବ୍ରତ କଲେ ରାତିରେ ମନ୍ଦିର ଭିତରକୁ ବିଷଧର ସର୍ପସବୁ ଆସିବେ, ଅନିଷ୍ଟକର ଭୂତପ୍ରେତ ସବୁ ବେଶ୍ ହଇରାଣ କରିବାକୁ ଆସିବେ, ତୁମକୁ ପାଗଳୀ ବନାଇଦେବେ ।... ଚଞ୍ଚଳ ବେନ୍ କିନ୍ତୁ ଏକେବାରେ ଅଚଞ୍ଚଳ । ଏସବୁ ପ୍ରତି ବୀତସ୍ପୃହ ହୋଇ ନିଜର ଶୌର୍ଯ୍ୟ ଓ ବିଶ୍ୱାସରେ ଅଟଳ ରହିଲେ ।

ନିତି ସକାଳେ ମନ୍ଦିର ବେଢ଼ାରେ ଥିବା ପୋଖରୀରୁ ସ୍ନାନ କରିଆସି ମନ୍ଦିର ଭିତରକୁ ପ୍ରବେଶ କରୁଥିଲେ ଏବଂ ଏକାଗ୍ର ଚିତ୍ତରେ ସ୍ଥିରାସନରେ ବସି ନିଶ୍ଚଳ ନୀରବତାରେ ଅବିରତ ଗୁରୁଙ୍କୁ ତାଙ୍କର ପ୍ରାର୍ଥନା ଅହର୍ନିଶ ଜଣାଉଥିଲେ ।

ଅପନ୍ତରା ନିରୋଳା ମଶାଣି ଭୂଇଁମାନଙ୍କରେ ଥିବା ମନ୍ଦିରଗୁଡ଼ିକର ଅବସ୍ଥା ସଚରାଚର ଯେମିତି ଅବସ୍ଥାରେ ଥାଏ, ଏ କ୍ଷେତ୍ରରେ ବି ସେମିତି । କେବେ ବି ସେଠାରେ ନିୟମିତ ପୂଜାର୍ଚ୍ଚନା ବା କୌଣସି ଧର୍ମାନୁଷ୍ଠାନ ହେଉ ନଥିଲା; ମନ୍ଦିରର ଗର୍ଭଗୃହଟିର ଅବସ୍ଥା ବି ତଥୈବଚ; ବୃତ୍ତିଧାରୀ ପୂଜକଟିର ଅନାସ୍ଥାଭାବ; ଦିନତମାମ ମନ୍ଦିରର ଜଗୁଆଳି ସାଜି ଦିନାନ୍ତେ ଗୃହାଭିମୁଖୀ ହୋଇଥାଏ । ଗର୍ଭଗୃହଟିରେ କେବେ ବି ଝୁଣା ବା ଧୂପପୁଷ୍ପର ସୁଗନ୍ଧ ମହକୁ ନଥିଲା । ଅନ୍ଧକାର ଘନେଇ ଆସିଲେ ଚାରିଆଡ଼ ଶୂନ୍ୟମୟ; ଅଚଞ୍ଚଳ ଚଞ୍ଚଳ ବେନ୍‌ଙ୍କର ମନ ଗନ୍ତାଘର କିନ୍ତୁ ଭକ୍ତିପ୍ରେମଧନରେ ଭରପୂର ରହିଥାଏ ।

ସାତ ଦିନ ସାତ ରାତି ବିତିବାକୁ ଯାଉଛି ।

ବ୍ରାହ୍ମମୁହୂର୍ତ୍ତରେ ପରମପ୍ରଭୁ ଭକ୍ତବତ୍ସଳାଙ୍କ କର୍ଣ୍ଣକୁହରରେ ମଧୁର ଗୁଞ୍ଜନରେ ଶୂନ୍ୟବାଣୀ ଦେଲେ : ''ପଣ୍ଡିଚେରୀକୁ ଆସ ।''

ନବଧା ଭକ୍ତିରେ ବିଗଳିତା ଚଞ୍ଚଳ ବେନ୍ କୃତଜ୍ଞତାପୁଟରେ ଗୁରୁଙ୍କ ଉଦ୍ଦେଶ୍ୟରେ ସାଷ୍ଟାଙ୍ଗ ପ୍ରଣତି ଜଣାଇଲେ । ମନ୍ଦିରରୁ ବାହାରି ଆସି ସିଧା ତାରାପୁରର ପୋଷ୍ଟ ଅଫିସକୁ ମୁହାଁଇଲେ; ସେ ଅଞ୍ଚଳରେ ଥିବା ଗୋଟିଏ ମାତ୍ର ପୋଷ୍ଟ ଅଫିସ । ସେଇମାତ୍ର ପୋଷ୍ଟ ମାଷ୍ଟର ଅଫିସ ଖୋଲି ନିଜ କର୍ତ୍ତବ୍ୟ-କର୍ମରେ ମନୋନିବେଶ କରିବାକୁ ଯାଉଥା'ନ୍ତି । ଚଞ୍ଚଳ ବେନ୍ ତାଙ୍କ ସାମନାରେ ଉଭା ହୋଇ ଦାବି କଲେ : ''ମୋର ଗୋଟିଏ ଚିଠି ଆସିଛି । ମୁଁ ସେଇଟିକୁ ନେବାକୁ ଆସିଛି ।'' ଅପ୍ରତିଭ ପୋଷ୍ଟ ମାଷ୍ଟର ତୀକ୍ଷ୍ଣ ଦୃଷ୍ଟିରେ ତାଙ୍କୁ କେବଳ ମୁହୂର୍ତ୍ତେମାତ୍ର ଅନାଇଲେ ।

ତାରାପୁରର ବୟସ୍କ ବାସିନ୍ଦା ସେଇ ପୋଷ୍ଟ ମାଷ୍ଟରଙ୍କୁ ଚଞ୍ଚଳ ବେନ୍‌ଙ୍କର ନିର୍ଭୀକତା ତଥା ଏକଜିଦିଆ ସ୍ୱଭାବ କଥା ଖୁବ୍ ଭଲଭାବରେ ଅବଗତ ଥିଲା । ବିନ୍ଦୁମାତ୍ର ଶିଷ୍ଟାଚାର ବିନା ସକାଳୁ ସକାଳୁ ତାଙ୍କ ପ୍ରତି ଏପରି ଆଚରଣ କରିଥିବାରୁ ସେ ବିରକ୍ତ ହୋଇ କହିଉଠିଲେ : ''ତୁମେ କେମିତି ଜାଣିଲ ତୁମର ଚିଠି ଆସିଛି ବୋଲି ? ଡାକଘର ଥଳି ତ ଏବେ ବି ଖୋଲା ହୋଇନି : ଆଉ ତୁମେ ଆସି ଦାବି କରୁଛ ଯେ ତୁମର ଚିଠି ଆସିଛି ? ଶୁଣ, ତୁମ ସ୍ୱାମୀ ଯେତେବେଳେ ବିଦେଶରେ, ଆଫ୍ରିକାରେ ବା ଲଣ୍ଡନରେ ଅଛନ୍ତି, ତୁମେ ତୁମ ଶ୍ୱଶୁରଙ୍କର ସେବା ଶୁଶ୍ରୂଷାରେ ଅବହେଳା କରିଛ, ତୁମ ଭଉଣୀଙ୍କ ପ୍ରତି ଓ ତା' ପିଲାଛୁଆଙ୍କ ପ୍ରତି ତୁମ କର୍ତ୍ତବ୍ୟରେ ଅବହେଳା କରିଛ, ସେମାନଙ୍କର ଅତ୍ୟାବଶ୍ୟକୀୟ ଦେଖାଶୁଣା ବି କରିନ । ସାରା ଗାଁଟା ଯାକ ତୁମ ବ୍ୟବହାରରେ ଅତିଷ୍ଠ ହୋଉଠିଲେଣି ! ତୁମର ଏକଜିଦିଆ ସ୍ୱଭାବ କଥା ତ ଏ ମୁଲକରେ କାହାରିକୁ ଅବିଦିତ ନାହିଁ ! ଏବେ ଆସି ଦାବି କରୁଛ, 'ଚିଠି ଦିଅ' ! ଲଜ୍ୟା ଲାଗେନି ତୁମକୁ ଏମିତି ବ୍ୟବହାର କରିବାରେ !!''

—''ମୋତେ ମୋର ଚିଠିଟି ଦେଇ ଦିଅନ୍ତୁ ।'' ଚଞ୍ଚଳ ବେନ୍ ଦୃଢ଼ସ୍ୱରରେ କହିଲେ ।

—''ଯଦି ତୁମର ଚିଠିଟିଏ ଆସିଥାଏ, ପୋଷ୍ଟ ପିଅନ୍ ନିଜେ ତୁମ ଘରକୁ ଯାଇ ତୁମ ଦୁଆରେ ଦେଇ ଆସିବ ! ଏବେ ସିଧା ଘରକୁ ଯାଅ !!'' ପୋଷ୍ଟ ମାଷ୍ଟର ଆଉ ତାଙ୍କୁ ନ ଅନାଇ ନିଜ କାମରେ ଏକାଗ୍ର ହେଲେ ।

ଚଞ୍ଚଳ ବେନ୍ କିନ୍ତୁ ଘରକୁ ନଯାଇ ପୋଷ୍ଟ ଅଫିସର ସାମନା ବାରଣ୍ଡା ପାହାଚରେ ବସି ରହିଲେ । ବେଶ୍ କିଛି ସମୟ ପରେ ଭିତର ଘରୁ ପିଅନ ତା' ଚିଠି-ଥଳି ଧରି ବାହାରକୁ ବାହାରି ଆସିଲା; ବାରଣ୍ଡାରୁ ତଳକୁ ଓହ୍ଲାଇବା ମାତ୍ରେ ଚଞ୍ଚଳ ବେନ୍ ଛିଡ଼ାହୋଇ ତାକୁ କହିଲେ, ''ମୋର ଗୋଟିଏ ଚିଠି ଆସିଛି; ମୋତେ ଏବେ ଦିଅ, ମୁଁ ହାତରେ ନେଇଯିବି ।'' ମୁହୂର୍ତ୍ତମାତ୍ର ତାଙ୍କୁ ଅନାଇ ପିଅନଟି ଚିଠି ବିଡ଼ା ଓଲଟାଇବାକୁ ଲାଗିଲା, ଆଶ୍ଚର୍ଯ୍ୟ ହୋଇ ଦେଖିଲା ସତକୁ ସତ ତାଙ୍କର ଚିଠିଟିଏ ରହିଛି, ଠିକଣାଟି ପଢ଼ିନେଲା : ଚଞ୍ଚଳ ବେନ୍ ଆମିନ୍, ... ପୋଷ୍ଟ ମାର୍କ ପଣ୍ଡିଚେରୀ । ପିଅନଟି ଆଶ୍ଚର୍ଯ୍ୟ ହୋଇ ଯନ୍ତ୍ରବତ୍ ତାଙ୍କ ହାତକୁ ତାଙ୍କର ଚିଠିଟି ବଢ଼ାଇ ଦେଲା । ଚିଠିଟି ହାତକୁ ଆସିବା ମାତ୍ରେ ସେ ସିଧା ଘରମୁହାଁ ହେଲେ । ପିଅନଟି ସହିତ ଅଫିସ ଘରୁ ପୋଷ୍ଟ ମାଷ୍ଟର ମଧ ମୂକ ହୋଇ ତାଙ୍କ ଯିବା ରାସ୍ତାକୁ ଅନାଇ ରହିଥିଲେ ।

ଘରର ଦାଣ୍ଡ ଦୁଆରରେ ହାଜିର ହେଉ ନହେଉଣୁ ଚଞ୍ଚଳ ବେନ୍ ବସିପଡ଼ି ଖାମ୍‌ଟି ଖୋଲିଲେ — ମା'ଶ୍ରୀଅରବିନ୍ଦଙ୍କର ଫଟୋଗ୍ରାଫ୍ ସହିତ ଚିଠିଟିଏ । ଲୋତକପୂର୍ଣ୍ଣ ଚକ୍ଷୁରେ ମା'ଙ୍କ ଫଟୋ ପ୍ରଥମ କରି ଦେଖି ସ୍ୱତଃସ୍ଫୂର୍ତ୍ତ ଭାବରେ ତାଙ୍କ ଓଷ୍ଠାଧରରୁ ସ୍ଫୁରିତ ହେଲା, 'ମାତାଜି' । ତା'ପରେ ଚିଠିଟି ଖୋଲିଲେ, ସେଥିରେ ଲେଖାଥିଲା : ''ଚଞ୍ଚଳ, ଶ୍ରୀଅରବିନ୍ଦଙ୍କର ଏବଂ ମା'ଙ୍କର ଦର୍ଶନ ଲାଭ ସକାଶେ ତୁମକୁ ଅନୁମତି ମିଳିଛି ।'' ଚିଠି ସହିତ ଫଟୋଗ୍ରାଫକୁ ଖାମ୍ ଭିତରେ ଭରି ମଥାରେ ଛୁଆଇଁ ଚଞ୍ଚଳ ବେନ୍ ଘର ଭିତରକୁ ପାଦ ବଢ଼ାଇଲେ । ମୁହୂର୍ତ୍ତମାତ୍ର କାଳବିଳମ୍ବ ନକରି ସେ ତାଙ୍କର ଅତ୍ୟାବଶ୍ୟକ ଜିନିଷପତ୍ରସବୁ ଗୋଛାଇ ଆଣି ବ୍ୟାଗ୍‌ରେ ପୂରାଇବାକୁ ଲାଗିଲେ ।

ମହାତ୍ମାଗାନ୍ଧିଙ୍କର ଗ୍ରାମମଙ୍ଗଳ ଯୋଜନାରେ ସ୍ୱେଚ୍ଛାସେବିକା ଭାବରେ କର୍ମ କରୁଥିବା ବେଳେ କୌଣସି ସ୍ଥାନକୁ ତୁରନ୍ତ ଯିବାକୁ ପଡୁଥିଲେ, ଖବର ପାଇବାମାତ୍ରେ ମୁହୂର୍ତ୍ତକ ମଧରେ ପ୍ରସ୍ତୁତ ହୋଇଯିବାର ଅଭ୍ୟାସ ଚଞ୍ଚଳ ବେନ୍‌ଙ୍କର ତ ଥିଲା । ଏବେ ମଧ ଠିକ୍ ମୁହୂର୍ତ୍ତକ ମଧରେ ସେ ପ୍ରସ୍ତୁତ ହୋଇଉଠିଲେ । ସାମନାରେ, ପଶ୍ଚାତ୍‌ରେ ଓ ପାର୍ଶ୍ୱରେ ତାଙ୍କର ଭଉଣୀ ଓ ପିଲା ଦୁଇଟି ପିତୁଳାବତ୍ ଛିଡ଼ା ହୋଇ ଭୟବିହ୍ୱଳ ଓ ଉତ୍କଣ୍ଠିତ ନେତ୍ରରେ ତାଙ୍କର ପ୍ରସ୍ତୁତିକୁ ଲକ୍ଷ୍ୟ କରୁଥିଲେ; ହୁଏତ ଭାବୁଥିଲେ ଚଞ୍ଚଳ ବେନ୍‌ଙ୍କ ମଥା ବୋଧହୁଏ ଠିକ୍ ନାହିଁ । ସାତ ଦିନ ମନ୍ଦିର ଭିତରେ ରହି ହୁଏତ ପାଗଳ ବନି ଯାଇଛନ୍ତି; କିନ୍ତୁ ତାଙ୍କୁ ପଦଟିଏ କଥା ପଚାରିବାକୁ କାହାରି ସାହସ କୁଳାଉ ନଥିଲା ।

ନିଜ ବ୍ୟାଗ୍‌ଟିକୁ ଠିକ୍ କରିନେଇ ଚଞ୍ଚଳ ବେନ୍ ସୂରଯକୁ କହିଲେ, ‘‘ମୁଁ ପଣ୍ଡିଚେରୀ ଯାଉଛି ।’’ ତାଙ୍କ ମୁହଁର କଥା କାନରେ ବାଜିବା ମାତ୍ରେ ସୂରଯ କାନ୍ଦିଉଠିଲେ; ସଙ୍ଗେ ସଙ୍ଗେ ପିଲାମାନେ ବି । ଅଳ୍ପକ୍ଷଣ ପରେ ସୂରଯ ତାଙ୍କୁ କାନ୍ଦ କାନ୍ଦ ସ୍ୱରରେ କହିଲେ, ‘‘ପଣ୍ଡିଚେରୀ ? ପଣ୍ଡିଚେରୀ କେଉଁଠି ? ତୁ ଏକୁଟିଆ ସେଠାକୁ ଯିବୁ କେମିତି ? ଆଚ୍ଛା, ତୁ କ’ଣ ତୋର ବିଚାରବୁଦ୍ଧି ସବୁ ହରାଇ ବସିଲୁ ?’’

ଦାଣ୍ଡ ଦୁଆରେ ପ୍ରବେଶ କରୁ କରୁ ଦାଦା ହାତୀଭାଇ ଘର ଭିତରେ ହେଉଥିବା ସମସ୍ତ କଥାବାର୍ତ୍ତା ଶୁଣୁଥିଲେ । ଦାଦା ଥିଲେ କୃଷ୍ଣଭକ୍ତ; ତାରାପୁରରେ ଥିବା କୃଷ୍ଣ ମନ୍ଦିରର କାର୍ଯ୍ୟ ନିର୍ବାହକ, ପ୍ରଶାସକ । ପାଖଆଖ ଅଞ୍ଚଳରେ ବିପଦାପଦରେ ପଡ଼ିଥିବା ଲୋକମାନଙ୍କୁ ନିଜର ବିଦ୍ୟାବୁଦ୍ଧି ଓ ଜ୍ଞାନଗରିମା ବଳରେ ସେ ଉପଦେଶ, ନିର୍ଦ୍ଦେଶ ଦେଉଥିଲେ; ସେଇଥିପାଇଁ ସେ ସମସ୍ତଙ୍କର ସମ୍ମାନାସ୍ପଦ ଓ ପ୍ରିୟପାତ୍ର ଥିଲେ । ସେଦିନ ସେ ଘରକୁ ଆସୁଥିବା ବେଳେ ଗାଁଲୋକଙ୍କଠୁ ଖବର ପାଇ ସାରିଥିଲେ ଯେ ଚଞ୍ଚଳ ଘରକୁ ଫେରିଛି । — ଏକଥା ଶୁଣି ମନେ ମନେ ଖୁବ୍ ଖୁସୀ ହୋଇ ଘରକୁ ପ୍ରବେଶ କରୁଥିବା ବେଳେ ସୂରଯଙ୍କର ଉପରୋକ୍ତ କଥା ତାଙ୍କ କାନରେ ବାଜିଲା । ସେମାନଙ୍କ ପାଖକୁ ଯାଇ ସ୍ମିତହାସ୍ୟରେ ଓ ନମ୍ରସ୍ୱରରେ କହିଲେ, ‘‘ସୂରଯ, ଚଞ୍ଚଳଙ୍କୁ ପଣ୍ଡିଚେରୀ ଯିବାକୁ ଦିଅ । ସେ ଆଶ୍ରମକୁ ତୀର୍ଥଯାତ୍ରାରେ ଯିବାକୁ ଚାହାନ୍ତି । ବାଧା ଦିଅନି । ଦେଖ ତ ଘରେ କେତେ ଟଙ୍କା ଅଛି । ସମ୍ଭବ ହେଲେ ତାଙ୍କୁ ପାଞ୍ଚ ଟଙ୍କା ଦିଅ ।’’

(କ୍ରମଶଃ)

ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

For enquiry and Home Delivery contact: Kanti Enterprises, Bhubaneswar
PH: 7894465420 / 7894465416
Buy online at www.ayurlabsindia.com/indshop

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

# ସୃଷ୍ଟି, ସ୍ଥିତି, ପ୍ରଳୟ

## ଆର୍ତ୍ତତ୍ରାଣ ମିଶ୍ର

ବେଦ କହେ ବ୍ରହ୍ମାଙ୍କର ପବିତ୍ର ଓଁ-କାର ଧ୍ୱନିରୁ ଦୃଶ୍ୟ ଅଦୃଶ୍ୟ ଏହି ବିଶ୍ୱ ସୃଷ୍ଟି ହୋଇଛି । ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି ବ୍ରହ୍ମାଙ୍କର ଦିବା ଆରମ୍ଭରେ ସୃଷ୍ଟିର ଆରମ୍ଭ ହୋଇ ସହସ୍ରଯୁଗ ପର୍ଯ୍ୟନ୍ତ ରହେ ଏବଂ ରାତ୍ରି ଆରମ୍ଭରେ ସହସ୍ର ଯୁଗ ପର୍ଯ୍ୟନ୍ତ ପ୍ରଲୀନ ହୋଇ ପୁଣି ସୃଷ୍ଟି ଆରମ୍ଭ ହୁଏ । ଏହିପରି ବ୍ରହ୍ମାଙ୍କର ଦିବାରାତ୍ରିରେ ସୃଷ୍ଟି ଓ ପ୍ରଳୟ ବାରଂବାର ଘଟୁଛି ।

ବିଜ୍ଞାନ ମଧ୍ୟ ବିଶ୍ୱର ଅତୀତ ସମ୍ପର୍କରେ ବହୁ ଗବେଷଣା ପରେ ଏକ ପ୍ରକାର ସିଦ୍ଧାନ୍ତରେ ପହଞ୍ଚିଛି ଯେ କୋଟି କୋଟି ବ୍ରହ୍ମାଣ୍ଡରେ ପରିପୂର୍ଣ୍ଣ ମହାବିଶ୍ୱ ସୃଷ୍ଟି ପୂର୍ବରୁ ଅନନ୍ତ ଶକ୍ତିକେନ୍ଦ୍ରିତ ଏକ ବିନ୍ଦୁ ଥିଲା, ଯାହା ୧୦୦୦ ରୁ ୨୦୦୦ କୋଟି ବର୍ଷ ପୂର୍ବେ ଏକ ମହା ବିସ୍ଫୋରଣ(Big Bang)ରେ ଏହି ମହାବିଶ୍ୱ ସୃଷ୍ଟି ହେଲା । ସମୟର ଆରମ୍ଭ ସେହି ମହା ବିସ୍ଫୋରଣ ମୁହୂର୍ତ୍ତରୁ । ସେହି ମହା ବିସ୍ଫୋରଣର ପ୍ରକମ୍ପନ ତରଙ୍ଗକୁ ଏବେ ମଧ୍ୟ ବୈଜ୍ଞାନିକମାନେ ସୂକ୍ଷ୍ମ ଯନ୍ତ୍ରରେ ଧରିପାରୁଛନ୍ତି । Stephen Hawking ତାଙ୍କ ବିଖ୍ୟାତ ପୁସ୍ତକ 'A Brief History of Time'ରେ ଏହା ଉପରେ ଆକର୍ଷଣୀୟ ଆଲୋଚନା କରିଛନ୍ତି । ଏହା ମଧ୍ୟ ଜଣା ପଡ଼ିଛି ଯେ – ଏହି ସୃଷ୍ଟି କୋଟି କୋଟି ବ୍ରହ୍ମାଣ୍ଡ ସୀମାହୀନ ଶୂନ୍ୟ ବିସ୍ତୃତି ମଧ୍ୟରେ ପରସ୍ପରଠାରୁ ଅତି ତୀବ୍ର ଗତିରେ ଦୂରେଇ ଯାଉଛନ୍ତି । ଏହି ବିଶ୍ୱର ଶେଷ ପରିଣତି କ'ଣ ହେବ ସେବିଷୟରେ ବୈଜ୍ଞାନିକମାନେ ଏପର୍ଯ୍ୟନ୍ତ ସର୍ବସମ୍ମତ ସିଦ୍ଧାନ୍ତରେ ପହଞ୍ଚିପାରି ନାହାନ୍ତି ।

ଏହି ପରିପ୍ରେକ୍ଷୀରେ ଶ୍ରୀମାଙ୍କ ବକ୍ତବ୍ୟର ମର୍ମାର୍ଥ ହେଉଛି, ମହାବିଶ୍ୱର ଇତିହାସରେ ସୃଷ୍ଟି ଛ'ଥର ଆରମ୍ଭ ହୋଇ ସ୍ଥିତାବସ୍ଥାରେ ରହି ପୁଣି ପ୍ରଲୀନ ହୋଇଯାଇଛି । ବର୍ତ୍ତମାନ ଏହା ସପ୍ତମ ସୃଷ୍ଟି । ଏହି ସୃଷ୍ଟି କେବଳ ସ୍ଥିତାବସ୍ଥାରେ ନରହି ପ୍ରଗତି କରି ଚାଲିଥିବ, ଯେଉଁଥିରେ ଭଗବାନ୍ ନିଜକୁ ଅଧିକରୁ ଅଧିକ ପରିପୂର୍ଣ୍ଣ ରୂପେ ପ୍ରକାଶ କରି ଚାଲିଥିବେ । ତେଣୁ ଏହାର ବିଲୟ ଘଟିବ ନାହିଁ ।

*

ଏହି 'ସୃଷ୍ଟି, ସ୍ଥିତି, ପ୍ରଳୟ'କୁ ବିଶ୍ୱକବି ରବୀନ୍ଦ୍ର ନାଥ ଯେପରି ଭାବେ କାବ୍ୟିକ ରୂପ ଦେଇଛନ୍ତି ତା'ର ଏକ ଓଡ଼ିଆ ରୂପାନ୍ତର ତଳେ ଦିଆହେଲା –

ଦେଶଶୂନ୍ୟ କାଳଶୂନ୍ୟ ଜ୍ୟୋତିଃଶୂନ୍ୟ ମହାଶୂନ୍ୟ – ପରେ
ଚତୁର୍ମୁଖ କରୁଛନ୍ତି ଧ୍ୟାନ ।
ସହସା ଆନନ୍ଦସିନ୍ଧୁ ହୃଦୟେ ଉଠିଲା ଉଚ୍ଛୁଳି,
ଆଦିଦେବ ଖୋଲିଲେ ନୟନ ।

ଚାରିମୁଖେ ବାହାରିଲା ବାଣୀ
ଚାରିଦିଗେ କରିଲା ପ୍ରୟାଣ ।
ସୀମାହୀନ ମହାଅନ୍ଧକାରେ
ସୀମାଶୂନ୍ୟ ବ୍ୟୋମ-ପାରାବାରେ
ପ୍ରାଣପୂର୍ଣ୍ଣ ଝଟିକାର ସମ,
ଆଶାପୂର୍ଣ୍ଣ ଅତୃପ୍ତି ପରାଏ,
ସଞ୍ଚାରିଲା ସେ ଭାଷା ॥

ଆନନ୍ଦର ଆନ୍ଦୋଳନେ ଘନ ଘନ ବହେ ଶ୍ୱାସ,
ଅଷ୍ଟ ନେତ୍ରେ ବିସ୍ଫୁରିଲା ଜ୍ୟୋତିଃ ।
ଜ୍ୟୋତିର୍ମୟ ଜଟାଜାଲ କୋଟିସୂର୍ଯ୍ୟ ପ୍ରଭା ବହି
ଦିଗ୍‌ବିଦିକେ ପଡ଼ିଲା ଛଡ଼ାଇ ॥

ଜଗତର ଗଙ୍ଗୋତ୍ରୀ ଶିଖରୁ ଶତ ଶତ ସ୍ରୋତେ
ଉଚ୍ଛ୍ୱାସିଲା ଅଗ୍ନିମୟ ବିଶ୍ୱର ନିର୍ଝର,
ସ୍ତବ୍ଧତାର ପାଷାଣ ହୃଦୟ
ଶତଭାଗେ ହେଲା ବିଦାରିତ ॥

ନୂତନ ସେ ପ୍ରାଣର ଉଲ୍ଲାସେ
ନୂତନ ସେ ପ୍ରାଣର ଉଚ୍ଛ୍ୱାସେ
ବିଶ୍ୱ ଯେବେ ହୋଇଲା ଉନ୍ମାଦ,
ଅନନ୍ତ ଆକାଶେ ଛିଡ଼ା ହୋଇ
ଚାରିଦିଗେ ଚାରି ହାତ ଦେଇ
ବିଷ୍ଣୁ ଆସି କଲେ ଆଶୀର୍ବାଦ ।

ଘେନି ମଙ୍ଗଳ ଶଙ୍ଖ କରେ
କମ୍ପାଇ ଜଗତ୍ ଚରାଚରେ
ବିଷ୍ଣୁ ଆସି କଲେ ଶଙ୍ଖନାଦ ।
ଥମିଗଲା ପ୍ରଚଣ୍ଡ କଲ୍ଲୋଳ,
ଲିଭିଗଲା ଜ୍ୱଳନ୍ତ ଉଚ୍ଛ୍ୱାସ,
ଗ୍ରହଗଣ ନିଜ ନିଜ ଅଶ୍ରୁଜଳେ
ଲିଭାଇଲେ ନିଜର ହୁତାଶ ।
ଜଗତର ମହାବେଦବ୍ୟାସ
ଗ୍ରନ୍ଥିଲେ ନିଖିଳ ଉପନ୍ୟାସ
ବିଶୃଙ୍ଖଳ ବିଶ୍ୱଗୀତି ନେଇ
ମହାକାବ୍ୟ କରିଲେ ରଚନା ।
ଚକ୍ରପଥେ ଭ୍ରମେ ଗ୍ରହ ତାରା,
ଚକ୍ରପଥେ ରବି ଶଶୀ ଭ୍ରମେ,
ଶାସନର ଗଦା ହସ୍ତେ ନେଇ
ଚରାଚର ରଖିଲେ ନିୟମେ ।
ମହାଛନ୍ଦ ମହାଅନୁପ୍ରାସ
ଶୂନ୍ୟେ ଶୂନ୍ୟେ ବିସ୍ତାରିଲା ଫାଶ ।।

ଅତଳ ମାନସ-ସରୋବରେ
ବିଷ୍ଣୁଦେବ ଖୋଲିଲେ ନୟନ ।
ଆଲୋକ କମଳ ଦଳ ମଧ୍ୟୁ
ହସେ ଅତୁଳ ରୂପରାଶି ।
ପ୍ରକଟିଲା ଲକ୍ଷ୍ମୀଙ୍କର ହସ –
ମେଘରେ ସ୍ଫୁରିଲା ଇନ୍ଦ୍ରଧନୁ,
କାନନେ ଫୁଟିଲା ଫୁଲଦଳ ।
ଜଗତର ମତ୍ତ କୋଲାହଳ
ରାଗିଣୀରେ ହେଲା ଅବସାନ ।
କୋମଳେ ଲୁଚିଲା କଠିନ,
ଶକ୍ତିକୁ ଢାଙ୍କିଲା ରୂପରାଶି ।।

ମହାଛନ୍ଦେ ବନ୍ଦୀହେଲା ଯୁଗ-ଯୁଗ-ଯୁଗ-ଯୁଗାନ୍ତର –
ଅସୀସ ଜଗତ୍-ଚରାଚର
ଅବଶେଷେ ଶ୍ରାନ୍ତ କଳେବର,
ନିଦ୍ରା ଆସେ ନୟନେ ତାହାର,
ଆକର୍ଷଣ ହୋଇଛି ଶିଥିଳ,
ଉତ୍ତାପ ହୋଇଛି ଏକାକାର ।
ଜଗତର ପ୍ରାଣ ମଧ୍ୟୁ
ଉଠିଲା ଆକୁଳ ଆର୍ତ୍ତସ୍ୱର –
'ଜାଗ ଜାଗ ଜାଗ ମହାଦେବ,
ଅଲଂଘ୍ୟ ନିୟମ ପଥେ ଭ୍ରମି
ହୋଇଛି ବିଶ୍ରାନ୍ତ କଳେବର,
ଦିଅ ମୋତେ ନୂତନ ଶରୀର ।
ଗାଅ, ଦେବ, ମରଣ ସଙ୍ଗୀତ –
ପାଏ ମୁହିଁ ନୂତନ ଜୀବନ ।'

ଜାଗି ଉଠିଲେ ମହେଶ୍ୱର,
ତିନି-କାଳ-ତ୍ରିନୟନ ମେଲି
ନିରେଖିଲେ ଦିକ୍-ଦିଗନ୍ତର ।

ପ୍ରଳୟପିନାକ ତୋଳି ହସ୍ତରେ ଧରିଲେ ଶୂଳୀ
ପଦତଳେ ଜଗତକୁ ଚାପି,
ଜଗତର ଆଦି-ଅନ୍ତ ଥରଥର ଥରଥର
ଉଠିଲା ଯେ କମ୍ପି ।
ଜଗତର ସମସ୍ତ ବନ୍ଧନ ହେଲା ଛିନ୍ନଭିନ୍ନ ।
ଉଠିଲା ଅସୀମ ଶୂନ୍ୟେ ତରଙ୍ଗେ ଗରଜି
ଛନ୍ଦୋମୁକ୍ତ ଜଗତର ଉନ୍ମତ୍ତ ଆନନ୍ଦ କୋଲାହଳ
ମହା-ଅଗ୍ନି ହେଲା ପ୍ରଜ୍ୱଳିତ –
ଜଗତର ମହାଚିତାନଳ ।

ଖଣ୍ଡ ଖଣ୍ଡ ରବି ଶଶୀ, ଚୂର୍ଣ୍ଣ ଚୂର୍ଣ୍ଣ ଗ୍ରହତାରା
ବିନ୍ଦୁ ବିନ୍ଦୁ ଅନ୍ଧକାର ସମ ବରଷୁଛି ଚାରିଦିଗୁ,
ଅନଳର ତେଜୋମୟ ଗ୍ରାସେ
ମୁହୂର୍ତ୍ତକେ ଯାଉଛି ମିଳାଇ ।
ସୃଜନର ଆରମ୍ଭ-ସମୟେ ଥିଲା ଅନାଦି ଅନ୍ଧକାର,
ସୃଜନର ଧ୍ୱଂସ-ଯୁଗାନ୍ତରେ ରହିଲା ଅସୀମ ହୁତାଶନ ।
ଅନନ୍ତ-ଆକାଶ-ଗ୍ରାସି ଅନଳ ସମୁଦ୍ର ମଧ୍ୟେ
ମହାଦେବ ମୁଦି ତ୍ରିନୟନ
ବସି କଲେ ମହାଧ୍ୟାନ ।।

(ବିଶ୍ୱକବି ରବୀନ୍ଦ୍ର ନାଥଙ୍କ
'ସଂଚୟିତା' ପୁସ୍ତକରୁ ଗୃହୀତ) ❑

ପୂର୍ଣ୍ଣାଙ୍ଗ ଜୀବନରେ ପୂର୍ଣ୍ଣାଙ୍ଗ ଶିକ୍ଷା :

# ଯୁଗପତ୍ ଓ ଆନୁକ୍ରମିକ ଶିକ୍ଷାଦାନ

[Simultaneous and Successive Teaching]

(୩)

## ଶ୍ରୀଅରବିନ୍ଦ

ମାତୃଭାଷାହିଁ ଶିକ୍ଷାର ଉପଯୁକ୍ତ ମାଧମ ଏବଂ ସେହି ସକାଶେ ଏହି ମାଧମକୁ ବିଶେଷଭାବେ ଆୟତ୍ତାଧୀନ କରିବା ପାଇଁ ଶିଶୁର ପ୍ରଥମ ଶକ୍ତିକୁ ନିୟନ୍ତିତ କରାଯିବା ଉଚିତ । ପ୍ରାୟ ପ୍ରତ୍ୟେକ ଶିଶୁର ରହିଛି କଳ୍ପନାଶକ୍ତି, କିଛି କହିବାର ପ୍ରବୃତ୍ତି, ଅଭିନୟ କ୍ଷମତା, ଭାବ ଓ ଆମୋଦର ଏକ ସଂପଦ । ଏହିସବୁକୁ ଜାତିର ସାହିତ୍ୟ ଓ ଇତିହାସ ଦିଗରେ ଆଗ୍ରହାନ୍ୱିତ କରାଯିବା ଉଚିତ । ନିର୍ବୋଧ ଏବଂ ଶୁଷ୍କ ବନାନ, ପୁସ୍ତକ ପଠନ, ନିରାନନ୍ଦ ଓ କୃତଜ୍ଞତାହୀନ କଠିନ କାର୍ଯ୍ୟ ପରିବର୍ତ୍ତେ ଶିଶୁକୁ ତା'ର ସାହିତ୍ୟର ବିଶେଷ ଚିତ୍ତାକର୍ଷକ ଅଂଶ, ତାହାର ଚତୁଃପାର୍ଶ୍ୱରେ ଏବଂ ପଶ୍ଚାତରେ ଥିବା ଜୀବନ-ଚିତ୍ର ସହିତ ଦ୍ରୁତ ଉନ୍ନତିଶୀଳ ସ୍ତର ମଧଦେଇ ପରିଚିତ କରାଇବା ଉଚିତ । ଏବଂ ସେସବୁ ତା' ସମ୍ମୁଖରେ ଏପରି ଭାବେ ଉପସ୍ଥାପିତ କରାଇବା ଉଚିତ ଯାହାଫଳରେ ମୁଁ ଶିଶୁର ଯେଉଁସବୁ ଗୁଣ କଥା କହିଛି ସେଗୁଡ଼ିକ ଦ୍ୱାରା ତାହା ବିଶେଷ ଭାବେ ଆଦୃତ ଏବଂ ମର୍ମସ୍ପର୍ଶୀ ହେବ । ଏହି ସମୟରେ ଅନ୍ୟ ସକଳ ଅଧୟନ, ମାନସିକ କ୍ରିୟାକଳାପ ଏବଂ ନୈତିକ ଚରିତ୍ରର ପୂର୍ଣ୍ଣତା ନିମିତ୍ତ ନିୟୋଜିତ ହେବା ଉଚିତ । ଏତିକିବେଳେ ଇତିହାସ, ବିଜ୍ଞାନ, ଦର୍ଶନ, କଳା ଇତ୍ୟାଦି ବିଷୟର ଏକ ଭିତ୍ତି ସ୍ଥାପିତ ହେବା ଉଚିତ, କିନ୍ତୁ ଏକ ଜବରଦସ୍ତି ଏବଂ ରୀତିସିଦ୍ଧ ଭାବରେ ନୁହେଁ । ପ୍ରତ୍ୟେକ ଶିଶୁ ଚିତ୍ତାକର୍ଷକ କାହାଣୀ ଶୁଣିବାକୁ ଭଲପାଏ, ବୀରତ୍ୱକୁ ସମ୍ମାନ ଦେଖାଏ ଏବଂ ଦେଶକୁ ପ୍ରେମ କରେ । ଏହିସବୁ ଗୁଣ ପ୍ରତି ତା' ମଧରେ ଆକର୍ଷଣ ସୃଷ୍ଟି କରାଅ ଏବଂ ସେହିସବୁ ମାଧମରେ ତାହାର ଅଜ୍ଞାତରେ ସେ ଜାତିର ଇତିହାସର ଜୀବନ୍ତ ଏବଂ ମାନବୀୟ ଗୁଣସବୁକୁ ଆୟତ୍ତ କରୁ । ପ୍ରତ୍ୟେକ ଶିଶୁ ଏକ ଅନୁସନ୍ଧାନକାରୀ, ଏକ ବିଶ୍ଳେଷଣକାରୀ ଏବଂ ପୁଙ୍ଖାନୁପୁଙ୍ଖ ପରୀକ୍ଷାକାରୀ । ଏହିସବୁ ଗୁଣ ପ୍ରତି ତାହାର ଦୃଷ୍ଟି ଆକର୍ଷଣ କରାଅ ଓ ତାହାର ଅଜ୍ଞାତରେ ସେ ବୈଜ୍ଞାନିକର ଯଥାର୍ଥ ମନୋବୃତ୍ତି ଏବଂ ଆବଶ୍ୟକ ମୌଳିକ ଜ୍ଞାନ ଆହରଣ କରୁ । ପ୍ରତ୍ୟେକ ଶିଶୁର ଏକ ଅତୃପ୍ତ ଜ୍ଞାନଗତ କୌତୂହଳ ରହିଛି ଏବଂ ଦାର୍ଶନିକ ଅନୁସନ୍ଧାନ ପ୍ରତି ରହିଛି ଏକ ପ୍ରବଣତା । ଏହିସବୁର ସଦ୍‌ବ୍ୟବହାର କରି ନିଜ ସମ୍ବନ୍ଧରେ ଏକ ଯଥାର୍ଥ ଜ୍ଞାନ ଆହରଣ ନିମିତ୍ତ ଶିଶୁକୁ ଧୀରେ ଧୀରେ ଆକୃଷ୍ଟ କର । ପ୍ରତ୍ୟେକ ଶିଶୁର ଅନୁକରଣ ତଥା କଳ୍ପନାମୂଳକ ଶକ୍ତିର ଏକ ସ୍ୱାଭାବିକ ଧୀଶକ୍ତି ରହିଛି । ଶିଶୁ ମଧରେ କଳାକାର ମନୋବୃତ୍ତିର ଏକ ଭିତ୍ତି ଗଠନ ନିମିତ୍ତ ଏହି ଗୁଣର ସଦ୍‌ବ୍ୟବହାର କର ।

(କ୍ରମଶଃ)

[A System of National Education ପୁସ୍ତିକାରୁ]

❑❑❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୧)

## ମହେନ୍ଦ୍ର ନାଥ ସ୍ୱାଇଁ

ମା'ଙ୍କ ''ଧ୍ୟାନ ଓ ପ୍ରାର୍ଥନା'' ପୃଥିବୀର ଆଧ୍ୟାତ୍ମିକ ସାହିତ୍ୟର ଏକ ଅଦ୍ୱିତୀୟ ଦଲିଲ । ଏହି ପ୍ରାର୍ଥନାଗୁଡ଼ିକ ଆମେ ମନେ କରୁଥିବା ସାଧାରଣ ପ୍ରାର୍ଥନାମାନଙ୍କ ପରି ନୁହେଁ । ପ୍ରାର୍ଥନାଗୁଡ଼ିକ ନିଜର ସୁବିଧା ନିମନ୍ତେ ପରମପ୍ରଭୁଙ୍କଠାରୁ କୌଣସି ପ୍ରାପ୍ତିର ଆକାଂକ୍ଷା କରନ୍ତି ନାହିଁ । ସେଗୁଡ଼ିକ ମା' ତାଙ୍କ ଯୋଗର ପ୍ରାରମ୍ଭରେ ପରମପ୍ରଭୁଙ୍କ ସହ ଯେଉଁଭଳି ଭାବରେ ଭାବର ଆଦାନପ୍ରଦାନ କରୁଥିଲେ ତାହାର ଏକ ପ୍ରାମାଣିକ ସତ୍ୟ । ମା' ତାଙ୍କ ନିଜସ୍ୱ ଚେତନାର ଗଭୀର ଅନ୍ତଃପ୍ରଦେଶରେ ଅଥବା ଶୀର୍ଷଦେଶରେ ଅବସ୍ଥାନପୂର୍ବକ ନୀରବତା ମଧ୍ୟରେ ଯେଉଁ ବାକ୍ୟାଳାପ କରୁଥିଲେ ଏହି ପ୍ରାର୍ଥନାଗୁଡ଼ିକ ତାହାର ଏକ ନିଛକ୍ ପରିପ୍ରକାଶ । ପ୍ରତ୍ୟହ ପ୍ରତ୍ୟୁଷରୁ ମା' ଉଠନ୍ତି, ଶାଲଟିଏ ଘୋଡ଼ି ହୋଇ ଝରକା ପାଖରେ ଚୁପ୍‌ଚାପ୍ ବସନ୍ତି ଏବଂ ଲେଖି ଚାଲନ୍ତି । ପରବର୍ତ୍ତୀ ସମୟରେ ଆମ ପାଖରେ ସେଇଗୁଡ଼ିକ ''ଧ୍ୟାନ ଓ ପ୍ରାର୍ଥନା'' ରୂପରେ ପ୍ରକାଶ ଲାଭ କରେ । କେଉଁ ଅପୂର୍ବ ମୁହୂର୍ତ୍ତରେ ଧ୍ୟାନ, ପ୍ରାର୍ଥନାରେ ରୂପାନ୍ତରିତ ହୋଇଛି ଏବଂ କେଉଁ ଦିବ୍ୟମୁହୂର୍ତ୍ତରେ ପ୍ରାର୍ଥନା ବିଗଳିତ ହୋଇ ଧ୍ୟାନ ଭିତରକୁ ଢାଳି ହୋଇଯାଇଛି ତାହା ପ୍ରକାଶ କରିବା ଆମ ସାଧ୍ୟର ଅତୀତ । ମା' ''ଧ୍ୟାନ ଓ ପ୍ରାର୍ଥନା''ଗୁଡ଼ିକୁ ପରମପ୍ରଭୁ ଏବଂ ନିଜ ମଧ୍ୟରେ ଘଟୁଥିବା ଭାବର ଆଦାନପ୍ରଦାନକୁ ରୂପ ଦେବା ପାଇଁ ଏକ ଦୃଢ଼ ତଥା ବଳିଷ୍ଠ ମାଧ୍ୟମ ରୂପେ ଗ୍ରହଣ କରିଛନ୍ତି ।

ଗୋଟିଏ ଚିନ୍ତା ବା ଧାରଣାକୁ ଲେଖାରେ ପ୍ରକାଶ କରାଗଲେ ତାହା ଏକ ନିର୍ଦ୍ଦିଷ୍ଟ ବସ୍ତୁ ରୂପ ଲାଭ କରିଥାଏ, ଫଳତଃ ଅନୁଭବରେ ଧରିରଖି ହୁଏ ଏବଂ ପରବର୍ତ୍ତୀ କାଳରେ ଜଗତ୍ ସେଥିରେ ଲାଭବାନ୍ ହୁଏ । ଆମେ ଏକ ବସ୍ତୁ ଜଗତରେ ବାସ କରୁଛେ ଏବଂ ଆମ ଚିନ୍ତାଧାରାକୁ ସ୍ଥୂଳ ରୂପ ଦେବା ପାଇଁ ଆମେ ସେଗୁଡ଼ିକ ଶବ୍ଦରେ ପ୍ରକାଶ କରିଥାଉ । ଫଳତଃ ସେମାନଙ୍କର ଏକ ବ୍ୟକ୍ତିରୂପ ବା ନିର୍ଦ୍ଦିଷ୍ଟ ରୂପ ପ୍ରକାଶିତ ହୋଇଥାଏ । ଏହି ରୂପ ପୃଥିବୀପୃଷ୍ଠରେ ଅନେକ କାଳ ତିଷ୍ଠି ରହେ । ଏହିସବୁ କଥାକୁ ଭିତ୍ତି କରି ଆମ୍ଭେମାନେ ''ଧ୍ୟାନ ଓ ପ୍ରାର୍ଥନା'' ପୁସ୍ତକରେ ଯେତେସବୁ କଥା ସାଇତି ରଖାଯାଇଛି ତା'ର ଅଳ୍ପ କିଛି ଅଂଶକୁ (ଆମେ) ନିଜର କରି ରଖିପାରିବା । ଆଲୋଚନା କରିପାରିବା ।

''ଧ୍ୟାନ ଓ ପ୍ରାର୍ଥନା'' ପୁସ୍ତକରେ ସନ୍ନିବେଶିତ ପ୍ରାର୍ଥନାମାନଙ୍କ ମଧ୍ୟରେ ପ୍ରଥମଟିର ସୃଷ୍ଟି ହେଉଛି (ଜନ୍ମ ତାରିଖ) ନଭେମ୍ବର ୨, ୧୯୧୨ ଏବଂ ଶେଷଟି ଅକ୍‌ଟୋବର ୨୩, ୧୯୩୭ ବୋଲି ବିଶ୍ୱାସ କରାଯାଇପାରେ । ଫରାସୀ ଭାଷାରେ ଲେଖା ଯାଇଥିବା ଏହି ପ୍ରାର୍ଥନାଗୁଡ଼ିକ ମଧ୍ୟରୁ ଶ୍ରୀଅରବିନ୍ଦ କେତୋଟି ଇଂରାଜୀ ଭାଷାରେ ଅନୁବାଦ କରିଥିଲେ । ଅବଶିଷ୍ଟ ପ୍ରାର୍ଥନାଗୁଡ଼ିକୁ ପରବର୍ତ୍ତୀ କାଳରେ ଆଶ୍ରମର କେତେକ ସାଧକମାନଙ୍କ ଦ୍ୱାରା ଇଂରାଜୀରେ ଅନୁବାଦ କରାଯାଇଥିଲା । ମା' ନିଜେ ଫରାସୀ ଓ ଇଂରାଜୀ ଭାଷାରେ ମୁଦ୍ରିତ ହୋଇଥିବା ''ଧ୍ୟାନ ଓ ପ୍ରାର୍ଥନା'' ପୁସ୍ତକ ପାଇଁ ଦୁଇଟି ମୁଖବନ୍ଧ ଲେଖିଥିଲେ । ଏହି ମୁଖବନ୍ଧ ଦ୍ୱୟକୁ ପାଠକଲେ ଆମେ କେଉଁ ଆଭିମୁଖ୍ୟ ନେଇ ''ଧ୍ୟାନ ଓ ପ୍ରାର୍ଥନା''କୁ ପାଠକରୁ ଏବଂ ମା' ଆମଠାରୁ କ'ଣ ଆଶା କରନ୍ତି ତାହା ସ୍ପଷ୍ଟ ପ୍ରତୀୟମାନ ହୋଇଥାଏ । ପୁସ୍ତକଟିର ଫରାସୀ ସଂସ୍କରଣରେ ମା' ଲେଖୁଛନ୍ତି :

"This book comprises extracts from a diary written during years of intensive yogic discipline. It may serve as a spiritual guide to three principal categories of seekers : those who have undertaken self-mastery, those who want to find the road leading to the Divine, those who aspire to consecrate themselves more and more to the Divine Work."

ଗଭୀର ଯୌଗିକ ଶୃଙ୍ଖଳା ମଧ୍ୟରେ ବର୍ଷଗୁଡ଼ିକୁ ଅତିବାହିତ କରୁଥିବା ସମୟରେ ଲିଖିତ ଏକ ଦିନପଞ୍ଜି ମଧ୍ୟରୁ ଆହରଣ କରାଯାଇଥିବା ବିଷୟବସ୍ତୁମାନଙ୍କୁ ଉକ୍ତ ପୁସ୍ତକରେ ସ୍ଥାନୀତ କରାଯାଇଛି । ଏହା ତିନି ପ୍ରକାରର ଆଧ୍ୟାତ୍ମିକ

ଅନୁସନ୍ଧିତ୍ସୁମାନଙ୍କୁ ସାହାଯ୍ୟ କରିପାରିବ । ପ୍ରଥମତଃ ଯେଉଁମାନେ ନିଜ ଉପରେ ବିଜୟ ହାସଲ କରିବାକୁ ଆଗଭର ହୋଇଛନ୍ତି, (୨) ଯେଉଁମାନେ ପରମପ୍ରଭୁଙ୍କ ଆଡ଼କୁ ପଡ଼ିଥିବା ବାଟ ଖୋଜି ବାହାର କରିବାକୁ ଇଚ୍ଛା କରୁଛନ୍ତି ଏବଂ (୩) ନିଜକୁ ଅଧିକରୁ ଅଧିକଭାବରେ ପରମପ୍ରଭୁଙ୍କ କାର୍ଯ୍ୟରେ ବିନିଯୋଗ କରିବା ପାଇଁ ଉତ୍ସର୍ଗୀକୃତ ହୋଇଛନ୍ତି ।

ଇଂରାଜୀ ଅନୂଦିତ ପୁସ୍ତକ ନିମନ୍ତେ ମା' ସେପ୍ଟେମ୍ବର ୧୯୪୧ରେ ମୁଖବନ୍ଧଟି ଲେଖିଥିଲେ : – ''Some give their soul to the Divine, some their life, some offer their work, some their money. A few consecrate all of themselves and all they have, soul, life, work, wealth, those are the true children of God. Other give something. These whatever their position, power and riches are for the divine purpose values less cyphers.

"This book is meant for those who aspire for an utter consecration to the Divine.''

ଅର୍ଥାତ୍, ''କେତେକେ ଭଗବାନଙ୍କୁ ସେମାନଙ୍କ ଆତ୍ମାକୁ ଦେଇଥା'ନ୍ତି, ଆଉ କେତେକେ ସେମାନଙ୍କର ଜୀବନ, କର୍ମ ଓ ଅର୍ଥ ପ୍ରଦାନ କରିଥା'ନ୍ତି । ଅଳ୍ପ କେତେକ ଲୋକ ଏହି ସମସ୍ତ ଜିନିଷକୁ ଏକାଠି କରି ଏବଂ ସେମାନଙ୍କ ପାଖରେ ଯାହାକିଛି ଅଛି ଯଥା – ଆତ୍ମା, ଜୀବନ, କର୍ମ ଓ ଧନସମ୍ପତ୍ତି ସବୁକିଛି ଭଗବାନଙ୍କୁ ସମର୍ପି ଦେଇଥା'ନ୍ତି । ସେହିମାନେହିଁ ହେଉଛନ୍ତି ଭଗବାନଙ୍କର ପ୍ରକୃତ ସନ୍ତାନ । ଅନ୍ୟମାନେ କିଛି ଦିଅନ୍ତି ନାହିଁ । ସେମାନଙ୍କ ପାଖରେ ଥିବା ପଦପଦବି, ଶକ୍ତିସାମର୍ଥ୍ୟ ଏବଂ ଧନସମ୍ପତ୍ତି ସବୁକିଛି ଭଗବତ୍ ଉଦ୍ଦେଶ୍ୟରେ କରାଯାଉଥିବା କାର୍ଯ୍ୟର ପରିପ୍ରେକ୍ଷୀରେ ମୂଲ୍ୟହୀନ ଓ ଅଲୋଡ଼ା ।

''ଏହି ପୁସ୍ତକଟି ସେହିମାନଙ୍କ ନିମିତ୍ତ ଉଦ୍ଦିଷ୍ଟ ଯେଉଁମାନେ ଭଗବାନଙ୍କ ନିକଟରେ ନିଜକୁ ସମ୍ପୂର୍ଣ୍ଣଭାବରେ ଉତ୍ସର୍ଗ କରିବା ନିମନ୍ତେ ଆସ୍ପୃହାଶୀଳ ।''

ସାଧାରଣ ପାଠକଟିଏ ଯିଏ ଏହି ପୁସ୍ତକଟିକୁ ଏକ ସାଧାରଣ ପୁସ୍ତକଟିଏ ଭାବି ପାଠ କରିବ ତାକୁ ମନେହେବ ଯେପରି ଏହା ଅନେକ ପ୍ରାର୍ଥନା ପୁସ୍ତକମାନଙ୍କ ମଧ୍ୟରୁ ଅନ୍ୟତମ କିନ୍ତୁ ପାଠକଟି ଯଦି ପୁସ୍ତକର ଭିତରକୁ ଚାଲିଯିବ ତେବେ ତା' ସମ୍ମୁଖରେ ଏହାର ବିଶେଷତ୍ୱ ପ୍ରକାଶିତ ହେବାକୁ ଲାଗିବ । କାରଣ ଉକ୍ତ ପୁସ୍ତକରେ ଲିଖିତ ପ୍ରାର୍ଥନାଗୁଡ଼ିକ ଏକାଧାରରେ 'ପ୍ରାର୍ଥନା' ଏବଂ 'ଉତ୍ସର୍ଗୀକୃତ ପ୍ରେମର' ଏକ ମିଶ୍ରିତ ସ୍ରୋତ (Prayer and love poetry rolled into one.)

ପ୍ରାର୍ଥନାର ସ୍ରୋତ କଳକଳ ନାଦରେ ପ୍ରବାହିତ ହୋଇଚାଲିଛି, ଅରୋଭିଲ୍ ମାତୃମନ୍ଦିର ମୂଳଦୁଆରେ ରହିଥିବା ପଦ୍ମ ପାଖୁଡ଼ାରେ ପ୍ରବାହିତ ଜଳରାଶି ପରି । ପ୍ରତ୍ୟେକଟି ପ୍ରାର୍ଥନା ଗୋଟିଏ ଗୋଟିଏ ଉପହାର ସଦୃଶ । କାରଣ ସର୍ବୋତ୍କୃଷ୍ଟ ପ୍ରାର୍ଥନାଟି ହେଉଛି ଏକ ସର୍ବୋତ୍କୃଷ୍ଟ ଉପହାର । ମା'ଙ୍କ ପ୍ରାର୍ଥନାରେ ଭଗବାନଙ୍କ ନିକଟରେ କୌଣସି ଦାବି ନାହିଁ । ସୁତରାଂ ମା'ଙ୍କ ପ୍ରାର୍ଥନା ରୂପକ ଉପହାରଗୁଡ଼ିକ ଗୋଟିଏ ଗୋଟିଏ ଉଚ୍ଚକୋଟୀର କବିତା । ଶ୍ରୀଅରବିନ୍ଦଙ୍କ ଭାଷାରେ ଅନୁପ୍ରେରଣା ପ୍ରଦାନକାରୀ କବିତା, ''ଆତ୍ମଆବିଷ୍କାରର ଏକ ମୂର୍ଚ୍ଛନାମୟୀ ଜଳଯାତ୍ରା (rhythmic voyage of self discovery)'' । ଏହି ପ୍ରାର୍ଥନାଗୁଡ଼ିକ ଚେତନାର ବିଭିନ୍ନ ସ୍ତରକୁ ଉନ୍ମୋଚିତ କରେ । ଏପରିକି ଭିତରେ ଥିବା କଳା ଆବର୍ଜନାକୁ ବାହାର କରି ପ୍ରଭୁଙ୍କ ପାଦପଦ୍ମରେ ଉତ୍ସର୍ଗ କରିଦିଏ । ମା'ଙ୍କ ପ୍ରାର୍ଥନାରୁ ଅନୁଭୂତ ହୁଏ ଯେ, ସେ ଯେଉଁ ପରମପ୍ରଭୁଙ୍କୁ ଭଲ ପାଉଛନ୍ତି, ତାଙ୍କୁ ନିଜ ଅଧିକାରରେ ଧରି ରଖିଛନ୍ତି ବା ତାଙ୍କ ଦ୍ୱାରା ଅଧିକୃତ ହୋଇଛନ୍ତି ଓ ତାଙ୍କ ପାଦତଳେ ସାମଗ୍ରିକଭାବେ ନିଜକୁ ଢାଳି ଦେଇଛନ୍ତି । ଯେପରି ପରମ ପ୍ରଭୁଙ୍କ ଛଡ଼ା ତାଙ୍କର ଆଉ କିଛି ନାହିଁ ।

ଧ୍ୟାନ ପ୍ରାର୍ଥନା ପାଠ କଲାବେଳେ ଆମେ ଗ୍ରନ୍ଥସ୍ଥିତ ଆଧ୍ୟାତ୍ମିକ ଭାବକୁ ବୁଝି ନପାରି, ଛାଡ଼ି ଦେଇପାରୁ; କିନ୍ତୁ ସେଥିରେ ଥିବା ପ୍ରତ୍ୟେକ ପୃଷ୍ଠାରେ ଯେଉଁ ଧୂମ୍ରହୀନ ଅଗ୍ନି ପ୍ରଜ୍ୱଳିତ ହେଉଅଛି ସେଥିରୁ ରକ୍ଷା ପାଇପାରୁ ନାହିଁ । ସେହି ଅଗ୍ନି ହେଉଛି ପ୍ରେମର ଶୁଭ୍ରାଗ୍ନି । ଆମ ସମସ୍ତଙ୍କ ଭିତରେ ଥିବା ଲୁକ୍କାୟିତ ଅଦ୍ଭୁତ ପ୍ରେମ, ଏକ ସ୍ଥିର ଜାଜ୍ୱଲ୍ୟମାନ ବହ୍ନିଶିଖା, ଏକ ମଶାଲ..., ଏକ ଉର୍ଦ୍ଧ୍ୱଗାମୀ ସ୍ଥିର ଧୂପଶିଖା, ଗୋଟିଏ ଅନୁପମ ସୁନ୍ଦର ଗୋଲାପ, ପୁନଶ୍ଚ ଏପରି ଏକ ଦିବ୍ୟ-ଅନୁଭବ ଯାହା ଆମ ରକ୍ତରେ, ଧମନୀରେ ଲୁଚି ଛପି ପ୍ରବାହିତ ହେଉଅଛି । ''ଧ୍ୟାନ ପ୍ରାର୍ଥନା''ର ଏହି ପୃଷ୍ଠାମାନଙ୍କରେ କିଛି ଗୋଟିଏ ମହନୀୟତା ଲୁଚି ରହିଥିବାର ଅନୁଭୂତ ହୁଏ । ଏପରିକି ମୂଳ ଫରାସୀ ଭାଷାରେ ଲିଖିତ ପ୍ରାର୍ଥନାମାନଙ୍କୁ ଇଂରାଜୀ ଭାଷାରେ ଅନୁବାଦ କଲାବେଳେ ମଧ୍ୟ ଏଥିରେ ଏହା ଭିତରେ ଥିବା ସ୍ପନ୍ଦନର କୌଣସି ଅବକ୍ଷୟ ଘଟି ନାହିଁ ।

ଉଚ୍ଚକୋଟୀର ଋଦ୍ଧିମନ୍ତ ଚିତ୍ରକଳ୍ପ, ଯଥେଷ୍ଟ କମ୍ ନାଟକୀୟ ଭାବ ଏବଂ ସମାନ୍ତରାଳଭାବେ ରୂପ ନେଉଥିବା ଏକ ଧୀର ମନ୍ଥର ଅଗ୍ନିର ପ୍ରବାହ, ପ୍ରଶାନ୍ତ ଆଳଙ୍କାରିକ ବାତାବରଣ, ପ୍ରତ୍ୟେକ ଶବ୍ଦ-ଚେତନାର ପ୍ରତୀକ, ନିର୍ଦ୍ଦିଷ୍ଟ ଏକ ବ୍ୟକ୍ତି ସ୍ୱରୂପଙ୍କର ସମ୍ମୁଖରେ ନତଜାନୁ ଦେବୀଙ୍କର ଭାବପ୍ରବଣତାର (Emotion) ସ୍ଥିର, ନୀରବ, ଊର୍ଦ୍ଧ୍ୱମୁଖୀ, ସ୍ତମ୍ଭୀକୃତି, ଘନୀଭୂତ ରୂପ – ଏହି ସକଳଙ୍କୁ ମାତୃସଂସ୍କୃତି (The Mother's Culture) କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହା ଏକ ଉଚ୍ଚତମ ସଂସ୍କୃତି, କିନ୍ତୁ ଅପହଞ୍ଚ ନୁହେଁ। ମା' ଶିକ୍ଷା ପ୍ରଦାନ କରି ଚାଲିଛନ୍ତି। ଏହି ଶିକ୍ଷାଦାନର ମାଧ୍ୟମ ହେଲା ଏକ କୋଳାହଳ ଶୂନ୍ୟ ପ୍ରେମର ଗୀତି କବିତା ଏବଂ କୋଳାହଳଶୂନ୍ୟ ଅଶ୍ରୁଧାରା। ଏହି ଭାବ ପ୍ରତିଫଳିତ ହୋଇଛି ନିମ୍ନ ପ୍ରାର୍ଥନାଟିରେ –

''And in that great love which enveloped me and that consciousness of perfect renunciation there was an immense serenity vaster than the universe and a sweetness so intense and so full of infinite compassion that tears began to flow slowly from my eyes. Nothing could have been more remote from both suffering and happiness, it was unutterable peace.'' (January 13, 1914)

ମା' ଲେଖି ଚାଲିଛନ୍ତି, ''... ଏବଂ ସେହି ମହାନ୍ ପ୍ରେମ ଭିତରେ, ଯେଉଁ ପ୍ରେମ ମୋତେ ଆଚ୍ଛାଦିତ କରି ରଖିଥିଲା – ଏବଂ ସେହି ପରିପୂର୍ଣ୍ଣ ଆତ୍ମତ୍ୟାଗର ଚେତନା – ତାହାରି ଭିତରେ ପ୍ରଚୁର ନିଶ୍ଚଳତା (serenity) ଯାହା ବିଶ୍ୱବ୍ରହ୍ମାଣ୍ଡଠାରୁ ମଧ୍ୟ ବିଶାଳ ଏବଂ ଏକ ମଧୁରତା ଯାହା ଏତେ ଘନୀଭୂତ ଏବଂ ଏତେ ପରିମାଣରେ ଅନନ୍ତ କରୁଣାରେ ପରିପୂର୍ଣ୍ଣ – ମୋ ଚକ୍ଷୁଦ୍ୱୟରୁ ସ୍ୱତଃ ଅଶ୍ରୁଧାରାର ଧୀର ପ୍ରବାହ ଆରମ୍ଭ ହୋଇଗଲା। ଯନ୍ତ୍ରଣା ଆଉ ଆନନ୍ଦଠାରୁ କେହିହେଲେ ଦୂରରେ ନଥିଲେ, ଏହାହିଁ ଅବର୍ଣ୍ଣନୀୟ ପ୍ରଶାନ୍ତି।''

(ଜାନୁଆରୀ ୧୩, ୧୯୧୪)

ସୁତରାଂ ''ଧ୍ୟାନ-ପ୍ରାର୍ଥନା'' ପାଠକକୁ ଏପରି ଏକ ଅବସ୍ଥାରେ ପହଞ୍ଚାଇ ଦିଏ ଯେଉଁ ଅବସ୍ଥାରେ ତା'ର ହୃଦୟ ବିଗଳିତ ହୋଇଯାଏ ଏବଂ ତା'ର ଚକ୍ଷୁଦ୍ୱୟ ମଧ୍ୟରୁ ଧାର ଧାର ଅଥଚ ଧୀର ଆନନ୍ଦାଶ୍ରୁର ପ୍ଲାବନ ଛୁଟିଆସେ। ଯନ୍ତ୍ରଣା ଓ ଆନନ୍ଦଠାରୁ କେହି ହେଲେ ଅର୍ଥାତ୍, ନିଷ୍ଚଳତା, ମଧୁରତା ଓ ଅନନ୍ତ କରୁଣା ଆଉ ଦୂରରେ ନାହାନ୍ତି। ଯନ୍ତ୍ରଣାରୁ ମୁକ୍ତି ପ୍ରଦାନ କରିବା ପାଇଁ, ଆମକୁ ଦିବ୍ୟ-ଆନନ୍ଦରେ ରୂପାନ୍ତରିତ କରିବା ପାଇଁ ସେମାନେ ପାଖକୁ ଲାଗି ଆସିଲେଣି। ଏହାର ପ୍ରମାଣ ଅବର୍ଣ୍ଣନୀୟ ପ୍ରଶାନ୍ତିରୁ ପ୍ରାପ୍ତ ହେଉଅଛି।

''ଦୁଃଖ ଦୈନ୍ୟ ଦୂର ହେବ ଜଗତ ମଧ୍ୟରୁ
ଜଗତ ମୁକ୍ତ ହୋଇବ ପାଶବ କ୍ରୋଧରୁ
ଦାନବ କ୍ରୁରତା ଏବଂ ଯନ୍ତ୍ରଣାରୁ ମଧ୍ୟ,
ଆସିବ ଶାନ୍ତି ଆନନ୍ଦ ଚିରକାଳ ପାଇଁ''

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା**

(୧) ଧ୍ୟାନ ଓ ପ୍ରାର୍ଥନା - ଶ୍ରୀମା
(୨) Notes on Prayers and Meditation - Goutam Ghosal

# ଶ୍ରୀଅରବିନ୍ଦଙ୍କ ସହିତ ପ୍ରଥମ ଦର୍ଶନ ଓ ଅନୁଭୂତି

## ଡକ୍‌ଟର ରାଜଙ୍ଗମ୍

### (୧୯୨୩)

ମୁଁ ସ୍ଥିର କରିଥିଲି ଯେ ୧୯୨୩ ମସିହାରେ ମେଡ଼ିକାଲ କଲେଜରୁ ଡାକ୍ତରୀ ପାସ୍ କରିବା ପରେ ମୁଁ ଶ୍ରୀଅରବିନ୍ଦଙ୍କ ସହିତ ସ୍ଥାୟୀ ଭାବରେ ତାଙ୍କର ଶିଷ୍ୟ ହୋଇ ଜୀବନ କଟାଇବି । ସେତେବେଳେ ଏ. ବି. ପୁରାଣୀ ଆଶ୍ରମର ମ୍ୟାନେଜର ଭାବେ ସବୁ ବିଷୟ ବୁଝୁଥିଲେ । ମୋର ତାଙ୍କ ସହିତ ମଧ୍ୟ ପତ୍ର ଜରିଆରେ ସମ୍ପର୍କ ଥିଲା । ଥରେ ମୁଁ ତାଙ୍କଠାରୁ ଜାଣିବାକୁ ପାଇଲି ମୁଁ ଆସିବା କଥା ଶୁଣି ଶ୍ରୀଅରବିନ୍ଦ ତାଙ୍କୁ କହିଥିଲେ, ତାହା ହେଲା – ''ରାଜଙ୍ଗମ୍ ଏଠାକୁ ଆସିଲେ ତାକୁ ଏଠାରେ ଯୁଆଳି ପକାଇ ବାନ୍ଧି ରଖିବ ।''

ଏବଂ ପ୍ରକୃତରେ ମୁଁ ପଣ୍ଡିଚେରୀ ଚାଲି ଆସି ନିଜେ ନିଜେ ଆନନ୍ଦରେ ଯୁଆଳିରେ ବନ୍ଧା ହୋଇଗଲି । ଆଗରୁ ମୁଁ ଶୁଣିଥିଲି ଶ୍ରୀଅରବିନ୍ଦ ରାଜନୀତିରେ ପ୍ରବେଶ କରିଥିଲେ ମହାଯୋଗୀର ଭୂମିକା ନେଇ ।... ମଣିଷ ଜାତିର ନବଜନ୍ମ ପାଇଁ ଥିଲା ତାଙ୍କର ସାଧନା । ମୁଁ ସେଦିନ ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରି ନିଜକୁ ଧନ୍ୟ ମନେକଲି । ମୋର ଜନ୍ମ ସାର୍ଥକ ହୋଇଛି ବୋଲି ଭାବିଲି । ତାଙ୍କର ମୁଖମଣ୍ଡଳରୁ ଯେଉଁ ଜ୍ୟୋତିଃ ବାହାରୁଥିଲା ତାହା ଦେଖି ମୁଁ ନିସ୍ତବ୍ଧ ହୋଇଯାଇ ତାଙ୍କ ଚରଣ ତଳେ ମୋର ପ୍ରଣାମ ଜଣାଇଲି । ମୁଁ ମନେ ମନେ ମୋ ଅନ୍ତରର କଥା ତାଙ୍କୁ ନିବେଦନ କରିଥିଲି । ସେହି ନିବେଦନ ମୋର ଖୁବ୍ ଅଳ୍ପ ଦିନରେ କାର୍ଯ୍ୟକାରୀ ହେଲା । ଶ୍ରୀଅରବିନ୍ଦ ମୋତେ ଆଶ୍ରମର ଅନ୍ତେବାସୀଙ୍କ ପାଇଁ କିଛି ଜିନିଷପତ୍ର କିଣାକିଣି କରିବାର ଦାୟିତ୍ୱ ଦେଲେ । ମୁଁ ଅତି ଆଗ୍ରହ ଓ ଆନନ୍ଦରେ ବିହ୍ୱଳିତ ହୋଇ ପଡ଼ିଲି । ଆଶ୍ରମରେ ସ୍ଥାୟୀ ଭାବରେ ରହିପାରିବି ବୋଲି ମୋର ଦୃଢ଼ ପ୍ରତ୍ୟୟ ଜାତ ହେଲା । ମୁଁ ଶ୍ରୀଅରବିନ୍ଦଙ୍କୁ ପ୍ରତି ମୁହୂର୍ତ୍ତରେ ସ୍ମରଣ କରି ମୋର କୃତଜ୍ଞତା ଜଣାଇଲି ।

ଶ୍ରୀଅରବିନ୍ଦ ମୋତେ ପ୍ରତି ମାସରେ ଆଶ୍ରମର ପ୍ରତି ଅନ୍ତେବାସୀଙ୍କ ପାଇଁ ଭୋଜନ ଖର୍ଚ୍ଚ ବାବଦକୁ ପନ୍ଦର ଟଙ୍କା ଓ ଘର ଭଡ଼ା ବାବଦକୁ ଚାଳିଶ ଟଙ୍କା ଦିଅନ୍ତି । ମୁଁ ନିଷ୍ଠାର ସହ ସେହି ଦାୟିତ୍ୱଟି ତୁଲାଉ ଥାଏ ।

ବେଳେବେଳେ ଦୁଇ, ଚାରିଜଣ ସାଧକଙ୍କ ସହ ଶ୍ରୀଅରବିନ୍ଦଙ୍କ ଉପସ୍ଥିତିରେ ଧ୍ୟାନ କରିବାକୁ ମୁଁ ସୁଯୋଗ ପାଉଥିଲି ।... ଆମେ ଧ୍ୟାନ କରୁଥିବା ବେଳେ ସମୟେ ସମୟେ ସେହି ଘରର ତଳ ମହଲାରେ କେତେକ କାଠବାକ୍ସ ପ୍ରଭୃତି ଖୋଲିବାର ପ୍ରବଳ ଶବ୍ଦ ଉପରକୁ ଶୁଣାଯାଉଥିଲା । ସେଦିନ ଆମ ଭିତରୁ ଜଣେ ସାଧକ ଶ୍ରୀଅରବିନ୍ଦଙ୍କୁ ଅଭିଯୋଗ କରି କହିଲେ ଯେ ସେହି ପ୍ରବଳ ଶବ୍ଦ ଆମ ଧ୍ୟାନରେ ବ୍ୟାଘାତ ସୃଷ୍ଟି କରୁଛି । ଶ୍ରୀଅରବିନ୍ଦ ତା'ର ଉତ୍ତରରେ କହିଥିଲେ, ''ତୁମେ ସବୁ ଯୁଦ୍ଧକ୍ଷେତ୍ରରେ ବି ଧ୍ୟାନ କରିବାକୁ ସମର୍ଥ ହେବା ଦରକାର ।''

ମୁଁ ସେହି ବୈଠକରେ ଧ୍ୟାନସ୍ଥ ହୋଇ ବିଭିନ୍ନ ପ୍ରକାରର ଅନୁଭୂତି ପାଉଥିଲି । ବେଳେ ବେଳେ ଧ୍ୟାନ କରୁଥିବା ସମୟରେ ମୁଁ ଅତ୍ୟନ୍ତ ଆନନ୍ଦ ଅନୁଭବ କରୁଥିଲି, ଯାହା ମୋର ଶରୀର ସହ୍ୟ କରିପାରୁ ନଥିଲା । ତାହା କିପରି ଆହୁରି ଶାନ୍ତି ଦେଇ ପାରିବ ସେ ବିଷୟରେ ମୁଁ ଶ୍ରୀଅରବିନ୍ଦଙ୍କୁ ପଚାରିଲି । ଶ୍ରୀଅରବିନ୍ଦ କହିଲେ, ''ମାନସିକ ଶାନ୍ତି, ଆଧ୍ୟାତ୍ମିକ ଶାନ୍ତିଠାରୁ ବେଶ୍ ଭିନ୍ନ । ଆଧ୍ୟାତ୍ମିକ ଶାନ୍ତି କୌଣସି ପରିସ୍ଥିତିରେ ପରିବର୍ତ୍ତନ ହୋଇ ପାରେନି ।''

ତା'ପରେ ମୁଁ ତାଙ୍କୁ କହିଥିଲି ଏକ ଦିବ୍ୟ-ଆଲୋକ ମୋ ଶରୀର ମଧ୍ୟକୁ ଅବତରଣ କରିବାର ଅନୁଭବ ବେଳେ ବେଳେ ହେଉଛି । ସେ ମନ୍ତବ୍ୟ ଦେଇଥିଲେ ଯେ, ''ଯାହା ଊର୍ଦ୍ଧ୍ୱରୁ ଅବତରଣ କରେ ମନର ସଂସ୍ପର୍ଶରେ ତାହା ମିଶ୍ରିତ ହୋଇଯାଇ ଥାଏ ।'' ମୁଁ ତାଙ୍କୁ ସେଥିରେ ବାଧା ଦେଇ କହିଥିଲି 'ମୋର ଅନୁଭୂତି କିନ୍ତୁ ସେପରି କିଛି ମିଶ୍ରିତ ହୋଇ ନଥିଲା ବୋଲି ମୁଁ ଭାବୁଛି ।'

ଶ୍ରୀଅରବିନ୍ଦ ଆଶ୍ଚର୍ଯ୍ୟ ହୋଇ ମୋତେ ଅନାଇ ସଙ୍ଗେ ସଙ୍ଗେ କହିଥିଲେ ''ମୋର ସାଧନାର ତିରିଶ ବର୍ଷ ପରେ ବି ମୁଁ ଅନୁଭବ କରୁଛି ଯେ ସେଥିରେ କିଛି ମିଶ୍ରିତ ହୋଇ ରହିଛି ଏବଂ ଆଉ ତୁମେ... !''

(Ref : First Darshan of Lord Sri Aurobindo & Divine Mother, Part- II, P. 29-30)

ଅନୁବାଦ : ପ୍ରୀତି ପଟ୍ଟନାୟକ ❑

# ଶାଶ୍ୱତ ସମୟ
## (୧)
## ସୂର୍ଯ୍ୟକାନ୍ତି ମହାନ୍ତି

ଶ୍ରୀମଦ୍ ଭଗବଦ୍ ଗୀତାରେ ଅର୍ଜୁନଙ୍କର ବିଷାଦ ଅବସ୍ଥା ଦର୍ଶନ କରି ଶ୍ରୀକୃଷ୍ଣ ବ୍ରହ୍ମବିଦ୍ୟା ପ୍ରଦାନ କରି କହୁଛନ୍ତି –

''ନ ତ୍ୱେବାହଂ ଜାତୁ ନାସଂ ନ ତ୍ୱଂ ନେମେ ଜନାଧିପାଃ ।
ନ ଚୈବ ନ ଭବିଷ୍ୟାମଃ ସର୍ବେ ବୟମତଃ ପରମ୍ ॥''
(୨/୧୨)

ଅର୍ଥାତ୍ : ଏପରି ନୁହେଁ ଯେକୌଣସି କାଳରେ ମୁଁ ନଥିଲି, କି ତୁମେ ନଥିଲ, କି ଏହି ରାଜାମାନେ ନଥିଲେ । ପୁଣି ଏପରି ମଧ୍ୟ ଘଟିବ ନାହିଁ ଯେ ଭବିଷ୍ୟତରେ ଆମେ ସମସ୍ତେ ରହିବା ନାହିଁ ।

ଏହିପରି ଭାବରେ ଶ୍ରୀକୃଷ୍ଣ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ୍ – ଏହି ତ୍ରିକାଳରେ ତାଙ୍କର ଅବସ୍ଥିତି ସମ୍ପର୍କରେ ସୂଚନା ଦେଇଛନ୍ତି । ବାସ୍ତବରେ ମଣିଷର ଜୀବନ ହେଉଛି ଅବିରତ ଗତିଶୀଳ ସମୟ ମଧ୍ୟରେ ଏକ ଯାତ୍ରା । ପୃଥିବୀର ପୁରାତନ ସଭ୍ୟତାଗୁଡ଼ିକ ବିଶ୍ୱାସ କରନ୍ତି ଯେ ସମୟ ହେଉଛି ଏକ ଚକ୍ର ସଦୃଶ, ଯାହା ମଧ୍ୟରେ ସବୁକିଛିର ସୃଷ୍ଟି, ବିଲୟ ଏବଂ ପୁନଃଶ୍ଚ ସୃଷ୍ଟି – ଏହିପରି ବାରଂବାର ଚାଲିଥାଏ । ବିଶିଷ୍ଟ ବୈଜ୍ଞାନିକ ସାର୍ ଆଇଜାକ୍ ନିଉଟନ୍‌ଙ୍କ ମତରେ ବିଶ୍ୱର ଗଠନରେ ସମୟ ହେଉଛି ଏକ ଅଂଶବିଶେଷ । ସାଧାରଣତଃ ପ୍ରଚଳିତ ଧାରଣା ଅନୁଯାୟୀ ବିଶ୍ୱରେ ତିନୋଟି ପରିମେୟ ପରିସର (dimension) ଅର୍ଥାତ୍ 'ଦୈର୍ଘ୍ୟ', 'ପ୍ରସ୍ଥ' ଓ 'ବେଧ' ବା 'ଉଚ୍ଚତା' ଅଛି । ମାତ୍ର ଆଧୁନିକ ବିଜ୍ଞାନ କହେ ଯେ ଅନ୍ୟ ଏକ ଚତୁର୍ଥ ପରିମେୟ ପରିସର ଅଛି, ଯାହା ହେଉଛି ସମୟ । ସମୟ ଓ ମହାକାଶ – ଏ ଦୁଇଟି ହେଉଛନ୍ତି ସମକାଳୀନ ଘଟଣା ।

ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି ହେବା ସମୟରୁହିଁ ସମୟର ଧାରଣା ସୃଷ୍ଟି ହୋଇଛି । ବର୍ତ୍ତମାନର ବିଜ୍ଞାନ ଅନୁଯାୟୀ ବିଶ୍ୱାସ କରାଯାଏ ଯେ ବିଶ୍ୱ ଏକ ବିରାଟ ବିସ୍ଫୋରଣରୁ ସୃଷ୍ଟି ହୋଇଛି, ଯାହାକୁ ବିଗ୍ ବ୍ୟାଙ୍ଗ୍ (Big Bang) କୁହାଯାଏ । ପ୍ରାୟ ୧୪ ଶହ କୋଟି (୧୪,୦୦୦,୦୦୦,୦୦୦) ବର୍ଷ ପୂର୍ବରୁ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ଗୋଟିଏ ଫୋଟକା ମଧ୍ୟରେ ରହିଥିଲା । ଏହି ଫୋଟକାଟି ଛୁଞ୍ଚିମୁନର ମୁନେ ସ୍ଥାନର ସହସ୍ର ସହସ୍ର ଭାଗରୁ ଏକ ଭାଗ ଆକୃତିର ଥିଲା । ଏହା ଏତେ ଉତ୍ତପ୍ତ ଥିଲା ଏବଂ ଏହାର ଘନତ୍ୱ ଏପରି ଥିଲା ଯେ ଏହା ଆମ କଳ୍ପନାର ବାହାରେ । ଏକଦା ଏକ ସେକେଣ୍ଡର ବହୁଭାଗରୁ ଏକ ଭାଗ ସମୟ ମଧ୍ୟରେ ଏହି ଫୋଟକା ହଠାତ୍ ବିସ୍ଫୋରିତ ହୋଇ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି ହେଲା । ତା'ପରେ ଏହା କ୍ଷିପ୍ରତମ ବେଗରେ ପ୍ରସାରିତ ହେବାକୁ ଲାଗିଲା । ଏହି ବିଗ୍ ବ୍ୟାଙ୍ଗ୍‌ରୁ ସମୟ, ସ୍ଥାନ ବା ଆକାଶ ଓ ବସ୍ତୁ ଏକାଥରକେ ବା ଏକ ସମୟରେହିଁ ଆରମ୍ଭ ହେବାକୁ ଲାଗିଲେ ।

ତେବେ ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତା – ଏହି ତିନିଟି ପରିମେୟ ପରିସରର ପରିମାପ ଅଛି । ଅର୍ଥାତ୍, ଏହି ତିନୋଟିକୁ ମାପିବା ପାଇଁ ସାଧାରଣ ଭାବରେ ଛୋଟ ଏକକ 'ସେଣ୍ଟିମିଟର' ନିଆଯାଇଛି । ତା'ହେଲେ ସମୟକୁ ମାପିବା ପାଇଁ ଏକକ କ'ଣ ? ପୁଣି କିଭଳି ଭାବରେ ଏହାକୁ ମପାଯାଏ ?

ତେବେ ଆମେ ଯେଉଁ 'ସମୟ'ର ଅବଧାରଣା କରୁ, ତାହା ପୃଥିବୀର ନିଜସ୍ୱ ଘୂର୍ଣ୍ଣନ ବା ଆବର୍ତ୍ତନ ଏବଂ ସୂର୍ଯ୍ୟ ଚତୁଃପାର୍ଶ୍ୱରେ ଗତି ବା ପରିକ୍ରମଣରୁ ପରିମାପ କରିଥାଉ । କିନ୍ତୁ ଗ୍ରହଗୁଡ଼ିକର ଆବର୍ତ୍ତନ ବା ପରିକ୍ରମଣର ବେଗ ଭିନ୍ନ ଭିନ୍ନ, ଯେପରି 'ବୃହସ୍ପତି' ଓ 'ବୁଧ'ର ପରିକ୍ରମଣ ସମୟ ଅଲଗା ଅଲଗା । ଏଣୁ ଏକ ଦିବସ ବା ଏକ ବର୍ଷର ଧାରଣା ଗ୍ରହରୁ ଗ୍ରହ ଭିନ୍ନ ଭିନ୍ନ ହୋଇଥାଏ । ଉଦାହରଣ ସ୍ୱରୂପ 'ମଙ୍ଗଳ'ର ଏକ ବର୍ଷ ହେଉଛି ପୃଥିବୀର ୬୮୬.୯୮ ଦିନ ସହିତ ସମାନ ଏବଂ 'ବୁଧ'ର ଏକ ବର୍ଷ ମାତ୍ର ୮୭.୯୬ ପାର୍ଥିବ ଦିବସ ।(୧)

ତେବେ ପୃଥିବୀରେ ପୁରାତନ ସଭ୍ୟତାଗୁଡ଼ିକରେ ଦିନରେ ସୂର୍ଯ୍ୟ ଓ ରାତିରେ ଚନ୍ଦ୍ର ଓ ତାରାମାନଙ୍କ ଗତିବିଧି ଦେଖି ସମୟ ମାପ କରାଯାଉଥିଲା । ଭାରତୀୟ ଶାସ୍ତ୍ର ଅନୁଯାୟୀ ସମୟର ଏକକ ବାହାର କରିବା ପାଇଁ ଏକ ଅଭିନବ ପନ୍ଥା ବାହାର କରାଯାଇଥିଲା । ତାହାହେଲା – ଯେତେବେଳେ ଦୁଇଟି ପତ୍ର ଗୋଟିଏ ଉପରେ ଅନ୍ୟ ଗୋଟିଏ ରଖି ଦିଆଯାଏ ଏବଂ ଏକ ଛୁଞ୍ଚି ଦ୍ୱାରା ଫୋଡ଼ି ଦିଆଯାଏ, ପ୍ରଥମ ପତ୍ରରୁ

ଦ୍ୱିତୀୟ ପତ୍ରକୁ ଛୁଞ୍ଚି ଯିବାବେଳେ ଯେଉଁ ସମୟ ଲାଗେ ତାହାକୁ 'ଅଲ୍ପକାଳ' କୁହାଯାଏ ।

ପ୍ରାଚୀନ ଭାରତରେ ସମୟର ଏକକ

୩୦ ଅଳ୍ପକାଳ = ୧ ତ୍ରୁଟି
୩୦ ତ୍ରୁଟି = ୧ କଳା
୩୦ କଳା = ୧ କାଷ୍ଠା
୩୦ କାଷ୍ଠା = ୧ନିମିଷ
୪ ନିମିଷ = ୧ ଗଣିତ
୧୦ ଗଣିତ = ୧ ନେତୁବିର୍ପୁ
(ଦୀର୍ଘ ନିଃଶ୍ୱାସ ପାଇଁ ଆବଶ୍ୟକ ସମୟ)
୬ ନେତୁବିର୍ପୁ = ୧ବିଣାଟିକା
୬ ବିଣାଟିକା = ୧ ଘଟିକା
୬୦ ଘଟିକା= ୧ଦିବସ (ଅହୋରାତ୍ର)
୧୫ ଅହୋରାତ୍ର = ୧ ପକ୍ଷ
୨ ପକ୍ଷ = ୧ ଚନ୍ଦ୍ରମାସ
୨ ମାସ = ୧ଋତୁ
୬ ଋତୁ = ୧ବର୍ଷ = ୧ଦିବସ ଦେବତାଙ୍କର
୩୬୦ ଦିବସ (ଅହୋରାତ୍ର) ଦେବତାଙ୍କର
= ୧ଦିବ୍ୟ ବତ୍ସର
୪, ୮୦୦ ଦିବ୍ୟ ବତ୍ସର = ୧ସତ୍ୟଯୁଗ ବା କ୍ରେତା ଯୁଗ
୩,୬୦୦ ଦିବ୍ୟବତ୍ସର = ୧ତ୍ରେତା ଯୁଗ
୨,୪୦୦ ଦିବ୍ୟବତ୍ସର = ୧ଦ୍ୱାପର ଯୁଗ
୧,୨୦୦ ଦିବ୍ୟବତ୍ସର = ୧କଳିଯୁଗ
ଏହିପରି ମୋଟ ୧୨,୦୦୦ ଦିବ୍ୟବତ୍ସର = ୧ଚତୁର୍ଯୁଗ
୭୧ ଚତୁର୍ଯୁଗ = ୧ମନ୍ୱନ୍ତର
୧୪ ମନ୍ୱନ୍ତର = ୧କଳ୍ପ
୨ କଳ୍ପ = ୧ଦିବସ ବ୍ରହ୍ମାଙ୍କର (ଅହୋରାତ୍ର)
୩୬୦ ଦିବସ ବ୍ରହ୍ମାଙ୍କର = ୧ବ୍ରହ୍ମାବର୍ଷ
୧୦୦ ବ୍ରହ୍ମାବର୍ଷ = ୧ବ୍ରହ୍ମାଙ୍କ ଜୀବନକାଳ
ଏଣୁ ବ୍ରହ୍ମାଙ୍କ ଜୀବନକାଳ =
୩୦,୯,୧୭,୩୭୬୦,୦୦୦,୦୦୦ ବର୍ଷ

ଏହିପରି ବ୍ରହ୍ମାଙ୍କର ୧୦୦ ବର୍ଷ ଜୀବନକାଳ ପରେ ଅନ୍ୟ ଜଣେ ବ୍ରହ୍ମାଙ୍କର ଆବିର୍ଭାବ ହୁଏ ।[୨]

ସୂକ୍ଷ୍ମ ସିଦ୍ଧାନ୍ତ ଅନୁଯାୟୀ ବୈବଶ୍ୱତ ମନ୍ୱନ୍ତରର ୨୮ତମ ଚଳିତ କଳିଯୁଗ ଆରମ୍ଭ ହୋଇଥିଲା ଖ୍ରୀ:ପୂ: ୩୧୦୨ ଫେବ୍ରୁଆରି ୧୭-୧୮ ତାରିଖ ମଧ୍ୟରାତ୍ରିରେ । କଳିଯୁଗର ମୋଟ ୪୩୨,୦୦୦ ବର୍ଷ ମଧ୍ୟରୁ ମାତ୍ର ୫,୧୧୭ ବର୍ଷ ଅତିବାହିତ ହୋଇଥିବା ବେଳେ ଏହା ପୂର୍ଣ୍ଣ ହେବା ପାଇଁ ଆଉ ୪୨୬,୮୮୩ ବର୍ଷ ବାକି ଅଛି ।[୩]

ତେବେ ଗ୍ରୀକ୍‌ମାନେ ସାଧାରଣ ସମୟକୁ ସେକେଣ୍ଡ, ମିନଟ୍ ଆଦିରେ ଗଣନା କରୁଥିଲେ । ପୁନଶ୍ଚ ସେମାନେ ଦିବ୍ୟସମୟକୁ ଅନ୍ୟ ଭାବରେ ମାପୁଥିଲେ । ଯେପରି 'ଠିକ୍ ସମୟ', 'ଉପଯୁକ୍ତ ସମୟ', 'ଭାଗ୍ୟ ପରିବର୍ତ୍ତନର ସମୟ'– ଏହିପରି ଭାବରେ । ତେବେ ମଜାର କଥା ହେଉଛି ଯେ –

ପ୍ରଥମ ପଦ୍ଧତିରେ ଗଣନା ଅନୁଯାୟୀ ଜଣେ ବୃଦ୍ଧ ଓ ବିଜ୍ଞ ବ୍ୟକ୍ତିଙ୍କର ଏକ ମୂର୍ତ୍ତି ସ୍ଥାପନ କରାଯାଇଥିଲା, ଯାହାଙ୍କର ଲମ୍ବା ଶ୍ମଶ୍ରୁ ସହିତ ହସ୍ତଦ୍ୱୟରେ ଥିଲା ଏକ ଦାଆ ଏବଂ ସମୟ ସୂଚକ ଘଡ଼ି । ଅନ୍ୟ ପକ୍ଷରେ ଦ୍ୱିତୀୟ ପଦ୍ଧତି ଅନୁଯାୟୀ ଏକ ସୁନ୍ଦର ଯୁବକର ପ୍ରତିମୂର୍ତ୍ତି ସ୍ଥାପିତ ହୋଇଥିଲା ।

ବାସ୍ତବରେ ସମୟର ସଂଜ୍ଞା ଓ ମୂଲ୍ୟ କ'ଣ ? ଏହାକୁ କିପରି ମପାଯାଇପାରେ ? ଏହା କ'ଣ ଶାଶ୍ୱତ ସମୟର ଏକ ଅଂଶ ବିଶେଷ ? ଲେଖିକା ବିମଳା ଦା ସିଲ୍‌ଭା (Vimla da Silva)ଙ୍କର ନିମ୍ନଲିଖିତ ମତାମତ, ସମ୍ଭବତଃ ସମୟ ଉପରେ ଧାରଣା ଆଣିବାରେ ଆମକୁ ସାହାଯ୍ୟ କରିପାରେ ।

୧. ଏକ ବର୍ଷ ସମୟର ମୂଲ୍ୟ କ'ଣ, ଜାଣିବାକୁ ହେଲେ – ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିବା ଜଣେ ଶିକ୍ଷାର୍ଥୀକୁ ପ୍ରଶ୍ନ କରନ୍ତୁ ।
୨. ଏକ ମାସ ସମୟର ମୂଲ୍ୟ କେତେ, ଜାଣିବାକୁ ହେଲେ – ଅପରିପକ୍ୱ ଶିଶୁକୁ ଜନ୍ମ ଦେଇଥିବା ଜଣେ ମା'ଙ୍କୁ ପ୍ରଶ୍ନ କରନ୍ତୁ ।
୩. ଏକ ମିନିଟ୍ ସମୟର ମୂଲ୍ୟ କେତେ ଜାଣିବାକୁ ହେଲେ – ଅଳ୍ପ ଟିକକ ପାଇଁ ଗାଡ଼ି ଫେଲ୍ ହୋଇଥିବା ଜଣେ ଯାତ୍ରୀଙ୍କୁ ପ୍ରଶ୍ନ କରନ୍ତୁ ।
୪. ଏକ ସେକେଣ୍ଡ ସମୟର ମୂଲ୍ୟ କେତେ ଜାଣିବାକୁ ହେଲେ – ଏକ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିବା ଜଣେ ବ୍ୟକ୍ତିକୁ ପ୍ରଶ୍ନ କରନ୍ତୁ ।
୫. ଏକ ମିଲି ସେକେଣ୍ଡ (ସେକେଣ୍ଡର ଏକ ହଜାର ଭାଗରୁ ଏକ ଭାଗ) ସମୟର ମୂଲ୍ୟ କେତେ ଜାଣିବାକୁ ହେଲେ – ଅଲିମ୍ପିକ୍ ଗେମ୍‌ସରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଜଣେ ଖେଳାଳିକୁ ପ୍ରଶ୍ନ କରନ୍ତୁ ।

ତେବେ ମଣିଷ ତା' ସମଗ୍ର ଜୀବନ ମଧ୍ୟରେ ଏକ ପଥ (one way) ସମୟ ମଧ୍ୟ ଦେଇ ଯାତ୍ରା କରି ଭବିଷ୍ୟତ୍ ଆଡ଼କୁ ଅଗ୍ରସର ହେଉଥାଏ । ସେ କୌଣସି ନିର୍ଦ୍ଦିଷ୍ଟ ସମୟରେ ଜନ୍ମହୁଏ ଏବଂ ନିର୍ଦ୍ଧାରିତ ସମୟରେ ମୃତ୍ୟୁ ଲଭେ । ପୁନଶ୍ଚ ଜୀବନକାଳ ମଧ୍ୟରେ ତା'ର ବିଭିନ୍ନ କାର୍ଯ୍ୟାବଳୀ, ବିଶ୍ରାମ ମଧ୍ୟ ସମୟକୁ ଭିତ୍ତି କରି ଚାଲିଥାଏ । ତା' ଶରୀରର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପରିବର୍ତ୍ତନ ଦେଖାଯାଏ । ବାସ୍ତବରେ ମଣିଷ ଶରୀରରେ ସମୟର ଘଡ଼ିଥାଏ ।

ସମୟ ବା କାଳକୁ ଯେଉଁ ଦେବତା ଶାସନ କରନ୍ତି, ସେ ହେଉଛନ୍ତି କାଳେଶ୍ୱର । ଏହି ଦେବତାଙ୍କୁ ସମର୍ପିତ 'କାଳେଶ୍ୱର ମୁଦ୍ରା'ର ଅଭ୍ୟାସରେ ଶରୀର ମହାଜାଗତିକ ଶକ୍ତିକୁ ନିଜ ଭିତରେ କାର୍ଯ୍ୟକାରୀ କରିଥାଏ ।

**କାଳେଶ୍ୱର ମୁଦ୍ରା :**

**ପ୍ରଣାଳୀ :** ଦୁଇ ହସ୍ତର ମଧ୍ୟମା ଦ୍ୱୟର ଟିପ ପରସ୍ପରକୁ ସ୍ପର୍ଶ କରାଅ । ଯେତେବେଳେ କି ଦୁଇ ବିଶି ଅଙ୍ଗୁଳିର ଗଣ୍ଠି ପରସ୍ପରକୁ ଓ ଦୁଇ ବୁଢ଼ା ଅଙ୍ଗୁଳି ମଧ୍ୟ ପରସ୍ପରକୁ ସ୍ପର୍ଶ କରୁଥିବ । ଅନ୍ୟ ଅଙ୍ଗୁଳିଗୁଡ଼ିକ ଭିତର ପଟକୁ



ବାଙ୍କି କରି ରହିଥିବ । ବୁଢ଼ା ଅଙ୍ଗୁଳିଦ୍ୱୟ ଯେପରି ଛାତି ଆଡ଼କୁ ନିର୍ଦ୍ଦେଶ କରେ ଏବଂ କହୁଣିଦ୍ୱୟ ବାହାର ଆଡ଼କୁ ରହେ ।

**ଅଭ୍ୟାସ :** ନିଃଶ୍ୱାସ ଓ ପ୍ରଶ୍ୱାସର ଗତି ଧୀରେ ଧୀରେ ୧୦ ଥର ଚାଲିବା ପରେ ଏହାର ବେଗ ସାମାନ୍ୟ ଅଧିକ ବଢ଼ାଯାଇପାରେ । ଏହି ମୁଦ୍ରା ପ୍ରତ୍ୟହ ୧୦ ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ଅଭ୍ୟାସ କରିବା ଆବଶ୍ୟକ ।

**ଉପକାରିତା :** ମନ ମଧ୍ୟରେ ବହୁ ଚିନ୍ତା କିଂବା ଉତ୍ତେଜିତ ମନକୁ ଏହା ଶାନ୍ତ କରାଏ । ନିଜକୁ ପର୍ଯ୍ୟବେକ୍ଷଣ କରିବାରେ ଏବଂ ଜୀବନର ବିଭିନ୍ନ ଅସୁବିଧାଗୁଡ଼ିକର ସମାଧାନର ପନ୍ଥା ବାହାର କରିବାରେ ସାହାଯ୍ୟ କରେ । ଏପରିକି ମଣିଷ ଚରିତ୍ରର ଦୁର୍ଗୁଣସବୁକୁ ସୁଧାରି ହୁଏ ଏବଂ ନିଶାଦ୍ରବ୍ୟ ସେବନ ଅଭ୍ୟାସରୁ ମୁକ୍ତ କରାଏ । ଏହା ବ୍ୟତୀତ ସ୍ମୃତିଶକ୍ତି ଓ ଏକାଗ୍ରତା ମଧ୍ୟ ବୃଦ୍ଧି କରାଏ ।

ଏଣୁ ମଣିଷ ଜୀବନର ସୀମିତ ସମୟକୁ ନଷ୍ଟ ନକରି ମହତ୍ କାର୍ଯ୍ୟରେ ବିନିଯୋଗ କରିବା ଆବଶ୍ୟକ । ଅନ୍ୟର ଅନିଷ୍ଟ କରିବା, ଗାଳି ଦେବା, କ୍ରୋଧିତ ହେବା, ହିଂସା ଓ ଈର୍ଷା କରିବା, ମିଥ୍ୟା କହି ଠକେଇ ଦେବା ଆଦିରେ ଯେଉଁ ସମୟ ଅତିବାହିତ ହୁଏ, ତାହା ସମ୍ପୂର୍ଣ୍ଣଭାବରେ ନିଜ ଜୀବନକାଳରୁ ବିୟୋଗ ହୋଇଯାଏ । ଏହି ନଷ୍ଟ ସମୟର ପ୍ରଭାବରୁ ତା'ପରବର୍ତ୍ତୀ ଅନେକ ସମୟ ମଧ୍ୟ ଅଯଥା ନଷ୍ଟ ହୋଇଯାଏ । ଅନ୍ୟ ପକ୍ଷରେ ସ୍ନେହପୂର୍ଣ୍ଣ କଥା କହିବା, ଅନ୍ୟର ଖୁସିରେ ଖୁସି ହେବା, କୃତଜ୍ଞତା ପ୍ରକାଶ କରିବା, ଦୟା କରିବା, ପ୍ରକୃତିର ସୌନ୍ଦର୍ଯ୍ୟରେ ମୁଗ୍ଧ ଚକିତ ହେବା ଆଦିରେ ସମୟର ସଦ୍-ବ୍ୟବହାର ହୋଇଥାଏ । ଅତଏବ, ହେ ମନୁଷ୍ୟ ! ଜୀବନର ଏହି ସୁବର୍ଣ୍ଣ ମୂଲ୍ୟବାନ୍ ସମୟର ସଦୁପଯୋଗ କରନ୍ତୁ ଏବଂ ସର୍ବଦା ଯୌବନାବସ୍ଥାରେ ଜୀବନ ଅତିବାହିତ କରନ୍ତୁ ।

(କ୍ରମଶଃ)

❑❑❑

---

**ତଥ୍ୟ ନିର୍ଦ୍ଦେଶିକା :**


୧. Tell me why – August, 2015, page.63

୨. Puranic Encyclopaedia, by Vettam Mani, Published by Motilal Banarasi dass publishers Pvt Ltd, Delhi, p.482

୩. Internet

# ଆମ ସ୍ୱାସ୍ଥ୍ୟ

## (୧୪)

## ଭୋଳେଶ୍ୱର ଭୂୟାଁ

ଶ୍ରୀମା ସଚେତନ ଶରୀର ବିଷୟରେ କହୁଛନ୍ତି : ''ଆମେ ସ୍ୱଚ୍ଛ ଦୃଷ୍ଟିସମ୍ପନ୍ନ ଓ ଯୁକ୍ତିସମ୍ମତ ପ୍ରଣାଳୀରେ ଶରୀରଚର୍ଚ୍ଚା କରିବା ସହିତ ସେହି ଏକ ସମୟରେ ଆତ୍ମାର ଅଭିବୃଦ୍ଧି, ତାହାର ଅଗ୍ରଗତି ଓ ଜ୍ଞାନଦୀପ୍ତି ଦିଗରେ ସାହାଯ୍ୟ କରିବା ।

''ଶରୀରର କୋଷମାନଙ୍କରେ ଚେତନାର ଜାଗରଣ ପ୍ରକ୍ରିୟା ହେଉଛି ଶରୀରଚର୍ଚ୍ଚା । ଆମେ ଏହା ଜାଣୁ ବା ନଜାଣୁ ଏହାହିଁ ହେଉଛି ବାସ୍ତବତା । ଆମେ ନିଜ ଇଚ୍ଛାନୁଯାୟୀ ଆମର ମାଂସପେଶୀ ସଞ୍ଚାଳନ ଉପରେ ଏକାଗ୍ର ହେଉ, ଆମେ ଅବୟବଗୁଡ଼ିକୁ ନମନୀୟ କରିବାକୁ ପ୍ରୟାସ କରୁ, ତାହାକୁ କ୍ଷିପ୍ରତା ପ୍ରଦାନ କରୁ, କିଂବା ଏକ ଶକ୍ତି, ପ୍ରତିରୋଧ କ୍ଷମତା ଓ ନମନୀୟତା ତା' ଭିତରେ ଆଣି ଦେଉ ଯାହା ସ୍ୱାଭାବିକ ଭାବରେ ତାହା ଭିତରେ ନଥାଏ । ଶରୀରର କୋଷମାନଙ୍କରେ ଆମେ ଏକ ଚେତନାର ସଞ୍ଚାରଣ କରୁ ଯାହା ପୂର୍ବରୁ ସେମାନଙ୍କ ମଧ୍ୟରେ ନଥିଲା ।... ଏହାହିଁ ହେଉଛି ଶରୀରଚର୍ଚ୍ଚାର ପ୍ରାଥମିକ ଗୁରୁତ୍ୱପୂର୍ଣ୍ଣ ବିଷୟ... ଏବଂ ଜଣେ ଯେତେବେଳେ ଶରୀରଚର୍ଚ୍ଚାର ଏହି ଏକାନ୍ତ ଆଶ୍ଚର୍ଯ୍ୟଜନକ ଫଳ ଦେଖିପାରେ, ଏହାକୁ ନିରୀକ୍ଷଣ କରି ଦେଖିପାରେ ଯେ ଶରୀର କେତେ ପରିମାଣରେ ନିଜକୁ ତ୍ରୁଟିବିହୀନ ହେବାରେ ସାମର୍ଥ୍ୟ ଲାଭ କରିଛି ଏବଂ ବୁଝିପାରେ ଯେ ଏହି ଜଡ଼ ଉପାଦାନ ଭିତରେ ପ୍ରବେଶ କରି ଚୈତ୍ୟସତ୍ତାର କର୍ମରେ ଏହା କେତେଦୂର କାର୍ଯ୍ୟକ୍ଷମ ହୋଇପାରିବ । କାରଣ ଯେତେବେଳେ ଏହା ସମ୍ପୂର୍ଣ୍ଣଭାବରେ ଶକ୍ତ, ନମନୀୟ ଓ ସମ୍ଭାବନାମୟ ସଙ୍ଗଠିତ ଓ ଐକ୍ୟତାନଭରା ଯନ୍ତ୍ରରେ ଅଧିଗତ ହୁଏ ସେତେବେଳେ ଏହାର କାର୍ଯ୍ୟ ବହୁଳଭାବରେ ସୁବିଧାଜନକ ହୋଇଥାଏ ।

''ମୁଁ ଏକଥା କହୁ ନାହିଁ ଯେ ଲୋକେ କେବଳ ଏହି କାରଣ ପାଇଁ ଶରୀରଚର୍ଚ୍ଚା କରିଥା'ନ୍ତି, କାରଣ ଅଳ୍ପ ଲୋକ ଏହାର ଫଳାଫଳ ସମ୍ବନ୍ଧରେ ସଚେତନ ଥାଆନ୍ତି । ସେମାନେ ଏ ବିଷୟରେ ସଜାଗ ଥାଆନ୍ତୁ ବା ନ ଥାଆନ୍ତୁ ଏହାହିଁ ତାହାର ପରିଣତି । ଏତଦ୍‌ବ୍ୟତୀତ ତୁମର ଯଦି ନିହାତି ଭାବରେ ସୂକ୍ଷ୍ମାନୁଭବ ଥାଏ ତା'ହେଲେ କୌଣସି ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀରେ ଯୁକ୍ତିସମ୍ମତ ଭାବରେ ଶରୀରଚର୍ଚ୍ଚା ବେଳେ ଅଙ୍ଗଚାଳନା କରୁଥିଲେ ତାହା ଭିତରେ ଏକ ଆଲୋକ, ଏକ ଚେତନା ଓ ଜୀବନୀ ଶକ୍ତି ଦେଖିବାକୁ ପାଇବ ଯାହା ଅନ୍ୟମାନଙ୍କ ଭିତରେ ନଥାଏ ।

''ପ୍ରକୃତପକ୍ଷେ ଭୌତିକ ଶରୀର କିଛି ନୁହେଁ, ବ୍ୟକ୍ତିର ଶାଶ୍ୱତ ଜୀବନର ଏକ ବିକୃତ ଛାୟା ମାତ୍ର । କିନ୍ତୁ ଏହି ଭୌତିକ ଶରୀରର ପ୍ରଗତିଶୀଳ ଅଗ୍ରଗତି ପାଇଁ ସାମର୍ଥ୍ୟ ରହିଛି । ପ୍ରତ୍ୟେକ ପୃଥକ୍ ସଙ୍ଗଠନ ଦ୍ୱାରା ଭୌତିକ ଅଂଶମାନ ପ୍ରଗତି କରିଥା'ନ୍ତି । ଏବଂ ଦିନେ ନା ଦିନେ ଆମେ ଜାଣିଥିବା ଭୌତିକ ଜୀବନ ଏବଂ ଯେଉଁ ଅତିମାନବ ଜୀବନର ପରିପ୍ରକାଶ ହେବାକୁ ଯାଇଛି, ଉଭୟଙ୍କ ମଧ୍ୟରେ ଏକ ସେତୁ ଗଢ଼ିବାର ତାହାର ସାମର୍ଥ୍ୟ ରହିଛି ।''

(ଆସ୍ପୃହା ୧୫ ଅଗଷ୍ଟ ୨୦୧୬, ପୃ. ୧୧ରୁ ଉଦ୍ଧୃତ) – ଶ୍ରୀମା

*

ଅର୍ଥାତ୍ କେବଳ ଧ୍ୟାନ, ଧାରଣା, ପୂଜାପାଠ ଦ୍ୱାରା ଶରୀରର ଏହି ମହାନ୍ ସମ୍ଭାବନାକୁ ଆମେ ରୂପ ଦେଇପାରିବୁ ନାହିଁ । ଏହା ସହିତ ଶରୀରଚର୍ଚ୍ଚା ମାଧ୍ୟମରେ ଆମେ ଏହି କାର୍ଯ୍ୟ ସମ୍ଭବ କରିପାରିବୁ । ଏହି ଶରୀରଚର୍ଚ୍ଚା ଏକ ବିଶେଷ ପ୍ରଣାଳୀରେ ଓ ଏକ ବିଶେଷ ଉଦ୍ଦେଶ୍ୟ ପାଇଁ, ବିଶେଷ ମନୋଭାବ ସହିତ କରାଯିବ । ଏହି ବିଶେଷ ଉଦ୍ଦେଶ୍ୟ ହେଲା, ଶରୀରକୁ ଅଧିକରୁ ଅଧିକ ଗ୍ରହଣଶୀଳ କରିବା ଏବଂ ଏହାକୁ ଅଧିକରୁ ଅଧିକ ସଚେତନ କରି ମା'ଙ୍କୁ ଅର୍ପଣ କରିବା । କାରଣ ମା'ହିଁ ଆମ୍ଭମାନଙ୍କ ପାଇଁ ରୂପାନ୍ତରର କାର୍ଯ୍ୟ କରୁଛନ୍ତି । ଆମକୁ କେବଳ ଆମର ଶରୀରକୁ ତାଙ୍କ ନିକଟରେ ଅର୍ପଣ କରିବାକୁ ହେବ । କିନ୍ତୁ ଏ କାମରେ ଆମେ ଏବେ ବି ସକ୍ଷମ ହୋଇପାରି ନାହୁଁ । ଯେଉଁ ମୁହୂର୍ତ୍ତରେ ଆମେ ଶରୀରକୁ ମା'ଙ୍କୁ ଅର୍ପଣ କରୁ, ତା'ର ପର ମୁହୂର୍ତ୍ତରେ ଅହଂକାର ବଶତଃ ଏହି ଶରୀରକୁ ଆମ ଶରୀର ମନେକରି ତା'ଠାରୁ ଆମେ (ଆମର ମନ ଓ ପ୍ରାଣ) ଭୋଗ-ବିଳାସ ଦାବି କରିଥାଉ । ଏହାହିଁ ହେଲା ଆମର ଅସଲ ସମସ୍ୟା ।

ଏହି ସମସ୍ୟାକୁ ସମାଧାନ କରିବାକୁ ହେଲେ ଶରୀରକୁ ମନ-ପ୍ରାଣ ହାତରୁ ମୁକ୍ତ କରି, ତାକୁ ସଚେତନ କରି ଚୈତ୍ୟସତ୍ତାର ପ୍ରଭାବରେ ରଖିବାକୁ ହେବ । ଆମ ଚୈତ୍ୟସତ୍ତାରେହିଁ ସ୍ୱୟଂ ମା' ବାସ କରିଥା'ନ୍ତି । ଏପରି କଲେ ଆମ ଭିତରେ ମା'ଙ୍କର ରୂପାନ୍ତର କାମ ସୁରୁଖୁରୁରେ ଚାଲେ । ଶରୀରକୁ ସ୍ୱତନ୍ତ୍ରତା ପ୍ରଦାନ କରି, ତାକୁ ସଚେତନ କରିବା ପାଇଁ ଆମେ ବ୍ୟାୟାମ, ଆସନ ଓ ପ୍ରାଣାୟାମ ବିଷୟରେ ଆଲୋଚନା କରୁଛୁ । ପେଟର ବ୍ୟାୟାମର ଶେଷ ଦୁଇଟି ମହତ୍ତ୍ୱପୂର୍ଣ୍ଣ ବ୍ୟାୟାମ ବିଷୟରେ ଆଲୋଚନା କରି ଏହାକୁ ସମାପ୍ତ କରିବୁ ।

**ମଣ୍ଡୂକାସନ :** ମଣ୍ଡୂକାସନ ଲୋକେ ବିଭିନ୍ନ ଭାବରେ କରିଥାଆନ୍ତି । ଆମେ ଏଠାରେ ଯେଉଁ ମଣ୍ଡୂକାସନର ପ୍ରଣାଳୀ ବର୍ଣ୍ଣନା କରିବୁ ତାହା ଆମକୁ ମଧୁମେହ ରୋଗରୁ ରକ୍ଷା କରିବ ।

**ପ୍ରଣାଳୀ :** ବଜ୍ରାସନରେ ବସ । ଫୁସ୍‌ଫୁସ୍‌ରୁ ସମସ୍ତ ନିଃଶ୍ୱାସ ବାହାର କରି ପେଟକୁ ଭିତରକୁ ଟାଣି ଉଡ୍ଡୀୟାନ ଅବସ୍ଥାକୁ ଆଣ । ଏହାପରେ ଦୁଇ ହାତକୁ ମୁଷ୍ଟିବଦ୍ଧ କରି ଉଡ୍ଡୀୟାନର ଗର୍ତ୍ତ ଭିତରେ ଦୁଇ ମୁଷ୍ଟିକୁ ପରସ୍ପର ଲଗାଇ ରଖ । ଏଥର ନିଃଶ୍ୱାସ ବନ୍ଦ ଅବସ୍ଥାରେ ଆଗକୁ ଝୁଙ୍କି କପାଳକୁ ଭୂମିରେ ସ୍ପର୍ଶ କରିବାକୁ ଚେଷ୍ଟାକର । ଏହି ଅବସ୍ଥାରେ ଯେତେ ସମୟ ପାର ରୁହ । ଏହି ପ୍ରକ୍ରିୟାକୁ ଦୁଇ ଥର ବା ତିନି ଥର କରିପାର ।

**ଉପକାରିତା :** ଏହି ଆସନ ଆମ ଅନ୍ତ୍ରନଳୀ, ପାକସ୍ଥଳୀ ତଥା ମଧୁରକୋଷ ଉପରେ ବିଶେଷ ଚାପ ପ୍ରଦାନ କରିଥାଏ । ଏହା ଦ୍ୱାରା ଏସବୁ ସ୍ଥାନରେ ଅଧିକ ରକ୍ତ ପ୍ରବାହିତ ହୋଇ ଏମାନଙ୍କୁ ପୁଷ୍ଟ କରିଥାଏ । ମଧୁର କୋଷର ଏକ ଗ୍ରନ୍ଥିରୁ ଇନ୍‌ସୁଲିନ୍ ଉତ୍ପନ୍ନ ହୋଇଥାଏ । ଇନ୍‌ସୁଲିନ୍ ଅଭାବରେ ଆମକୁ Type-1 ମଧୁମେହ ହୋଇଥାଏ । କିନ୍ତୁ ମଣ୍ଡୂକାସନ କଲେ ମଧୁରକୋଷ ଶକ୍ତିଶାଳୀ ହୋଇ ଏଥିରୁ ଯଥାର୍ଥ ପରିମାଣରେ ଇନ୍‌ସୁଲିନ୍ ନିଃସୃତ ହୋଇଥାଏ । ଏହାଦ୍ୱାରା ଆମର Type-1 ମଧୁମେହ ଭଲ ହୋଇଥାଏ ବା ଆମକୁ କେବେହେଲେ ଏହି ରୋଗ ହୋଇ ନଥାଏ । ଆମ ଭାରତରେ ପ୍ରତ୍ୟେକ ତିନିଜଣରେ ଜଣକୁ ମଧୁମେହ ରୋଗ ହୋଇଥାଏ । ଏହି ରୋଗ ଭୋଗ କରୁଥିବା ରୋଗୀ ଅନ୍ୟ ଜୀବଜନ୍ତୁଙ୍କ ଶରୀରରୁ ଇନ୍‌ସୁଲିନ୍ ସଂଗ୍ରହ କରି ଯେଉଁ ଔଷଧ ତିଆରି ହୋଇଥାଏ ତାକୁ ଖାଇ ରୋଗ ଆରୋଗ୍ୟ କରିଥାଏ । ଆମେ ଆମ ଶରୀରର ଯେଉଁ ଅଂଶରେ ଇନ୍‌ସୁଲିନ୍ ଉତ୍ପନ୍ନ ହୋଇଥାଏ ତାକୁ ବ୍ୟାୟାମ ମାଧ୍ୟମରେ ସୁସ୍ଥ-ସବଳ କରିବା ଦ୍ୱାରା ଆମ ଶରୀରରେ କେବେ ବି ଇନ୍‌ସୁଲିନ୍ ଅଭାବ ହୋଇବ ନାହିଁ ।

**କପାଳଭାତି ପ୍ରାଣାୟାମ:** ଏହା ଏକ ପ୍ରାଣାୟାମ (Breathing Exercise) ହେଲେ ମଧ୍ୟ କପାଳଭାତି ଆମ ପାଇଁ ଏକ ପେଟର ବ୍ୟାୟାମ ମଧ୍ୟ ହୋଇଥାଏ ।

**ପ୍ରଣାଳୀ :** ସୁଖାସନରେ ବସ (ଚକା ମାରି ବସିବା) । ମେରୁଦଣ୍ଡ ସିଧା ରହିବ । ହାତର ପାପୁଲିକୁ ଦୁଇ ଆଣ୍ଠୁ ଉପରେ ରଖ । ଏଥର ପେଟର ମାଂସପେଶୀକୁ ଭିତରକୁ ଠେଲି ନିଃଶ୍ୱାସ ବାହାର କର । ପରେ ଫୁସ୍‌ଫୁସ୍‌ରେ ପବନ ମନକୁ ମନ ଭରିଯିବ । ଏହି ପ୍ରକ୍ରିୟାକୁ ପ୍ରତି ସେକେଣ୍ଡରେ ଥରେ କରିବାକୁ ହେବ । ତଳ ପେଟରେ ବିଶେଷ ଜୋର୍ ଦେଇ ପେଟକୁ ଠେଲିବାକୁ ହେବ । ଏହାକୁ ୧୦ ରୁ ୨୦ ମିନିଟ କରାଯାଇପାରେ ବା ୫୦୦ ରୁ ୮୦୦ ଥର କରିପାର । କପାଳଭାତି କରିବା ସମୟରେ ଲିଙ୍ଗ ମୂଳକୁ ଆକୁଞ୍ଚନ କଲେ ବ୍ରହ୍ମଚର୍ଯ୍ୟ ରକ୍ଷାହୁଏ, ମଳଦ୍ୱାରକୁ ଆକୁଞ୍ଚନ କଲେ ଅର୍ଶ ରୋଗ ଭଲ ହୋଇଥାଏ ବା ଅର୍ଶ ରୋଗ ଆମକୁ କେବେହେଲେ ହୋଇ ନଥାଏ ।

**ଉପକାରିତା :** କପାଳଭାତି ଏକ ପ୍ରାଣାୟାମ ହୋଇଥିବାରୁ ପ୍ରଥମେ ଏହା ଫୁସ୍‌ଫୁସ୍‌କୁ ଶକ୍ତିଶାଳୀ ଓ ନମନୀୟ କରିଥାଏ । କପାଳଭାତି କଲେ ରକ୍ତଚାପ ଓ ମଧୁମେହ ଉଭୟ ରୋଗର ଉପଶମ ହୋଇଥାଏ । ଏହି ରୋଗ ନଥିଲେ ଏହା ଆମକୁ ଆକ୍ରମଣ କରିପାରେ ନାହିଁ । ଏହି ପ୍ରାଣାୟାମ ଦ୍ୱାରା ପେଟର ସମସ୍ତ ଆଭ୍ୟନ୍ତର ଯନ୍ତ୍ର ଠିକ୍ ଭାବରେ କାମ କରନ୍ତି । ପରୀକ୍ଷାକରି ଦେଖାଯାଇଛି କଠିନ ପରିଶ୍ରମ ପରେ ଶରୀର ଥକି ଯାଇଥିଲେ ବା ଝାଳ ବୋହୁଥିଲେ କେବଳ ୩୦୦ ଥର କପାଳଭାତି କଲେ ଶରୀରର ଥକା ଦୂର ହୋଇଥାଏ ଓ ଶରୀରରୁ ଝାଳ ଶୁଖି ଶୀତଳତା ପ୍ରଦାନ କରିଥାଏ । ପରିସଂଖ୍ୟାନ ଅନୁଯାୟୀ ଆଧୁନିକ ଯୁଗରେ ଲକ୍ଷ ଲକ୍ଷ ଲୋକ କପାଳଭାତି କରି ବିନା ଔଷଧରେ ଶରୀରକୁ ନୀରୋଗ କରିପାରୁଛନ୍ତି । କପାଳଭାତି ଦ୍ୱାରା ପେଟର ସମସ୍ତ ବିକୃତି ଦୂର ହୋଇ ଆମକୁ ଯଥାର୍ଥ ସ୍ୱାସ୍ଥ୍ୟ ପ୍ରାପ୍ତ ହୁଏ ।

ପେଟର ବ୍ୟାୟାମ ପରେ ଶରୀରର ଏକ ମହତ୍ତ୍ୱପୂର୍ଣ୍ଣ ଅଂଗ ହେଲା ଗୋଡ଼ । ଆଗାମୀ ସଂଖ୍ୟାରେ ଏହି ବ୍ୟାୟାମ ସମ୍ପର୍କରେ ଆଲୋଚନା କରିବା ।

(କ୍ରମଶଃ) ❑

# ଶ୍ରୀମା ଶ୍ରୀଅରବିନ୍ଦଙ୍କ ପ୍ରତୀକର ବ୍ୟବହାର

## ମାଧବ ପଣ୍ଡିତ

ଗତଥର Central Co-ordination Committee ମିଟିଂରେ ସାଧାରଣ ଲୋକ ତଥା ଭକ୍ତମାନେ ମା' ଶ୍ରୀଅରବିନ୍ଦଙ୍କ ପ୍ରତୀକର ଯଦୃଚ୍ଛା ବ୍ୟବହାର କରୁଥିବା ସମ୍ବନ୍ଧରେ ଆମେ ଆଲୋଚନା କରିଥିଲେ । ଏହି ପ୍ରତୀକକୁ ସେମାନେ ଚିଠି ପ୍ୟାଡ଼ରେ, ବିବାହ ନିମନ୍ତ୍ରଣ ପତ୍ରରେ, ଉତ୍ପାଦନ କରୁଥିବା ବିଭିନ୍ନ ପଦାର୍ଥରେ ଟ୍ରେଡ଼୍‌ମାର୍କରୂପେ ବ୍ୟବହାର କରୁଛନ୍ତି । ସେହିପରି ମା' ଶ୍ରୀଅରବିନ୍ଦଙ୍କ ନାମକୁ ମଧ୍ୟ ବିଭିନ୍ନ ସ୍କୁଲ, ଦୋକାନ ଓ ହୋଟେଲ ଆଦି ନାମକରଣ କରିବାରେ ବ୍ୟବହାର କରୁଛନ୍ତି । ଏସବୁ କାର୍ଯ୍ୟ ଉଚିତ ନୁହେଁ । ତା'ଛଡ଼ା ଏହି ନାମ ଓ ପ୍ରତୀକ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ପକ୍ଷରେ ଏହା କ୍ଷତିକାରକ ମଧ୍ୟ ।

ସାଧାରଣତଃ ପ୍ରତୀକ କୌଣସି ଏକ ସତ୍ୟ, କୌଣସି ଏକ ଶକ୍ତି ବା କୌଣସି ଏକ ସଚଳ ଅବସ୍ଥାର ପ୍ରତିନିଧିତ୍ୱ କରେ । ବ୍ୟକ୍ତି ଯେତେବେଳେ ସେହି ପ୍ରତୀକ ବ୍ୟବହାର କରେ ସେତେବେଳେ ବୁଝିବାକୁ ହେବ ଯେ ସେହି ବ୍ୟବହାରର ପଶ୍ଚାତରେ ସେହି ସତ୍ୟ ବା ସେହି ଶକ୍ତି ରହିଛି ଓ ବ୍ୟବହାରକାରୀ ମଧ୍ୟ ତା'ର ଏକ ଯଥାର୍ଥ ମାଧ୍ୟମ । କିନ୍ତୁ ପ୍ରତୀକର ବ୍ୟବହାର ସମୟରେ କେତେ ଲୋକଙ୍କର ଏହି ଦାୟିତ୍ୱଜ୍ଞାନ ଥାଏ ? ମୋର ମନେ ଅଛି ଥରେ ଜଣେ ପୁରାତନ ସାଧକ ଚିଠି ପ୍ୟାଡ଼୍‌ରେ ମା'ଙ୍କ ପ୍ରତୀକ ଛାପିଥିବାର 'ମା'ଙ୍କୁ ଆଣି ଦେଖାଉଥିଲେ । ମା' ତାଙ୍କୁ କିଛି ସମୟ ଚାହିଁ କହିଲେ : ''ଠିକ୍ ଅଛି । ଯଦି ତୁମେ ସବୁବେଳେ ସେଇ ଚେତନାରେ ରହିପାର ।'' ଯଦି ଜଣେ ଏହି ସର୍ତ୍ତ ପୂରଣ ନ କରିପାରେ ତେବେ ତା'ର କର୍ମ ଓ ଆଚରଣ ମଧ୍ୟରେ ଅସାମଞ୍ଜସ୍ୟ ଓ ବିଭେଦ ସୃଷ୍ଟି ହୁଏ ଓ ତା'ର ପରିଣାମ ତାକୁ ଭୋଗ କରିବାକୁ ହୁଏ । ଅନେକ ସମୟରେ ପାଶ୍ଚାତ୍ୟରୁ ଆସୁଥିବା ଅନେକ ବନ୍ଧୁଙ୍କଠାରେ ଦେଖିଛି ସେମାନେ ସେମାନଙ୍କ ପୋଷାକରେ ତାନ୍ତ୍ରିକଯନ୍ତ୍ର, ବିଶେଷ କରି ଶ୍ରୀଯନ୍ତ୍ର ଆଙ୍କିଥା'ନ୍ତି । ସେମାନେ ଆଦୌ ବୁଝିପାରନ୍ତି ନାହିଁ ଯେ ଏହା କରିବା ଫଳରେ ସେମାନେ କି ଗୁରୁ ଦାୟିତ୍ୱବହନ କରି ଚାଲୁଥା'ନ୍ତି । ଯେତେବେଳେ ସେମାନେ ଶ୍ରୀଯନ୍ତ୍ର ଧାରଣ କରିଥା'ନ୍ତି ସେତେବେଳେ ଶ୍ରୀଯନ୍ତ୍ରର ପୂଜକ ଯେଉଁ ଭାବ ବହନ କରେ ତାହା ପୋଷଣ କରିବା ପାଇଁ ବାଧ୍ୟ । କିନ୍ତୁ ସେମାନେ କ'ଣ ତା' କରିଥା'ନ୍ତି ?

ଏଇ ଧରଣର ପ୍ରତୀକ ଖାଲି ସାଜସଜ୍ଜା ବା ଶୁଭ କାର୍ଯ୍ୟରେ ଏକ ଆକର୍ଷଣୀୟ ବସ୍ତୁର ଚିହ୍ନ ନୁହେଁ । ସେସବୁ, ହେଉଛନ୍ତି ସୂକ୍ଷ୍ମ, ଗୁହ୍ୟ ଶକ୍ତି ଉତ୍ପାଦନକାରୀ ବାସ୍ତବ ଯନ୍ତ୍ର; ସେମାନଙ୍କର ସର୍ତ୍ତ ପୂରଣ ନହେଲେ ସେମାନଙ୍କର କ୍ରିୟା ଅବାଞ୍ଛିତ ଧାରାରେ ଚାଲେ । ଭାରତୀୟ ଗୃହମାନଙ୍କରେ ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତିସବୁ ରଖି ସାଧାରଣତଃ ପୂଜା କରିଥା'ନ୍ତି । ଥରେ ଜଣେ ଉଚ୍ଚଶିକ୍ଷିତ ସାଧକ-ମନୋଭାବାପନ୍ନ ଭଦ୍ରବ୍ୟକ୍ତି ନିୟମିତରୂପେ କେତେକ ମୂର୍ତ୍ତିର ପୂଜା କରୁଥିଲେ । ଥରେ ସେ ଅସୁସ୍ଥ ହୋଇ ପଡ଼ିବାରୁ ପୂଜାକାର୍ଯ୍ୟ ହୋଇପାରିଲା ନାହିଁ । ଧୀରେ ଧୀରେ ଘରର ଅନ୍ୟ ସଦସ୍ୟମାନେ ମଧ୍ୟ କିଛି କିଛି ଅସୁସ୍ଥତାର ଶିକାର ହେଲେ । ସେ ଭଦ୍ରବ୍ୟକ୍ତିଙ୍କ ମନକୁ ହଠାତ୍ ଗୋଟିଏ ଧାରଣା ଆସିଲା । ସେ ଅନ୍ୟମାନଙ୍କୁ ଡାକି କହିଲେ ଦେଖ ତ ସେ ଦେବାଦେବୀଙ୍କ ମୂର୍ତ୍ତିସବୁ ପରିଷ୍କାର ଅଛି ନା ସେସବୁ ଉପରେ ଧୂଳି, ମଇଳା ଆଦି ଜମାହେଲାଣି । ଦେଖାଗଲା ଯେ ସେସବୁର ଯତ୍ନ କେହି ନେଉ ନାହାନ୍ତି । ତା'ଉପରେ ଧୂଳି ମଇଳା ଇତ୍ୟାଦି ଜମା ହେଲାଣି । ସଙ୍ଗେ ସଙ୍ଗେ ସେସବୁର ଯତ୍ନ ନିଆଗଲା ଓ ଦେଖାଗଲା ଯେ ପରିବାରର ସମସ୍ତେ ପୁଣି ସୁସ୍ଥ ହୋଇ ଉଠିଲେ । ଏ ଘଟଣା ମୁଁ କହିଲି ଏଇ ଉଦ୍ଦେଶ୍ୟରେ ଯେ ଯେଉଁମାନେ ମା'ଶ୍ରୀଅରବିନ୍ଦଙ୍କ ଫଟୋ ରଖିଛନ୍ତି କିଂବା ପ୍ରତୀକ ବ୍ୟବହାର କରୁଛନ୍ତି ସେମାନେ ସଚେତନ ହୁଅନ୍ତୁ ଯେ ସେମାନେ କି ପ୍ରକାର ଦାୟିତ୍ୱ ବହନ କରି ଚାଲିଛନ୍ତି । ସେସବୁକୁ ବ୍ୟକ୍ତି ଜୀବନ୍ତ ଉପସ୍ଥିତି (ବାସ୍ତବରେ ସେସବୁକୁ ଜୀବନ୍ତ ଉପସ୍ଥିତି, ଯଦି କିପରି ଅନୁଭବ କରିବାକୁ ହୁଏ ତା' ଆମେ ଜାଣୁ) ବିଚାର କରି ବ୍ୟବହାର କରିବାକୁ ହେବ ଏବଂ ସତର୍କତାର ସହ ଦେଖିବାକୁ ହେବ ଯେପରି ସେସବୁ ଠିକ୍ ଭାବେ ଶ୍ରଦ୍ଧା ଓ ଯତ୍ନର ସହ ବ୍ୟବହୃତ ହେଉଛନ୍ତି ଓ ଦୈନନ୍ଦିନ ଜୀବନରେ ସେମାନଙ୍କ ଉପସ୍ଥିତିକୁ ସମ୍ମାନ ଦିଆଯାଉଛି । ମୁଁ ଯଦି 'ମା'ଙ୍କର ପ୍ରତୀକ ଧାରଣ କରେ ତେବେ ମୋର ଚିନ୍ତା, ବାକ୍ୟ ଓ କର୍ମରେ ମୁଁ ମା'ଙ୍କ ଅନୁମୋଦିତ କର୍ମ ଛଡ଼ା କିଛି କରିପାରିବି ନାହିଁ ।

ନିଆଁକୁ ନେଇ ଖେଳ ଖେଳିବା ଉଚିତ ନୁହେଁ ।

(ନବପ୍ରକାଶ, ୧୯୮୭ ମସିହା ଅଗଷ୍ଟ ସଂଖ୍ୟାରୁ ସଂଗୃହୀତ) ❑

# ନବପ୍ରକାଶ – ଜୀବନ ପଥର ନବ ଉନ୍ମେଷ

## ଧର୍ମକୁମାର ଶତପଥୀ

ନବପ୍ରକାଶ !
ଜୀବନ ପଥର ନବ ଉନ୍ମେଷ,
ସତ୍ୟରେ କରାଅ ସଭିଙ୍କୁ ବଶ,
ଜୀବନ ଦୀପର ନବ ଉଦ୍‌ଭାସ ।

ମାଆର ନିକଟୁ ବହି ଆଶିଷ,
ଆସିଥାଅ ତୁମେ ମାସକୁ ମାସ,
ଆମରି ପାଶ,
ଆମଠାରେ ଭରିବାକୁ ହରଶ,
ନୂଆ ବିଶ୍ୱାସ ।

ଆବରଣ କରି ନୀଳ ଆକାଶ,
ଦେଇଥାଅ ତୁମ ବ୍ୟାପ୍ତି ସନ୍ଦେଶ,
ଅବା ସାଗରର ନୀଳ ଜଳରାଶି
ବଖାଣେ – କେତେ ଯେ ଗଭୀର, ଅତଳସ୍ପର୍ଶ ।

ଆମ ମନତଳେ ତୁମ ପରଶ
ଆଙ୍କେ ମନୋରମ ଛବିଳ ଦୃଶ୍ୟ,
ଅଳୀକ ଅସାର କୁହେଳି ହଟାଇ
ଦିଏ ସାରତତ୍ତ୍ୱ, ଶୁଦ୍ଧ, ଉତ୍କର୍ଷ ।



ଦୃଢ଼ କରେ ଆମ କୁନି 'ବିଶ୍ୱାସ'
ଓଠରେ ହସ
ବୁଣିଥାଏ ତୁମ କମନୀୟ ଛବି,
ସରଳ, ତରଳ, କୋମଳ ସ୍ପର୍ଶ ।

ପରମ ପ୍ରଭୁ ଓ ମାଆଙ୍କ ଶିଷ୍ୟ
ତୁମେ ଆସୁଅଛ ଆମରି ପାଶ
କହିବାକୁ ସେଇ ଗୂଢ଼ ରହସ୍ୟ –
''ବଦଳିବ ଦିନେ ଏ ଧରା ନିୟମ
ମଣିଷ ନହେବ ମୃତ୍ୟୁର ଦାସ,
ମିଥ୍ୟାର ଦାସ ।''

ନବପ୍ରକାଶ !
ଦିବ୍ୟ ଜନନୀଙ୍କ ଦିବ୍ୟ ସନ୍ଦେଶ,
ଘେନି ଆସୁଥାଅ ମାସକୁ ମାସ
ମାଆର ସେନେହ, ମାଆର ଆଶିଷ,
ଆମ ମନେଭରୁ ନୂଆ ବିଶ୍ୱାସ,
ସ୍ୱଚ୍ଛ ଉଲ୍ଲାସ,
ଆମେ ଗଢ଼ିଦେବୁ ଆମରି ହାତରେ
ତା' ଇଂଗିତେ ଶ୍ରେଷ୍ଠ ସୁନ୍ଦର ବିଶ୍ୱ ।

ନିଜ ଭିତରେ ଚିନ୍ତା ଓ ବାକ୍‌ରୁ ବିରତ ରୁହ, ନିଜ ଭିତରେ ନିଶ୍ଚଳ ରୁହ, ଉର୍ଦ୍ଧ୍ୱରେ ଆଲୋକ ଭିତରକୁ ଏବଂ ତୁମ ଚତୁର୍ଦ୍ଦିଗସ୍ଥ ବ୍ୟାପକ ମହାଜାଗତିକ ଚେତନା ମଧ୍ୟକୁ ଦୃଷ୍ଟିପାତ କର । ସେ ଉଜ୍ଜ୍ୱଳତା ଏବଂ ବ୍ୟାପକତା ସହ ଅଧିକରୁ ଅଧିକ ଏକୀଭୂତ ହୁଅ । ତା'ହେଲେ ଉର୍ଦ୍ଧ୍ୱରୁ ତୁମ ଉପରେ ହେବ ସତ୍ୟର ଉଦୟ ଏବଂ ତାହା ତୁମ ଚତୁର୍ଦ୍ଦିଗରୁ ତୁମ ଉପରକୁ ପ୍ରବାହିତ ହୋଇଆସିବ ।

– ଶ୍ରୀଅରବିନ୍ଦ

ପୃଥିବୀର କେତେକ ବିଶିଷ୍ଟ ଦାର୍ଶନିକ :

# ଇସଲାମୀୟ କେତେକ ବିଶିଷ୍ଟ ଦାର୍ଶନିକ

## (୫)

## ଶ୍ରୀପତି ଦାସ

[ଏହି ପ୍ରବନ୍ଧଗୁଡ଼ିକ Clifford Sawhneyଙ୍କ ଲିଖିତ "The World's Greatest Seers & Philosophers" ପୁସ୍ତକର ଅବଲମ୍ବନରେ ଲିଖିତ । – ଲେଖକ ।]

### ଜଲାଲ୍ ଉଦ୍-ଦିନ୍ ରୁମି

(JALAL UD-DIN RUMI (1207-1273)

### ଦିବ୍ୟନୃତ୍ୟ

କବି, ଦାର୍ଶନିକ ଓ ଇସଲାମୀୟ ରହସ୍ୟବାଦୀ ରୁମି ଥିଲେ ମେଭଲାଭି (Mevlavi) ସୁଫି ସମ୍ପ୍ରଦାୟର ପ୍ରତିଷ୍ଠାତା । ସେ ଥିଲେ ଏକ ଇସଲାମୀୟ ରହସ୍ୟବାଦୀ ସମ୍ପ୍ରଦାୟର ଅଗ୍ରଗାମୀ । ପାରସ୍ୟ ଦେଶର ଉତ୍ତର-ପୂର୍ବରେ ଥିବା ବାଲ୍‌ଖ (Balkh) ନାମକ ସ୍ଥାନରେ ରୁମି ଏକ ଧର୍ମତତ୍ତ୍ୱବିତ୍ ପରିବାରରେ ୩୦ ସେପ୍‌ଟେମ୍ବର ୧୨୦୭ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ, ଯାହାଥିଲା ବର୍ତ୍ତମାନର ଆଫଗାନିସ୍ଥାନର ଅନ୍ତର୍ଗତ । ତାଙ୍କର ସମ୍ପୂର୍ଣ୍ଣ ନାମ ଥିଲା ମୌଲାନା ଜଲାଲ୍ ଉଦ୍-ଦିନ୍ ମହମ୍ମଦ ଇବନ୍ ହୁସେନ୍ ଆଲ୍-ରୁମି । ତାଙ୍କର ପିତା ବାହା ଉଦ୍-ଦିନ୍ ଥିଲେ ଏକ ପ୍ରସିଦ୍ଧ ଧାର୍ମିକ ପଣ୍ଡିତ ଯାହାଙ୍କଠାରୁ ରୁମି ନିଜର ପ୍ରାଥମିକ ଧର୍ମତାତ୍ତ୍ୱିକ ଶିକ୍ଷା ଗ୍ରହଣ କରିଥିଲେ ।

ଯେତେବେଳେ ରୁମିଙ୍କ ବୟସ ପାଞ୍ଚବର୍ଷ ଥିଲା ସେତେବେଳେ ତାଙ୍କର ପରିବାର ତାଙ୍କର ଜନ୍ମସ୍ଥାନ ତ୍ୟାଗ କରି ବାଗ୍‌ଦାଦକୁ ଚାଲିଯାଇଥିଲେ । ପୁନଶ୍ଚ ତିନିବର୍ଷ ପରେ ସେହି ସହର ତ୍ୟାଗ କରି ସେମାନେ ମକ୍‌କା ଚାଲିଗଲେ । ମକ୍‌କାରେ ସେମାନେ ହାଜ୍ (Haj) ସମ୍ପାଦନ କରିଥିଲେ । ତତ୍ପରେ ସେମାନେ ଡାମାସ୍କସ୍ ଯାଇ ସେଠାରୁ ତୁର୍କୀର ପଶ୍ଚିମରେ ଥିବା ଇଉଫ୍ରେଟେସ୍‌ର ମାଲାଟିଆ ନାମକ ସ୍ଥାନରେ ବାସ କରିଥିଲେ । ବିଭିନ୍ନ ସହରରେ ଦଶ ବର୍ଷରୁ ଊର୍ଦ୍ଧ୍ୱ ସମୟ ବାସ କରି ୧୨୨୬ ଖ୍ରୀଷ୍ଟାବ୍ଦ ବେଳକୁ ପରିଶେଷରେ ସେମାନେ ପର୍‌ସିଆର ଉତ୍ତର-ପଶ୍ଚିମ ପ୍ରଦେଶର କୋନ୍ୟା ସହରରେ ବାସ କରିଥିଲେ । ତାହା ସେଲ୍‌ଜୁକ୍ ସାମ୍ରାଜ୍ୟର ଅଂଶ ଏବଂ ତାହାର ରାଜଧାନୀ ଥିଲା । ତାଙ୍କ ପରିବାର ଏକ ମଙ୍ଗୋଲୀୟ ଦଳର ଆକ୍ରମଣ ଦ୍ୱାରା ମୃତ୍ୟୁମୁଖରୁ ରକ୍ଷା ପାଇବା ପାଇଁ ଏହି ପ୍ରବାସ ଗମନ କରିଥିଲେ ।

ଏହି ସମୟରେ ୧୯ ବର୍ଷ ବୟସରେ (୧୨୨୬ ଖ୍ରୀଷ୍ଟାବ୍ଦରେ) ରୁମି ଗେଭେର୍ ଖାଟୁନ୍‌ଙ୍କୁ (Gevher Khatun) ବିବାହ କରିଥିଲେ । ୧୨୩୧ ଖ୍ରୀଷ୍ଟାବ୍ଦରେ ଯେତେବେଳେ ରୁମିଙ୍କ ବୟସ ଥିଲା ୨୪ ବର୍ଷ ସେତେବେଳେ ତାଙ୍କର ପିତା ମୃତ୍ୟୁପ୍ରାପ୍ତ ହୋଇଥିଲେ ଏବଂ ସେ ତାଙ୍କର ଉତ୍ତରାଧିକାରୀ ଭାବରେ କୋନ୍ୟାର ଏକ ପ୍ରସିଦ୍ଧ ମାଦ୍ରାସାରେ ଧର୍ମଶାସ୍ତ୍ରର ଅଧ୍ୟାପକ ହୋଇଥିଲେ । ତାଙ୍କ ପିତାଙ୍କର ମୃତ୍ୟୁ ପରେ ପିତାଙ୍କର ଜଣେ ବନ୍ଧୁ – ସୟଦ୍ ବୁର୍‌ହାନ୍ ଉଦ୍-ଦିନ୍ ତାଙ୍କର ଆଧ୍ୟାତ୍ମିକ ଶିକ୍ଷାର ଦାୟିତ୍ୱ ନେଇଥିଲେ । ତତ୍ପରବର୍ତ୍ତୀ ୯ ବର୍ଷ ପର୍ଯ୍ୟନ୍ତ ସେ ରୁମିଙ୍କୁ ନାନା ଇସଲାମୀୟ ଶିକ୍ଷା ପ୍ରଦାନ କରିଥିଲେ ।

ଏହି ସମୟ ବେଳକୁ ରୁମି ଇସଲାମୀୟ ଧର୍ମଶାସ୍ତ୍ରରେ ଜଣେ ଦକ୍ଷ ପଣ୍ଡିତ ହୋଇ ଯାଇଥିଲେ । ୨୫ ବର୍ଷ ବୟସରେ ରୁମି ଆଲେପ୍‌ପୋ (Aleppo) ସହରକୁ ଯାଇ ସେଠାରେ ଉଚ୍ଚସ୍ତରୀୟ ଶିକ୍ଷା ଲାଭ କରିଥିଲେ । ତତ୍ପରେ ସେ ଡାମାସ୍କସ୍‌କୁ ପୁନଶ୍ଚ ଶିକ୍ଷାଲାଭ କରିବା ନିମିତ୍ତ ଯାଇଥିଲେ । ସେ କାଳର କେତେକ ଉଚ୍ଚତମ ଧର୍ମପଣ୍ଡିତଙ୍କ ସହିତ ଚାରୋଟି ବର୍ଷ ଅତିବାହିତ କରିଥିଲେ । ସୟଦ୍ ବୁର୍‌ହାନ ଉଦ୍-ଦିନ୍‌ଙ୍କ ମାଧ୍ୟମରେ ରୁମି ତାଙ୍କର ପ୍ରଥମ ରହସ୍ୟବାଦୀ ତାଲିମ ଗ୍ରହଣ କରିଥିଲେ ।

### ଦାରିଦ୍ର୍ୟବ୍ରତ ପାଳନକାରୀ ରହସ୍ୟବାଦୀ :

ବର୍ଷ ପରେ ବର୍ଷ ଅତିବାହିତ ହୋଇଚାଲିଲା । ଈଶ୍ୱରଙ୍କ ସମ୍ବନ୍ଧେ ରୁମିଙ୍କ ଜ୍ଞାନ ବୃଦ୍ଧି ପାଇବାରେ ଲାଗିଲା । ପରିଶେଷରେ ସୟଦ୍ ବୁର୍‌ହାନ୍ ଉଦ୍-ଦିନ୍ ମନେକଲେ ଯେ ସେ ତାଙ୍କ ବନ୍ଧୁଙ୍କ ପୁତ୍ରକୁ ଯାହା ଶିକ୍ଷା ଦେବାର ଥିଲା ତାହା ସମାପ୍ତ କରିଛନ୍ତି । ତେଣୁ ସେ ତାଙ୍କ ନିଜ ସହରକୁ ଫେରିଗଲେ । କିନ୍ତୁ ଫେରିଯିବା ପୂର୍ବରୁ ସେ ରୁମିଙ୍କୁ କହିଥିଲେ ଯେ ତାଙ୍କର ଜଣେ ବିଶିଷ୍ଟ ବନ୍ଧୁ ଆସିବେ ଯେ ତାଙ୍କୁ ଆଧ୍ୟାତ୍ମିକ ଜଗତର ଗଭୀରକୁ ନେଇଯିବେ ।

ତାହାହିଁ ଘଟିଲା । ୨୮ ନଭେମ୍ବର ୧୨୪୪ ଖ୍ରୀଷ୍ଟାବ୍ଦରେ ଦାରିଦ୍ର୍ୟବ୍ରତ ପାଳନ କରିବା ପାଇଁ ଏକ ମୁସଲିମ ଗୋଷ୍ଠୀର ସଭ୍ୟ ଶାମସ୍ ଉଦ୍-ଦିନ୍ ଟାବ୍ରିଜ୍ ପ୍ରଥମ ଥର ପାଇଁ ରୁମିଙ୍କୁ ସାକ୍ଷାତ୍ କଲେ । ତା'ପରେ ରୁମି ଏହି ସାକ୍ଷାତ୍‌କାର ସମ୍ବନ୍ଧେ କହିଥିଲେ ଯେ ସେ ଈଶ୍ୱରଙ୍କ ସମ୍ବନ୍ଧେ ପୂର୍ବରୁ ଯାହା ଭାବିଥିଲେ, ତାହାହିଁ ସେଦିନ ଦର୍ଶନକଲେ । ରୁମି ଥିଲେ ଏକ ପ୍ରସିଦ୍ଧ ପ୍ରଶଂସିତ ରହସ୍ୟବାଦୀ ଅଧ୍ୟାପକ । ଏହାପରେ ସେ ହୋଇଉଠିଲେ ଏକ ମହାନ୍ ମାନବ-ସମାଜପ୍ରେମୀ ଓ ଅନୁପ୍ରେରଣାକାରୀ କବି ।

ଉଭୟଙ୍କ ମଧ୍ୟରେ ବନ୍ଧୁତା ଥିଲା ସ୍ୱଳ୍ପ ସମୟବ୍ୟାପୀ । ୧୪ ମାର୍ଚ୍ଚ ୧୨୪୬ ଖ୍ରୀଷ୍ଟାବ୍ଦରେ ଶାମ୍‌ସ୍ ପ୍ରଥମ ଥର ସକାଶେ ରୁମିଙ୍କୁ ଛାଡ଼ି ଚାଲିଯାଇଥିଲେ । ରୁମିଙ୍କ ପୁତ୍ର ସୁଲତାନ ଭେଲଡ୍ ମଧ୍ୟ ଡାମାସ୍କସ୍‌ରେ ତାଙ୍କୁ ଛାଡ଼ି ଚାଲି ଯାଇଥିଲେ । ଏହାପରେ ପୁନଶ୍ଚ ସେମାନଙ୍କର ମିଳନ ଘଟିଥିଲା । ୧୨୪୭ ଖ୍ରୀଷ୍ଟାବ୍ଦରେ ପୁଣି ଶାମ୍‌ସ ତାଙ୍କୁ ଛାଡ଼ି ଚାଲିଯାଇଥିଲେ ଏବଂ ଏହାପରେ ସେମାନଙ୍କର ସାକ୍ଷାତ୍ ହୋଇ ନଥିଲା । ଦୁଃଖାଭିଭୂତ ରୁମି ତାଙ୍କର ଏହି ଆନ୍ତରିକ ବନ୍ଧୁଙ୍କ ବିୟୋଗରେ ୩୦,୦୦୦ କବିତା ଲେଖିଥିଲେ । ମନେହୁଏ ଯେ ଯେଉଁମାନେ ରୁମିଙ୍କ ପ୍ରତି ତିକ୍ତଭାବ ପୋଷଣ କରିଥିଲେ, ସେହିମାନେହିଁ ଶାମସ୍‌ଙ୍କୁ ହତ୍ୟା କରିଥିଲେ ।

### ଆଧ୍ୟାତ୍ମିକ କବିତା :

ଶାମ୍‌ସଙ୍କ ସହିତ ସାକ୍ଷାତ୍ ହେବାର ପ୍ରାୟ ଦଶବର୍ଷ ପରେ ମଧ୍ୟ ରୁମି ସ୍ୱତଃସ୍ଫୂର୍ତ୍ତ ଭାବରେ ଘାଜଲ୍ ରଚନା କରୁଥିଲେ ଯାହା ଡିଭନ୍-ଇ-କବିର (Divan-i-Kabir) ନାମକ ଏକ ବିରାଟ ଗ୍ରନ୍ଥରେ ପରିଣତ ହୋଇଥିଲା । ଏହି ସମୟରେ ରୁମି ଓ ହୁସାମୁଦିନ୍ ଚେଲ୍‌ବିଙ୍କ (Husamuddin Chelbi) ମଧ୍ୟରେ ଏକ ଗଭୀର ଆଧ୍ୟାତ୍ମିକ ସମ୍ପର୍କ ସ୍ଥାପିତ ହୋଇଥିଲା । ହୁସାମୁଦିନ୍ ଦିନେ ରୁମିଙ୍କୁ ଏପରି ଏକ ପୁସ୍ତକ ଲେଖିବାକୁ ଅନୁରୋଧ କରିଥିଲେ ଯହିଁରେ ଜନସାଧାରଣଙ୍କ ହୃଦୟ ପୂର୍ଣ୍ଣ ହୋଇଉଠିବ । ଏକଥା ଶୁଣି ରୁମି ହସିଲେ ଏବଂ ତାଙ୍କ ପଗଡ଼ି ତଳୁ ଖଣ୍ଡେ କାଗଜ ବାହାର କରି ଦେଖାଇଲେ ଯହିଁରେ ଅଷ୍ଟାଦଶ ଧାଡ଼ିର ଏକ କବିତା ଲେଖାଥିଲା । ହୁସାମୁଦିନ୍‌ଙ୍କ ନୟନରୁ ଆନନ୍ଦାଶ୍ରୁ ନିର୍ଗତ ହେଲା ଏବଂ ସେ ରୁମିଙ୍କୁ ଅଧିକାଧିକ କବିତା ପୁସ୍ତକ ରଚନା କରିବାକୁ ଅନୁରୋଧ କରିଥିଲେ । ରୁମି ଉତ୍ତର ଦେଇଥିଲେ, ''ଚେଲେବି, ଯଦି ମୁଁ ରଚନା କରୁଥିବା କବିତାଗୁଡ଼ିକୁ ତୁମେ ଲେଖିବ, ତେବେ ମୁଁ ଆବୃତ୍ତି କରିବି ।''

ତତ୍ପରେ ରୁମି ତାଙ୍କର ଗୁରୁତ୍ୱପୂର୍ଣ୍ଣ କବିତା ଗ୍ରନ୍ଥର ଶ୍ରୁତଲିଖନ ଡାକିଥିଲେ । ତେଣୁ ରୁମି ଯାହା ଆବୃତ୍ତି କରିଥିଲେ ସେ ତାହାହିଁ ଲେଖିଥିଲେ । ପ୍ରତ୍ୟେକ କବିତା ପୁସ୍ତକର ଲେଖା ଶେଷହେବା ପରେ, ସେ ତାହା ଆବୃତ୍ତି କରି ତାଙ୍କୁ ଶୁଣାଇଥିଲେ ଏବଂ ଯାହା ଲିଖିତ ହୋଇଥିଲା ତାହା ସେ ସଂଶୋଧନ କରିଥିଲେ ।

ଅନେକେ ବିଚାର କରନ୍ତି ଯେ ମାସ୍‌ନାଭି-ୟେ-ମାନାଭି (Masnavi-ye-Manavi) ନାମକ ଆଧ୍ୟାତ୍ମିକ ଗ୍ରନ୍ଥ ସାତୋଟି ଗ୍ରନ୍ଥାବଳୀରେ ୨୪,୬୬୦ଟି କବିତାରେ ରଚିତ ହୋଇଥିଲା । ସେସବୁର ଅଧିକାଂଶ ରୁମିଙ୍କର ମାତୃଭାଷା ପାର୍ସିରେ ଏବଂ କେତେକ ଆରବିକ ଭାଷାରେ ଲିଖିତ ହୋଇଥିଲା । ଏହି ପୁସ୍ତକଗୁଡ଼ିକର ସାରମର୍ମ ଥିଲା ଆଧ୍ୟାତ୍ମିକ ପ୍ରେମ, ଜୀବନର ଲକ୍ଷ୍ୟ, ଚରିତ୍ରଗଠନ ଓ ଜୀବନର ଚିରସ୍ଥାୟୀ ଉତ୍ସ । ଏସବୁ ପୁସ୍ତକ ବ୍ୟାଖ୍ୟା କରେ – ଆଧ୍ୟାତ୍ମିକଶାସ୍ତ୍ର, ନୀତିଶାସ୍ତ୍ର, ଧର୍ମ, ସଂସ୍କୃତି, ରାଜନୀତି, ରହସ୍ୟବାଦ ଇତ୍ୟାଦି ସମ୍ବନ୍ଧେ । ଏହି ଆଧ୍ୟାତ୍ମିକ ଗ୍ରନ୍ଥ ବିଶେଷଭାବେ ଇସଲାମୀୟ ସାହିତ୍ୟ ଓ ଚିନ୍ତାଧାରାକୁ ପ୍ରଭାବିତ କରିଥିଲା । ଏଥିରେ ପ୍ରାକୃତିକ ବିଶ୍ୱ, ଇତିହାସ ଓ ଭୂଗୋଳ ସମ୍ବନ୍ଧେ ବ୍ୟାଖ୍ୟା ଥିଲା । ପୁନଶ୍ଚ ସେ ଶାମ୍‌ସଙ୍କର ପ୍ରଶଂସା କରି ପାର୍ସୀ ଭାଷାରେ ୪୫,୦୦୦ କବିତାର ଏବଂ କେତେକ ରହସ୍ୟପୂର୍ଣ୍ଣ କଥାର ଏକ ସାରାଂଶ ଲେଖିଥିଲେ ।

*

ମହାନ୍ ସୁଫି ରହସ୍ୟବାଦୀ ଏବଂ ଦାର୍ଶନିକ ରୁମି, କୋନ୍ୟା ସହରଠାରେ ୧୨୭୩ ଖ୍ରୀଷ୍ଟାବ୍ଦ ଡିସେମ୍ବର ୧୭ ତାରିଖ ସୂର୍ଯ୍ୟାସ୍ତ ସମୟରେ ଶରୀରତ୍ୟାଗ କରିଥିଲେ । ତାଙ୍କର ଶବକୁ ତାଙ୍କ ପିତାଙ୍କ ଶବ ନିକଟରେ କବର ଦିଆଯାଇଥିଲା । ତାଙ୍କର କବର ଉପରେ ତ୍ରୟୋଦଶ ଶତାବ୍ଦୀର ମର୍ଯ୍ୟାଦାପୂର୍ଣ୍ଣ ମେଭ୍‌ଲାନା ସମ୍ପ୍ରଦାୟର ସ୍ମୃତି ସ୍ତମ୍ଭ ବର୍ତ୍ତମାନ ମଧ୍ୟ ବିଦ୍ୟମାନ । ଏକ ମସଜିଦ, ନୃତ୍ୟଶାଳା, ଦାରିଦ୍ର୍ୟବ୍ରତ ପାଳନକାରୀ ମୁସଲିମ ଧର୍ମ ଗୋଷ୍ଠୀର ସଭ୍ୟମାନଙ୍କ ବାସଗୃହ, ମେଭଲାଭି ସମ୍ପ୍ରଦାୟର କେତେକ ସଭ୍ୟଙ୍କ ସମାଧି ପ୍ରକୋଷ୍ଠ ଓ ଆରାଧନା ମନ୍ଦିର ଥିବା ଏହି ସ୍ଥାନ ସାରା ପୃଥିବୀର ବିଭିନ୍ନ ସମ୍ପ୍ରଦାୟର ଯାତ୍ରୀମାନଙ୍କୁ ଆକୃଷ୍ଟ କରିଥାଏ ।

ରୁମିଙ୍କ ପ୍ରତିଷ୍ଠିତ ଏହି ମେଭ୍‌ଲାଭି ସମ୍ପ୍ରଦାୟ ବର୍ତ୍ତମାନ ମଧ୍ୟ ସୁଫିବାଦୀମାନଙ୍କ ଦ୍ୱାରା ପ୍ରଶଂସିତ । ଉଲ୍ଲାସ ଓ ଈଶ୍ୱରଙ୍କୁ ଆବିଷ୍କାର କରିବାର ଏହି ସୁଫିଧାରା ଏକାନ୍ତ ଅସାଧାରଣ ।

❑❑❑

# ଅନ୍ୱେଷା

## ସତ୍ୟନାରାୟଣ ପ୍ରସାଦ ନାୟକ

ତୁମେ ସନାତନ
ତୁମେ ଚିରନ୍ତନ
ତୁମେ ତ ନିତ୍ୟନୂତନ ।

ଦିବ୍ୟ-କରୁଣା
ଦିବ୍ୟ-ଚେତନା
ଦିବ୍ୟ-ପ୍ରେରଣା
ସବୁତ ତୁମରି ଦାନ ।

ପ୍ରତ୍ୟୁଷର ଜ୍ୟୋତିଃ
ପ୍ରଦୋଷର ଦ୍ୟୁତି
ଯାହା ଚିର ଅମଳିନ ।

ଅକପଟ ସ୍ନେହ
ଅମୂଲ୍ୟ ସମ୍ପଦ
ମଣୁ ଆମେ ଭାଗ୍ୟବାନ୍ ।

ବିମଳ ପ୍ରଭାତ
ପୁଣ୍ୟ ସାୟଂକାଳ
ଦିବାନିଶି ଅବିରଳ ।

ତୁମରି ସାନ୍ନିଧ
ପାଇବାକୁ ହେଲେ
ବିତେ ଜନ୍ମ ଜନ୍ମାନ୍ତର
(ସେ ତ) କୋଟି ସାଧନାର ଫଳ ।

ହେ ଦିବ୍ୟ ଜନନି !
ଦିବ୍ୟ-ଚେତନାର
ଦିବ୍ୟ-ମୂର୍ତ୍ତି ତୁମେ
ତୁମ ପାଇଁ
ଆମେ ଧନ୍ୟ । ❑



# ପ୍ରତିଯୋଗିତା ନିଜ ସହ

**ଜଣାକଥା ଅଜଣା ଶେଷକଥା**

ଠେକୁଆ ଓ କଇଁଚ କାହାଣୀ କିଏ ବା ନ ଜାଣେ ! ଗୋଟିଏ ଜଙ୍ଗଲରେ ଖୁବ୍ ପାଖାପାଖି ବାସ କରୁଥିଲେ ଠେକୁଆଟିଏ ଓ କଇଁଚଟିଏ । ହଠାତ୍ ଗୋଟାଏ ଖିଆଲ ଦୁଇଜଣଙ୍କୁ ଖୁବ୍ ବିବ୍ରତ କରି ରଖିଲା, ଅଧିକାଂଶ ସମୟରେ ସେମାନଙ୍କର ତର୍କର ବିଷୟବସ୍ତୁ ବି ହେଲା । କଥାଟି ହେଉଛି କିଏ ଶୀଘ୍ର ଦୌଡ଼ି ପାରିବ । ଏ ଯୁକ୍ତିର ଶେଷ ସିଦ୍ଧାନ୍ତରେ ସେମାନେ ଉପନୀତ ହେଲେ – ଦୁହିଙ୍କ ଭିତରେ ଏକ ଦୌଡ଼ ପ୍ରତିଯୋଗିତାର ଆୟୋଜନ କରାଯାଉ । ଲକ୍ଷ୍ୟସ୍ଥଳଟି ଦୁଇଜଣଙ୍କର ଆପୋସ ଆଲୋଚନାରେ ସ୍ଥିର କରାଗଲା । ପ୍ରତିଯୋଗିତା ଆରମ୍ଭ ହେଲା । ଅଳ୍ପ ସମୟ ଭିତରେ ଠେକୁଆ ଖୁବ୍ ଦ୍ରୁତଗତିରେ ଅନେକ ଦୂର ଅତିକ୍ରମ କରିଗଲା । ନିଜର ସାମର୍ଥ୍ୟ ସହ ଥିଲା ତା'ର ଯଥେଷ୍ଟ ଆତ୍ମ-ବିଶ୍ୱାସ । ପଛକୁ ଫେରି ଚାହିଁଲା, ନିଜର ଦୃଷ୍ଟି ପ୍ରସାରିତ କରି ଯେତେ ଦୂରକୁ ଚାହିଁଲା, କେଉଁଠି ହେଲେ କଇଁଚ ଦେଖାଯାଉନି । ସେ ଯେ ଜିତିଯିବ ସେସମ୍ପର୍କରେ ସେ ସମ୍ପୂର୍ଣ୍ଣ ନିଃସଂଦେହ । ସେ ଖୁବ୍ ଆଶ୍ୱସ୍ତ ଓ ଆମୋଦିତ ଅନୁଭବ କଲା । ଗୋଟିଏ ଝଙ୍କାଳିଆ ଗଛତଳେ ବସୁ ବସୁ ତାକୁ ଏକ ତୃପ୍ତିକର ନିଦ୍ରା ଆବୋରି ବସିଲା । ନିଦ ଭାଙ୍ଗିଲା ବେଳକୁ କେତେ ଘଣ୍ଟା ବିତି ଗଲାଣି । ତା'ର ସମସ୍ତ ଆଶା ଓ ଆକଳନକୁ ଭୁଲ୍ ବୋଲି ପ୍ରମାଣିତ କରି କଇଁଚ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚି ଯାଇଛି ଓ ଦୌଡ଼ ପ୍ରତିଯୋଗିତାରେ ବିଜୟୀ ହୋଇଛି । ସେ ମନ୍ଥର ହେଲେ ବି ଦୃଢ଼ ଓ ଅପରିବର୍ତ୍ତନୀୟ ସଂକଳ୍ପ ନେଇ ଲାଗି ରହିଥିଲା ନିଜର ଲକ୍ଷ୍ୟ ପ୍ରାପ୍ତି ପାଇଁ ।

ଏହି କାହାଣୀ ସହିତ ଆମେ ସମସ୍ତେ ପରିଚିତ । ମାତ୍ର କେହି ଜଣେ ସୃଜନୀ ପ୍ରତିଭା ଏହି କାହାଣୀର ପରିବର୍ଦ୍ଧିତ ଓ ପରିମାର୍ଜିତ ସଂସ୍କରଣଟିଏ ସୃଷ୍ଟି କରିଛନ୍ତି – ଯାହା ବେଶ୍ ଶିକ୍ଷଣୀୟ ତଥା ଆନନ୍ଦପ୍ରଦ । ପର ଘଟଣାଗୁଡ଼ିକ ନିମ୍ନମତେ :

ଠେକୁଆ ହାରିଯାଇ ମର୍ମାହତ ହେବା ସ୍ୱାଭାବିକ । କିନ୍ତୁ ସେଇଠି ସେ ଅଟକି ଯାଇନି । ଖୁବ୍ ନିବିଡ଼ଭାବରେ ସେ ନିଜକୁ ବିଶ୍ଳେଷଣ କରିଛି । ସେ ହାରିଯାଇଛି ତା'ର ଅଯଥା ଆତ୍ମବଡ଼ିମା, ଖାମଖିଆଲି ଭାବ ଓ ଅବହେଳାରୁ । ପୁଣି ସେ ଦ୍ୱାରସ୍ଥ ହୋଇଛି କଇଁଚର ଓ ତାକୁ ଅନୁରୋଧ କରିଛି ଆଉ ଥରେ ତା' ସହ ଦୌଡ଼ ପ୍ରତିଯୋଗିତାରେ ଯୋଗଦେବା ପାଇଁ ।

ଏଥର ବି ଦୁଇଜଣଙ୍କ ସହମତିରେ ଲକ୍ଷ୍ୟସ୍ଥଳ ନିରୂପିତ ହେଲା । ଠେକୁଆ କେଉଁଠି ଟିକେ ବି ନ ଅଟକି ଦୌଡ଼ିଲା ଓ କଇଁଚକୁ ଏକାଧିକ ମାଇଲ ପଛରେ ପକାଇ ବିଜୟୀ ହେଲା । ବର୍ତ୍ତମାନ ବୁଝିହେଲା ମନ୍ଥର ଓ ଦୃଢ଼ଇଚ୍ଛାସମ୍ପନ୍ନ ବ୍ୟକ୍ତି ବିଜୟୀ ହୁଏ ସତ; କିନ୍ତୁ ଜଣେ ଦକ୍ଷ ପ୍ରତିଦ୍ୱନ୍ଦ୍ୱୀ ଯେକି ସ୍ଥିରତାର ସହ ଖୁବ୍ ଶୀଘ୍ର କାର୍ଯ୍ୟ ସମ୍ପାଦନ କରିପାରେ ସେ ତା'ଠାରୁ ଅଧିକ ସଫଳକାମୀ ହେବା ସୁନିଶ୍ଚିତ ।

କାହାଣୀଟି କିନ୍ତୁ ଏଇଠି ସରିଲାନି । କଇଁଚ ନିଜର ପରାଜୟକୁ ସହଜରେ ମାନିନେଇ ପାରିଲାନି । ଏଥର ଅନେକ ଚିନ୍ତା କରି ଏକ ଭିନ୍ନ ଧରଣର ଲକ୍ଷ୍ୟସ୍ଥଳ ନିର୍ଦ୍ଧାରଣ କଲା ଓ ଠେକୁଆକୁ ଏକ ନୂଆ ଦୌଡ଼ ପ୍ରତିଯୋଗିତା ପାଇଁ ଆହ୍ୱାନ ଜଣାଇଲା । ଠେକୁଆର ଆତ୍ମ-ବିଶ୍ୱାସ ସେଥିରେ ସାମିଲ ହେବାକୁ ଉତ୍ସାହିତ କଲା । ସମସ୍ତ ସାମର୍ଥ୍ୟ ନେଇ ସେ କଇଁଚ ସହ ଦୌଡ଼ ଆରମ୍ଭ କରିଦେଲା । କଇଁଚକୁ ପଛରେ ପକାଇ ଠେକୁଆ ଧାଇଁଚାଲିଲା ଆଗକୁ । ମାତ୍ର ସେ ଅଟକିଗଲା ଏକ ପ୍ରଶସ୍ତ ନଦୀକୂଳରେ । ନିରୂପିତ ଲକ୍ଷ୍ୟସ୍ଥଳ ନଦୀର ପରପାରିରେ । ଅସହାୟ ଠେକୁଆ ନଦୀକୂଳରେ ବସିରହିଲା, ସମୟ ଅତିକ୍ରାନ୍ତ ହୋଇଯାଉଛି । ମନ୍ଥର ଗତିରେ କଇଁଚ ଆସି ନଦୀକୂଳରେ ଉପନୀତ ହେଲା, ନଦୀକୁ ଅତିକ୍ରମ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଲା ଓ ପ୍ରତିଯୋଗିତାରେ ବିଜୟୀ ହେଲା ।

କାହାଣୀଟି ସୂଚାଇ ଦେଇଛି ନିଜର ଦୁର୍ବଳତା ନୁହେଁ ସାମର୍ଥ୍ୟକୁ ଆବିଷ୍କାର କରିବା ହେଉଛି ସଫଳତାର ଚାବିକାଠି । ନିଜର ସାମର୍ଥ୍ୟର ଯଥାର୍ଥ ବିନିଯୋଗ କରିପାରିଲେ ଜଣେ ଅଗ୍ରଗତି କରିବାର ସୁଯୋଗ ସୃଷ୍ଟି କରିପାରିବ ।

କାହାଣୀ ତଥାପି ସରିନି ।

ଏଥି ଭିତରେ କଇଁଚ ଓ ଠେକୁଆଙ୍କ ଭିତରେ ନିବିଡ଼ ବନ୍ଧୁତା ହୋଇଯାଇଛି । ବର୍ତ୍ତମାନ ପ୍ରତିଯୋଗିତା ନୁହେଁ ବରଂ ମିଳିତ ଭାବେ ଏକ ଉଚ୍ଚମାନର ଦୌଡ଼ ପାଇଁ ଦୁହେଁ ପ୍ରସ୍ତୁତ ହେଲେ । ଦକ୍ଷତାର ସହ ସ୍ୱଳ୍ପ ସମୟ ମଧ୍ୟରେ ସେମାନେ କିପରି ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେ – ଏହାହିଁ ଥିଲା ସେମାନଙ୍କର ଯୋଜନା ।

ନଈ ସେପାରିର ସ୍ଥାନଟି ସେମାନଙ୍କର ଲକ୍ଷ୍ୟସ୍ଥଳ ହୋଇରହିଲା । ପ୍ରଥମେ ଠେକୁଆ କଇଁଚକୁ ପିଠିରେ ବସାଇ ଧାଇଁଲା ନଈକୂଳ ପର୍ଯ୍ୟନ୍ତ । ଆଉ ନଈରେ ଠେକୁଆ ବସିଲା କଇଁଚ ପିଠିରେ । ନଈପାରି ହେଲା ପରେ ପୁଣି କଇଁଚ ବସିଲା ଠେକୁଆ ପିଠିରେ । ପୂର୍ବ ଥର ଅପେକ୍ଷା କମ୍ ସମୟ ଓ ଅଧିକ ତୃପ୍ତିକର ହେଲା ଏଥରର ଦୌଡ଼ଟି – ଏଥିରେ ଥିଲା ମିଳିତ ଭାବେ କାମ କରିବାର ଆନନ୍ଦ ।

(ସୌଜନ୍ୟ : ଇଣ୍ଟରନେଟ୍)

*

ଉପରୋକ୍ତ କାହାଣୀଟି ଛୋଟ-ବଡ଼ ସମସ୍ତଙ୍କ ପାଇଁ ବେଶ୍ ଶିକ୍ଷଣୀୟ । ଠେକୁଆ ଓ କଇଁଚଙ୍କର ଦୃଷ୍ଟିଭଙ୍ଗୀର କ୍ରମ-ବିକାଶ ବାସ୍ତବିକ ତାତ୍ପର୍ଯ୍ୟପୂର୍ଣ୍ଣ । ଏଥିରୁ ଆମେ ବୁଝି ପାରୁଛେ, ପ୍ରତିଯୋଗିତା ପରସ୍ପର ସହିତ ନୁହେଁ ବରଂ ପରିସ୍ଥିତିର ମୁକାବିଲା କରିବାକୁ, ଉଚ୍ଚମାନର ଯୋଜନାକୁ ଫଳପ୍ରସୂ କରିବାକୁ ଅଥବା କୌଣସି ଏକ ଉପାଦେୟ ପ୍ରଗତି ସାଧନ ପାଇଁ ପରସ୍ପରର ସାମର୍ଥ୍ୟର ଯଥାର୍ଥ ଓ ମିଳିତ ଉଦ୍ୟମରେ ନିହିତ ହୋଇରହିଛି ଯଥାର୍ଥ ସଫଳତା ।

ତେବେ ଏଇ ମିଳିତ ପ୍ରୟାସରେ ସଫଳଭାବେ ସାମିଲ ହେବାକୁ ହେଲେ ଜଣକୁ ଏକ ଉଚ୍ଚମାନର ବ୍ୟକ୍ତିତ୍ୱ-ଗଠନ ପାଇଁ ପ୍ରଯତ୍ନ କରିବାକୁ ହେବ । ଆପଣାର ସର୍ବୋତ୍କୃଷ୍ଟ ସାମର୍ଥ୍ୟର ରହସ୍ୟ ଉନ୍ମୋଚନ ପାଇଁ ଆନ୍ତରିକ ପ୍ରୟାସ କରିବା ସଙ୍ଗେ ସଙ୍ଗେ ତା'ର ପ୍ରତିରୋଧ କରୁଥିବା ଶକ୍ତିରାଜିକୁ ପରାଜିତ କରିବା ତା' ପାଇଁ ହେବ ଯଥାର୍ଥ ବିଜୟ ।

(ସଂଗ୍ରହ ଓ ଉପସ୍ଥାପନା : ଜୟନ୍ତୀ) ❑

**ଭିନ୍ନ ସ୍ୱାଦର ପ୍ରକଳ୍ପଟିଏ...**

ନିମ୍ନ ପ୍ରାଥମିକ ଶ୍ରେଣୀର ଜଣେ ଶିକ୍ଷକ ପିଲାଙ୍କୁ ନେଇ ଖେଳଟିଏ ଖେଳିବାର ଯୋଜନା କଲେ । ପିଲାମାନେ ନିଜ ନିଜ ଘରୁ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ କିଛି ଆଳୁ ଧରି ଆସିବା ପାଇଁ ନିର୍ଦ୍ଦେଶ ଥିଲା ତାଙ୍କର । ସେମାନଙ୍କର ବ୍ୟାଗ୍‌ରେ ଥିବା ଆଳୁଟିମାନ ଜଣେ ଜଣେ ବ୍ୟକ୍ତିଙ୍କର ପ୍ରତିନିଧିତ୍ୱ କରିବେ – ଯାହାକୁ ସେମାନେ ଘୃଣା କରନ୍ତି । ଫଳରେ ପିଲାଟି ଯେତେ ଜଣକୁ ଘୃଣା କରେ ତା' ବ୍ୟାଗ୍‌ରେ ସେତିକିଟି ଆଳୁ ରହିବ ।

ପ୍ରକଳ୍ପ ଆରମ୍ଭର ଦିନ ଆସିଲା । କେଉଁ ପିଲାର ବ୍ୟାଗ୍‌ରେ ଦୁଇଟି ଆଳୁ ତ କାହାର ତିନି ପୁଣି କାହାର ପାଞ୍ଚଟି ଆଳୁ ଅଛି । ଶିକ୍ଷକ ଜଣକ କହିଲେ ସପ୍ତାହକ ପାଇଁ ପିଲାମାନେ ଯୁଆଡ଼େ ଯିବେ ସାଥିରେ ସେ ବ୍ୟାଗଟିକୁ ଧରି ବୁଲିବେ – ଏପରିକି ଶୌଚାଳୟକୁ ଗଲାବେଳେ ମଧ୍ୟ ସେଇଟିକୁ ସାଥିରେ ନେଇକରି ଯିବେ । ଦିନପରେ ଦିନ ବିତିବାକୁ ଲାଗିଲା । ପିଲାମାନେ ବ୍ୟାଗ୍ ବୋହି ବୋହି କ୍ଳାନ୍ତ ଓ ବିରକ୍ତ ହୋଇଉଠିଲେ; ବିଶେଷ କରି ଯେଉଁମାନଙ୍କର ଅଧିକ ଆଳୁ ଥିଲା । ଧୀରେ ଧୀରେ ସେଥିରୁ କିଛି ପଚିବାକୁ ଆରମ୍ଭ କଲା ଓ ଦୁର୍ଗନ୍ଧ ବି ହେଲା ।

ସପ୍ତାହଟି ସରିଗଲା । ପିଲାମାନେ ଆଶ୍ୱସ୍ତ ହେଲେ ।

ଶିକ୍ଷକ ଶ୍ରେଣୀରେ ଏହି ବ୍ୟାଗ୍ ବୋହିବାର ଅନୁଭୂତି ପଚାରିଲେ । ପିଲାମାନେ ବେଶ୍ ଅଭିଯୋଗଭରା କଣ୍ଠରେ ତାଙ୍କର ତିକ୍ତ ଅନୁଭୂତିମାନ କହିବାକୁ ଆରମ୍ଭ କଲେ । ଏତେ ଦୁର୍ଗନ୍ଧ ହେଉଥିବା ଓଜନିଆ ବ୍ୟାଗ୍ ବୋହି ବୁଲିବାଟା ଯେ କେତେ କଷ୍ଟକର ସେମାନେ ସେଇଟା ଅଙ୍ଗେ ନିଭେଇ ଥିଲେ ।

ତା'ପରେ ଶିକ୍ଷକ ସେ ଖେଳ ପଛରେ ଥିବା ପ୍ରକୃତ ଅର୍ଥ ବୁଝାଇବାକୁ ଆରମ୍ଭ କଲେ । ତାଙ୍କର ବକ୍ତବ୍ୟ ଥିଲା, ତୁମେ ଠିକ୍ ଏହି ଭଳି ଅବସ୍ଥା ଭିତର ଦେଇଯିବ ଯଦି ତୁମେ ଅନ୍ୟମାନଙ୍କ ପ୍ରତି ହୃଦୟରେ ଘୃଣା ପୋଷଣ କରି ଚାଲିଥାଅ । ତୁମ ଘୃଣାର ଦୁର୍ଗନ୍ଧ ତୁମେ ଯୁଆଡ଼େ ଗଲେ ବି ତୁମ ହୃଦୟକୁ ଆବୋରି ରଖିଥିବ, ତୁମ ସହିତ ଦିନରାତି ସବୁବେଳେ ରହିଥିବ । ତୁମେ ଯଦି ଗୋଟିଏ ସପ୍ତାହ ପାଇଁ ପଚା ଆଳୁର ଗନ୍ଧ ସହିପାରୁ ନାହଁ, କଳ୍ପନା କର ଜୀବନ ତମାମ ତୁମେ କେମିତି ଜଣକ ପ୍ରତି ଘୃଣାଭାବ ପୋଷଣ କରି ବଞ୍ଚି ପାରିବ ! ❑

# ସୃଷ୍ଟିର ନିୟମ

## ସୁଷମା ଦେବୀ

ଏକ ରୌଦ୍ର ଅପରାହ୍ଣ । ପ୍ରଚଣ୍ଡ ସୂର୍ଯ୍ୟ ତାପରେ ଜଳ, ସ୍ଥଳ, ଆକାଶ କ୍ରମଶଃ ଉତ୍ତପ୍ତ ହେବାକୁ ଲାଗିଥାଏ । ଜଣେ ସଂସାର ବିରାଗୀ ସନ୍ନ୍ୟାସୀ ବହୁସ୍ଥାନ ଭ୍ରମଣ କରି ଗୋଟିଏ ନିର୍ଜନ ବନରେ ଉପସ୍ଥିତ ହେଲେ । ପଥଶ୍ରାନ୍ତି ଯୋଗୁଁ ସେ ଏକ ବୃକ୍ଷ ମୂଳେ ବିଶ୍ରାମ ନେଲେ । ହଠାତ୍ ଗଛର ଡାଳରେ ଏକ ବିରାଟ ପକ୍ଷୀ ଦେଖି୍ ସେ ସ୍ତବ୍ଧ ହୋଇଗଲେ । ଅନେକ ସମୟ ନିରୀକ୍ଷଣ କଲା ପରେ ଜାଣି ପାରିଲେ ଯେ ସେଇଟା ଏକ ଛଞ୍ଚାଣ ପକ୍ଷୀ । ନଖରେ ତା'ର ଲାଗିଥିଲା କଞ୍ଚା ମାଂସ । ପକ୍ଷୀଟି ମାଂସ ଖଣ୍ଡଟିକୁ ଛୋଟ ଛୋଟ ଖଣ୍ଡରେ ପରିଣତ କରୁଥିଲା ସିନା ନିଜେ ଖାଉ ନଥିଲା । ସନ୍ନ୍ୟାସୀ ଏହାର ରହସ୍ୟ ବୁଝିବାକୁ ଚେଷ୍ଟା କଲେ । ଛଞ୍ଚାଣଟି ଅନ୍ୟ ଏକ ଗଛର ନିକଟରେ ବାରଂବାର ଚକର ମାରୁଥାଏ । ସେହି ଗଛରେ ଗୋଟିଏ କୁଆ ଦମ୍ପତି ବସା କରିଥିଲେ । କିନ୍ତୁ ଦୈବର କି ଦୁର୍ବିପାକ ! ଶାବକ ଦୁଇଟି ବଡ଼ ନହେଉଣୁ କୁଆ ଦମ୍ପତି ମୃତ୍ୟୁ ମୁଖରେ ପଡ଼ିଲେ । ନିରାଶ୍ରୟ ଶାବକ ଦୁଇଟି ଚିଁ ଚାଁ କଲେ କ୍ଷୁଧାରେ । କିନ୍ତୁ କିଏ ସେମାନଙ୍କ ମୁଖରେ ଆହାର ଦେବ ? ଛଞ୍ଚାଣଟି କଞ୍ଚାମାଂସ ଥଣ୍ଟରେ ଖଣ୍ଡ ଖଣ୍ଡ କରି ସେହିପରି ବାରଂବାର କୁଆ ବସାକୁ ଯାଇ ଶାବକ ଦୁଇଟିର ମୁଖରେ ଆହାର ଦେଉଥିଲା । ଛୋଟ ଶାବକ ଦୁଇଟି ମାଆ ଆହାର ଦେଲେ ଯେପରି ଖାଆନ୍ତି ସେହିପରି ଖାଉଥିଲେ । ମାଂସ ଶେଷ ହେଲେ ଛଞ୍ଚାଣଟି ମାଂସ ଅନ୍ୱେଷଣରେ ଉଡ଼ି ଯାଉଥିଲା । କ୍ଷଣକେ ପୁଣି କୁଆ ଶାବକର ମୁଖରେ ଆହାର ଆଣି ଦେଉଥିଲା ।

ଏ ଘଟଣା ଦେଖି୍ ସନ୍ନ୍ୟାସୀ ଅବାକ୍ ହେଲେ । ଅଜଣା ଆନନ୍ଦରେ ସନ୍ନ୍ୟାସୀଙ୍କ ଚକ୍ଷୁ ଦୁଇଟିରୁ ଅଶ୍ରୁ ନିର୍ଗତ ହେବାକୁ ଲାଗିଲା । ଭଗବାନଙ୍କର କି ମହିମା ! ତାଙ୍କରି ଦୟାର କି ଅପୂର୍ବ ଦୃଷ୍ଟାନ୍ତ ! ହାୟ, ଅସହାୟ କୁଆ ଶାବକ ଦୁଇଟି ଅତି ଛୋଟ ବେଳୁହିଁ ମାତୃପିତୃହୀନ ହେଲେ । ନିଜ କ୍ଷୁଧା ନିବାରଣ ପାଇଁ ଆହାର ଅନ୍ୱେଷଣ କରିବା ଶକ୍ତି ସେମାନଙ୍କର ନାହିଁ । କିନ୍ତୁ ପରମ କରୁଣାମୟ ଭଗବାନ୍ ସେମାନଙ୍କ ଖାଦ୍ୟର ବ୍ୟବସ୍ଥା କରିଛନ୍ତି । ଏଇ ଜଗତଟି ଭଗବାନଙ୍କର କରୁଣାର ଅକ୍ଷୟ ଭଣ୍ଡାର । ଏଇ ଜଗତରେ କୌଣସି ଜୀବ ଆହାର ଅଭାବରେ ମୃତ୍ୟୁ ବରଣ କରି ନାହିଁ । ଭଗବାନ୍ ସମସ୍ତଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା କରିଛନ୍ତି । ଏପରିକି ଶତ୍ରୁ ମଧ୍ୟ ବେଳେବେଳେ ଅସହାୟ ଅବସ୍ଥାରେ ଆହାର ଯୋଗାଇ ଜୀବନ ରକ୍ଷା କରିଛି । ଅଥଚ ମୁଁ ମୁଠାଏ ଆହାର ଖୋଜି ଦେଶ ବିଦେଶ ଘୂରି ବୁଲୁଛି ? ସଂସାର ତ୍ୟାଗ କରି ସନ୍ନ୍ୟାସୀ ହୋଇଛି କିନ୍ତୁ ସଂସାରର ମନୁଷ୍ୟଙ୍କର ଦୁଆରେ ଦୁଆରେ ମୁଠାଏ ଆହାର ପାଇଁ ଭିକ୍ଷା କରି ଦୁର୍ଲଭ ସମୟ ନଷ୍ଟ କରୁଛି । ପାଦର ଗୋଇଠି ଛିଣ୍ଡିଛି କିନ୍ତୁ ଆହାର ଖୋଜା ମୋର ଶେଷ ହୋଇ ନାହିଁ । ହୁଏତ ଏହା ମୋର ନିଜର ଦୋଷ । ଭଗବାନଙ୍କ ଦୟା ଉପରେ ସନ୍ନ୍ୟାସୀ ହୋଇ ମଧ୍ୟ ବିଶ୍ୱାସ ସ୍ଥାପନ କରିପାରି ନାହିଁ । ଆଜି ମୁଁ ଏହି ସିଦ୍ଧାନ୍ତ କଲି – ''ମୁଁ ଆଉ ଘରେ ଘରେ ଭିକ୍ଷା କରି ବୁଲିବି ନାହିଁ । କୌଣସି ନିର୍ଜନ ସ୍ଥାନରେ ବସି ଭଗବାନଙ୍କର ଧ୍ୟାନ କରିବି । ମାତୃହରା କୁଆ ଶାବକ ଦୁଇଟି ଭଗବାନଙ୍କ କରୁଣାରୁ ଯେପରି ଆହାର ପାଇଛନ୍ତି ସେପରି ମୁଁ ପାଇବି ।''

ସନ୍ନ୍ୟାସୀ ଏପରି ସଂକଳ୍ପ କରି ଗୋଟିଏ ନିର୍ଜନ ସ୍ଥାନରେ ନୀରବରେ ବସି ଧ୍ୟାନ କରିବାକୁ ଲାଗିଲେ । ଦିନ ପରେ ଦିନ ଅତିବାହିତ ହେବାକୁ ଲାଗିଲା । କ୍ରମେ କ୍ରମେ ସନ୍ନ୍ୟାସୀ କ୍ଷୀଣ ହୋଇ ପଡ଼ିଲେ । କିନ୍ତୁ ଖାଦ୍ୟ ନେଇ ସନ୍ନ୍ୟାସୀଙ୍କ ନିକଟକୁ କେହି ଆସିଲେ ନାହିଁ । ଧ୍ୟାନ ଧାରଣା କରିବାକୁ ସେ ଅସମର୍ଥ ହେଲେ । ହାତର ଜପାମାଳ ଖସି ପଡ଼ିଲା । ବସିବା ସ୍ଥାନରୁ ଉଠି ପାରିଲେ ନାହିଁ । ଈଶ୍ୱରଙ୍କର କରୁଣା ତଥାପି ହେଲା ନାହିଁ ।

ଏହାପରେ ଦିନେ ଉଦୁଉଦିଆ ଦ୍ୱିପ୍ରହର ବେଳେ ଜଣେ ଦେବଦୂତ ଆସି ସନ୍ନ୍ୟାସୀଙ୍କର ସମ୍ମୁଖରେ ଉପସ୍ଥିତ ହେଲେ । ସେ ସନ୍ନ୍ୟାସୀଙ୍କୁ କହିଲେ,– ''ହେ ତପସ୍ୱି ! ଭଗବାନ୍ ମୋତେ ତୁମ ନିକଟକୁ କେତେକ କଥା କହିବା ପାଇଁ ପ୍ରେରଣ କରିଛନ୍ତି । ଶୁଣ – ଭଗବାନ୍ ସର୍ବଶକ୍ତିମାନ୍ । ସେ ଇଚ୍ଛା କଲେ ସବୁ ଅସମ୍ଭବ ସମ୍ଭବ କରିପାରନ୍ତି । ତାଙ୍କର ଇଚ୍ଛା ବ୍ୟତିରେକେ ବିଶ୍ୱ ଚରାଚରର କୌଣସି ସୃଷ୍ଟି ସମ୍ଭବ ହୋଇପାରେ ନାହିଁ । ଏପରିକି ବୃକ୍ଷର ପତ୍ରଟିଏ ମଧ୍ୟ ତାଙ୍କର ଇଚ୍ଛା ନହେଲେ ହଲିବ ନାହିଁ । ଗୋଟିଏ ମୁହୂର୍ତ୍ତରେ ସେ ସବୁ କରିପାରିଲେ ମଧ୍ୟ ସବୁବେଳେ ନିୟମ ବାହାର କାମ କରନ୍ତି ନାହିଁ । ସବୁ କାର୍ଯ୍ୟରେ ଗୋଟିଏ

ନିୟମ ଅଛି । ସୃଷ୍ଟିର ନିୟମ ବୁଝିବା ପାଇଁ ଜୀବମାନଙ୍କୁ ଭଗବାନ୍ ଶକ୍ତି ଦେଇଛନ୍ତି । ବିଶେଷ କରି ମନୁଷ୍ୟର ଏହି କ୍ଷମତା ଅଛି ବୋଲି ମନୁଷ୍ୟକୁ ଶ୍ରେଷ୍ଠ ଜୀବ ବୋଲି କୁହାଯାଇଛି । ପରିଶ୍ରମ କରି ଯେ ଆହାର ଗୋଟାଇ ପାରେ ସେହିପରି ଜୀବର ମୁଖରେ ସେ ଆହାର ଦିଅନ୍ତି ନାହିଁ – ଏକଥା ମନେ ରଖିବା ଉଚିତ । ବନର ଛଞ୍ଚାଣ ପକ୍ଷୀ ଏବଂ କୁଆ ଶାବକର ଦୃଷ୍ଟାନ୍ତ ଦେଖି ତୁମେ କୁଆ ଶାବକର ଆଦର୍ଶ ନେବା ପାଇଁ ବିଚାରି ତୁମର ଏହି ଦଶା । କିନ୍ତୁ ତୁମେ ଛଞ୍ଚାଣ ପକ୍ଷୀ ହେବା ଉଚିତ ଥିଲା । ଅସହାୟ ଜୀବକୁ ସହାୟ କର । କୁଆ ଶାବକ ଦୁଇଟି ଅତି ଅସହାୟ । ନିଜେ ଆହାର ଖୋଜିବାର ଶକ୍ତି ସେମାନଙ୍କର ନାହିଁ ତେଣୁ ଭଗବାନ୍ ସେମାନଙ୍କୁ ଆହାର ଯୋଗାଇଛନ୍ତି । ତୁମେ ତ ସେମାନଙ୍କ ପରି ଅସହାୟ ନୁହଁ, ଅକ୍ଷମ ବା ଦୁର୍ବଳ ମଧ୍ୟ ନୁହଁ । ମନୁଷ୍ୟ ହିସାବରେ ତୁମର ଜ୍ଞାନ ଅଛି, ବୁଦ୍ଧି ଅଛି । ଭଲ, ମନ୍ଦ ବିଚାର କରି ପ୍ରକୃତ ପଥ ଅନୁସରଣ କରିବାର ତୁମର ଯୋଗ୍ୟତା ଅଛି । ତୁମେ ତୁମ ଆହାରର ବ୍ୟବସ୍ଥା କର । ଦୁର୍ବଳ ଅସହାୟ ଜୀବକୁ ସହାୟ କର । ଭଗବାନ୍ ତୁମ ଉପରେ କୃପା କରିବେ । କୃପା ପାଇବା ପାଇଁ ଉପଯୁକ୍ତ ହେବାକୁ ପଡ଼ିବ । ନିୟମ ମତେ ଆଚରଣ କରିଲେହିଁ ଭଗବାନଙ୍କର କୃପା ପାଇବାର ଯୋଗ୍ୟ ହୋଇପାରିବ । ଏହା ଭଗବାନଙ୍କର ରାଜ୍ୟର ନିୟମ ।''

ଦେବଦୂତ ଏହା କହି ଅନ୍ତର୍ଦ୍ଧାନ ହୋଇଗଲେ ।

(ଏକ ଅସମୀୟା ନୀତି କଥା ଅବଲମ୍ବନରେ) ❑

## ଶିଶୁମାନଙ୍କ ସହ

ପିଲାମାନଙ୍କ ସହିତ ଶ୍ରୀମା'ଙ୍କ ଲୀଳାଖେଳା ଲେଖିବାକୁ ହେଲେ ତାହା ହେବ ଏକ ବିରାଟ ଗ୍ରନ୍ଥ । ସେମାନଙ୍କ ସହିତ କୌଣସି ଦୂରତ୍ୱ ନ ରଖି ଶ୍ରୀମା ମିଳାମିଶା କରୁଥିଲେ । ୧୯୫୦ରୁ ପ୍ରାୟ ୧୯୭୦ ମସିହା ପର୍ଯ୍ୟନ୍ତ ଯେଉଁମାନେ ଆମ ଶିକ୍ଷାକେନ୍ଦ୍ରରେ ପଢ଼ିବା ପାଇଁ ମନୋନୀତ ହୋଇଥିଲେ, ସେମାନଙ୍କ ମଧ୍ୟରୁ କେତେକଙ୍କୁ ଆମ ରାସ୍ତାକୁ ଆଣିବା ଥିଲା କଷ୍ଟସାଧ୍ୟ । ସେମାନେ ନାନାପ୍ରକାରର ସମସ୍ୟା ସୃଷ୍ଟି କରିଥିଲେ । ସେହିପରି ଏକ ସମସ୍ୟା ସୃଷ୍ଟି କରୁଥିବା ପିଲା ବିଷୟରେ ଶ୍ରୀମା କହିଥିଲେ, ''ସେହି ପିଲାଟି ଓ ତା'ପରି ଥିବା କେତେକ ପିଲା ପ୍ରକୃତରେ ଭବିଷ୍ୟତରେ ଉନ୍ନତି କରିବା ପିଲା । ଅର୍ଥାତ୍ ଏବେ ଟିକିଏ ଦୁଷ୍ଟ ହେଲେ କିଛି ନାହିଁ । କିନ୍ତୁ ଭବିଷ୍ୟତ୍ ପାଇଁ ସେମାନେ ଉଦ୍ଦିଷ୍ଟ । କେବଳ ଶିକ୍ଷକ/ଶିକ୍ଷୟିତ୍ରୀମାନେ ଜାଣନ୍ତି ନାହିଁ ସେମାନଙ୍କ ସହିତ କିପରି ଭାବରେ ଆଚରଣ କରିବାକୁ ହେବ ।

ଗୋଟିଏ ବାଳକ ଥାଏ । ବାରଂବାର ତାକୁ ଜ୍ୱର ହେଉଥାଏ । ତା' ବିଷୟରେ ଶ୍ରୀମା କହିଥିଲେ : ''ତା'ର ଆତ୍ମା ଯେତେବେଳେ କିଛିଟା ପ୍ରସାରିତ ହେବାକୁ ଚାହେଁ, ସେତେବେଳେହିଁ ଶରୀର ମଧ୍ୟରେ ପ୍ରତିକ୍ରିୟା ଦେଖାଦିଏ ଓ ତାକୁ ଜ୍ୱର ହୁଏ ।'' ଏପରି ହୋଇଥାଏ ଯେ ଶ୍ରୀମା'ଙ୍କୁ ଜଣାଇବା ମାତ୍ରେ ଜ୍ୱର କମିଯାଏ ।

ଅନ୍ୟ ଏକ ଘଟଣା ବରାବର ହୋଇଥାଏ । ଶ୍ରୀମା ଯେକୌଣସି ପିଲା କଥା ସ୍ମରଣ କରିବା ମାତ୍ରେ ସେ ଯଦି ଶୋଇଥାଏ, ତତ୍କ୍ଷଣାତ୍ ଉଠିପଡ଼େ । ଏପରି ମଧ୍ୟ ଘଟିଥାଏ ଯେ ପିଲାଟିଏ ବିନା କାରଣରେ ବହୁତ କାନ୍ଦୁଛି । ଏ ବିଷୟରେ ଶ୍ରୀମା କହିଛନ୍ତି ଯେ ପିଲାମାନେ ବହୁତ କିଛି ଦେଖିପାରନ୍ତି, ଯାହା ବଡ଼ମାନେ ଦେଖି ପାରନ୍ତି ନାହିଁ । ସେପରି କିଛି ଭୟଙ୍କର ଦୃଶ୍ୟ ଯଦି ସେମାନେ ଦେଖନ୍ତି, କିଛି ନ ବୁଝି କାନ୍ଦି ପକାନ୍ତି । ଅଧିକାଂଶ ସମୟରେ ସେମାନେ ବଡ଼ମାନଙ୍କୁ କିଛି ବୁଝାଇ ନ ପାରି ଅବିଚ୍ଛିନ୍ନଭାବେ କାନ୍ଦି କାନ୍ଦି ନୟାନ୍ତ ହୋଇଯା'ନ୍ତି ।

(ଶ୍ରୀ ମାଧବ ପଣ୍ଡିତଙ୍କ ଦ୍ୱାରା ରଚିତ
*Sidelights on the Mother* ରୁ ସଂଗୃହୀତ)

# ଜିଜ୍ଞାସୁର ପୃଷ୍ଠା

***ପ୍ରଶ୍ନ :** ଯଦି ପ୍ରତ୍ୟେକ ବ୍ୟକ୍ତି ପାଇଁ ସ୍ୱଭାବ ଅନୁସାରେ କର୍ମ ନିର୍ଦ୍ଧାରିତ ହୋଇଥାଏ, ତେବେ ସେହି କର୍ମ କରି ମନୁଷ୍ୟ ସୁଖୀ ହୁଏ ନାହିଁ କାହିଁକି ?*

**ଉତ୍ତର :** ଭଗବାନଙ୍କ କାର୍ଯ୍ୟକୁ ସେ ନିଜର ମାନି ନିଏ । କିନ୍ତୁ ଭଗବାନଙ୍କୁ ଏକବାରେ ଭୁଲିଯାଏ । ନିଜ ସ୍ୱାର୍ଥ ଏବଂ ଅହଂର ପ୍ରେରଣାରେ କାମନାବାସନାର ବଶ ହୋଇ କାର୍ଯ୍ୟ କରେ । ସେହି କାରଣରୁ ସେ ପାଏ ଦୁଃଖ, ଅଶାନ୍ତି; ପଡ଼େ ଦ୍ୱନ୍ଦ୍ୱରେ, କରେ ଅନୁତାପ । ସମସ୍ତ ଦୁଃଖ-ଦ୍ୱନ୍ଦ୍ୱ ଆସେ ଭଗବାନଙ୍କୁ ଭୁଲି ଯିବାରୁ । ଭଗବାନଙ୍କୁ ଭୁଲି ନ ଗଲେ ସେ ସେହି କର୍ମ ଦ୍ୱାରା ସୁଖ-ଶାନ୍ତି ପାଇପାରିବ ଏବଂ ଭଗବାନଙ୍କୁ ମଧ୍ୟ ପାଇପାରିବ । ଭଗବାନ୍ ଆନନ୍ଦ, ଶାନ୍ତି, ସୁଖ, ଜ୍ଞାନ, ଭକ୍ତି ଇତ୍ୟାଦି ଦିବ୍ୟ-ଗୁଣର ସ୍ୱରୂପ । ତାଙ୍କ ସଙ୍ଗରେ ସମ୍ବନ୍ଧ ସ୍ଥାପିତ ହେଲେ ସମସ୍ତ ଦିବ୍ୟଗୁଣ ବ୍ୟକ୍ତି ମଧ୍ୟରେ ଆସେ ଏବଂ ସେ ଆନନ୍ଦ, ସୁଖ ପ୍ରାପ୍ତ କରେ । ମନୁଷ୍ୟ ମୋହ ବଶରେ ଭଗବାନଙ୍କୁ ଭୁଲି ନଗଲେ ସେ ଆନନ୍ଦରେ ରହିପାରେ ।

ଯେତେବେଳେ ମନୁଷ୍ୟ ବୁଝିପାରେ ଏହି ରାଜନୈତିକ କାର୍ଯ୍ୟ ଭଗବାନଙ୍କଠାରୁ ମୋତେ ପ୍ରାପ୍ତ ହୋଇଛି, ଭଗବାନ୍ ସଂସାରରେ ବହୁ ପ୍ରକାର ବ୍ୟକ୍ତିଙ୍କ ଆବଶ୍ୟକତା ମଧ୍ୟରୁ ମୋତେ ଏହି ସେବା କରିବା ସକାଶେ ନିଯୁକ୍ତ କରିଅଛନ୍ତି, ଏପରି ଅବସ୍ଥାରେ ସେ କାର୍ଯ୍ୟ କରିବ ସଚ୍ଚା ଭାବରେ । କାର୍ଯ୍ୟରେ କୌଣସି ତ୍ରୁଟି କରିପାରିବ ନାହିଁ । ଇଲେକ୍ସନରେ ଲଢ଼ିବ, ଯଦି ଜିତିଯିବ ତେବେ ମନେ କରିବ ଏ କାର୍ଯ୍ୟ ମୋତେ ଭଗବାନ୍ ଦେଲେ, ସେଥିରେ ନିଜର ସ୍ୱାର୍ଥ ନାହିଁ, ଅହଂର ତୁଷ୍ଟି ନାହିଁ । ଯେବେ ହାରିଯିବ, ଭାବିବ – ''ଭଗବାନ୍ ଏ ସେବା ଅନ୍ୟକୁ ଦେଲେ, ମୋ'ଠାରୁ ଅନ୍ୟ ପ୍ରକାର ସେବା ନେବାକୁ ଚାହୁଛନ୍ତି । ମାଲିକ ଭଗବାନ୍, ତାଙ୍କ ସୃଷ୍ଟିରେ ବହୁତ ଲୋକ, ସେ ଯାହାଠାରୁ ଯେତେବେଳେ ଯେଉଁ କାର୍ଯ୍ୟ ନେଇପାରନ୍ତି, ମୁଁ କାହିଁକି ଆଗ୍ରହ କରିବି ଯେ ମୋ'ଠାରୁ ଏହି ସେବା ନିଅ ।'' ଯେତେବେଳେ ବ୍ୟକ୍ତି ଭାବେ ମୋତେ ଏହା ମିଳିବା ଉଚିତ ଆଉ ଭଗବାନଙ୍କ ବିଧାନ ଛଡ଼ା ନିଜ କାମନା-ବାସନା ତୁଷ୍ଟି ସକାଶେ ପ୍ରଯତ୍ନ କରେ, ସେଥିରେ ସଫଳ ହୁଏ ନାହିଁ । ବିଫଳତାରେ ବହୁତ ଦୁଃଖ ମିଳେ । ପ୍ରତ୍ୟେକ ଦୃଷ୍ଟିରୁ ଭଗବାନଙ୍କ ବିଧାନ ମାନିନେବା ଉଚିତ, ଆଉ ସେଥିରେ ସୁଖ ପାଇଁ ହଜାର ପ୍ରଯତ୍ନ କଲେ ସୁଦ୍ଧା ଭଗବାନଙ୍କ ବ୍ୟବସ୍ଥାର ବିରୋଧରେ ସଫଳ ହେବ ନାହିଁ । ଯଦି ଆମ ଅହଂର ପ୍ରଯତ୍ନ ବିଫଳ ହୁଏ ତେବେ ଭଗବାନଙ୍କ ବିଧାନ ଉପରେ ଛାଡ଼ିଦେବା ଉଚିତ । ସେଥିରେ ହର୍ଷ, ବିଷାଦ, ସୁଖ, ଦୁଃଖ, ଈର୍ଷ୍ୟା, ବିରୋଧ ଆସେ ନାହିଁ । ଜୟ-ପରାଜୟରେ ସମଭାବାପନ୍ନ ରହେ ।

ଏହି ଭାବରେ ଭଗବାନଙ୍କ ସେବାରୂପେ କର୍ମ କଲେ ମନୁଷ୍ୟ ଜୟ-ପରାଜୟରେ ହର୍ଷ ବା ବିଷାଦ ପ୍ରାପ୍ତ ହୁଏ ନାହିଁ । ସେ ବୁଝିପାରେ ମନୁଷ୍ୟର କୌଣସି ଦୋଷ ନାହିଁ, ସେ ଭାଗବତୀ ଆଉ ଅଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୋଇ କାର୍ଯ୍ୟ କରୁଅଛି । କିନ୍ତୁ ତା'ର ଯଦି ଅଧିକାର ଥାଏ ତେବେ ସେ ତାକୁ ଦଣ୍ଡଦିଏ; ମାତ୍ର ତା'ପ୍ରତି ବିରୋଧ ଭାବ, ଦ୍ୱେଷ ରଖେ ନାହିଁ । ସେ ଦଣ୍ଡ ଏହି ସକାଶେ ଦିଏ ଯେ ଏହି କାର୍ଯ୍ୟ କରିବାକୁ ଭଗବାନ୍ ତାକୁ ନିଯୁକ୍ତ କରିଅଛନ୍ତି । ଏହା ଫଳରେ ତା' ମନରୁ ଉଦ୍‌ବେଗ ଦୂର ହୁଏ; ଶାନ୍ତି, ସ୍ଥିରତା ଆସେ । ଏହି ଅବସ୍ଥାରେ ସେ ଭଗବାନଙ୍କ ନିର୍ଦ୍ଦେଶ ପାଇପାରେ । କ'ଣ କରିବା ଉଚିତ ଏବଂ କ'ଣ ନ କରିବା ଉଚିତ, ସେ ତାହାର ଅନ୍ତରରୁ ପ୍ରେରଣା ପାଏ । ଯଦି ପ୍ରେରଣା ନପାଏ ତଥାପି ତା' ସକାଶେ ଯାହା ହେବା ଉଚିତ ତାହାହିଁ ହୁଏ । କାରଣ ସେ ନିଜକୁ ଭଗବାନଙ୍କ ସେବକ ମାନିବାରୁ ତାହାର ଭାର ଭଗବାନ୍ ନେଇ ନିଅନ୍ତି । ଏହା ସକାଶେ ପ୍ରତିଦିନ କିଛି ସମୟ ନିୟମିତରୂପେ ଧ୍ୟାନ କରିବା ଆବଶ୍ୟକ ।

ଏହି ଅବସ୍ଥା ଗୋଟିଏ ଦିନରେ ଆସେ ନାହିଁ । ସୁତରାଂ ଯେତେବେଳେ ଏହି ସିଦ୍ଧାନ୍ତକୁ ବ୍ୟକ୍ତି ହୃଦୟରେ ସ୍ୱୀକାର କରିନିଏ ସେହି ସମୟରୁ ତା' ମଧ୍ୟରେ ଗୋଟିଏ ଭାଗବତ ତତ୍ତ୍ୱ ଅଦୃଶ୍ୟ ରୂପେ ପରିଚାଳନା କରେ । ଏ ବିଷୟରେ ମନୁଷ୍ୟ ଯେତେ ଜାଗ୍ରତ୍ ହୁଏ, ତା' ମଧ୍ୟରେ ଏହି ଭାବ ସେତେ ସ୍ପଷ୍ଟ ହୋଇଉଠେ ।

ଆଧାତ୍ମିକ ସାଧନା ବହୁ ପ୍ରକାର, ପ୍ରଣାଳୀ ଅସଂଖ୍ୟ, କର୍ମର ଭେଦ ତିନି, ତଥାପି ଏହି ମାର୍ଗଟି କର୍ମ ପକ୍ଷରେ ବହୁତ ସହଜ, ସୁଗମ, ଆଉ ବ୍ୟକ୍ତି ପକ୍ଷରେ ଅନିବାର୍ଯ୍ୟ । ଯେପର୍ଯ୍ୟନ୍ତ ମନୁଷ୍ୟ ଅହଂ, ସ୍ୱାର୍ଥ, ହିଂସା, ଦ୍ୱେଷ, ଈର୍ଷ୍ୟା, ବିରୋଧ, ଉଦ୍‌ବେଗରୁ ମୁକ୍ତ ନୁହେଁ ସେପର୍ଯ୍ୟନ୍ତ ସେ ସଂସାରରେ କୌଣସି

ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ଅବିକୃତରୂପେ କରିପାରିବ ନାହିଁ, ଯଥାର୍ଥରେ ସେ ମଧ୍ୟ ସୁଖୀ ହୋଇପାରିବ ନାହିଁ, ସେତେଦିନ ପର୍ଯ୍ୟନ୍ତ ସେ ପ୍ରକୃତରେ ସ୍ୱାଧୀନ ନୁହେଁ । ଯଥାର୍ଥରେ ସେହିଁ ସ୍ୱାଧୀନ ଆଉ ସୁଖୀ, ଯେ ରିପୁଙ୍କୁ ବଶକରି ଅଛନ୍ତି । ନିଜ ଭିତରର ରିପୁଙ୍କୁ ବଶ ନକରି ଅନ୍ୟ ବ୍ୟକ୍ତିଙ୍କୁ ବଶକରିବା ପ୍ରୟାସ ନିରର୍ଥକ । ଏହି ରିପୁମାନଙ୍କ ଶାସନାଧୀନରେ ରହି ଯଦି ବ୍ୟକ୍ତି ପୃଥିବୀରେ ସମ୍ରାଟ ହୁଏ, ସମସ୍ତ ସଂସାର ଧନର ମାଲିକ, କୁବେର ହୁଏ; ସମସ୍ତ ଗୁଣର ଜ୍ଞାତା ହୁଏ, ତଥାପି ସେ ଦୀନ, ଅନ୍ୟ ଅବାଞ୍ଛିତ ଶକ୍ତିମାନଙ୍କ ହାତରେ ଯନ୍ତ୍ର, ପରାଧୀନ । ଏମାନଙ୍କଠାରୁ ସ୍ୱାଧୀନତା ପ୍ରାପ୍ତ କରିବାକୁ ହେବ ନିଜ ନିଜ କର୍ମ ଦ୍ୱାରା, କିନ୍ତୁ ନିଜ କର୍ମକୁ ତ୍ୟାଗ କରି ନୁହେଁ । ଏହା କେବଳ ବିଶିଷ୍ଟ ବ୍ୟକ୍ତିମାନଙ୍କ ସକାଶେ ନୁହେଁ, ପ୍ରତ୍ୟେକ ବ୍ୟକ୍ତି ସକାଶେ ।

ପ୍ରତ୍ୟେକ ବ୍ୟକ୍ତି ଚାହେଁ ସୁଖ । ଯଥାର୍ଥ ସୁଖ ପ୍ରାପ୍ତ ହୁଏ ଭାଗବତ ଜ୍ଞାନରେ । ସେହି ସକାଶେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ କର୍ମ କରି ଭାଗବତ ଶକ୍ତିର ଯନ୍ତ୍ର ହେଲେ ଯଥାର୍ଥ ସୁଖ ପ୍ରାପ୍ତ କରିପାରିବେ ।

**– ରାମକୃଷ୍ଣ ଦାସ**

(ନବଜ୍ୟୋତି, ନଭେମ୍ବର ସଂଖ୍ୟା ୧୯୬୪)

❑❑❑

## ଯେଉଁମାନେ ମନିଅର୍ଡ଼ର ପଠାଉଛନ୍ତି :

ନବଜ୍ୟୋତି କାର୍ଯ୍ୟାଳୟ ଗ୍ରହଣ କରୁଥିବା EMO (Electronic Money Order) ଫର୍ମର ବାର୍ତ୍ତା ଉଲ୍ଲେଖ ଥିବା ସ୍ଥାନ (Space for Communication)ରେ ପ୍ରାୟଶଃ ଟଙ୍କା ପଠାଇବାର କାରଣ ସମ୍ପର୍କରେ ବାର୍ତ୍ତାଟି ଆସୁ ନାହିଁ । ତେଣୁ ଆପଣ ଏଠାକୁ ପଠାଇଥିବା ଗ୍ରାହକ (To) ଠିକଣାରେ ପ୍ରଣାମୀ ପଠାଉଥିଲେ, 'The Offering Section' କିଂବା ନବପ୍ରକାଶ ଓ ନବଜ୍ୟୋତି ପତ୍ରିକା ପାଇଁ ଟଙ୍କା ପଠାଉଥିଲେ 'The Magazine Section' ବୋଲି ନିଶ୍ଚିତ ଭାବରେ ଲେଖନ୍ତୁ । ତା'ଛଡ଼ା ପ୍ରେରକ(From) ଠିକଣାରେ ନିଜର ସମ୍ପୂର୍ଣ୍ଣ ଠିକଣା ସହ **Mobile** ନମ୍ବରଟିକୁ ଲେଖିବାକୁ ଯେମିତି ନଭୁଲନ୍ତି । ଯଦି ପତ୍ରିକାର ପୁରୁଣା ଗ୍ରାହକ ହୋଇଥା'ନ୍ତି ନିଜର ନାମ ସହ ଗ୍ରାହକ ନମ୍ବର ଲେଖିବା ଆବଶ୍ୟକ ।

କୌଣସି କାରଣରୁ ଗ୍ରାହକମାନେ ନବପ୍ରକାଶ ପାଇ ନଥିଲେ ତା'ର ପରବର୍ତ୍ତୀ ମାସର ପହିଲାଠାରୁ ପାଞ୍ଚ ତାରିଖ ମଧ୍ୟରେ ସକାଳ ୮.୩୦ରୁ ୧୧.୩୦ ମଧ୍ୟରେ ନବଜ୍ୟୋତି କାର୍ଯ୍ୟାଳୟକୁ ୦୪୧୩-୨୨୩୩୬୩୩ ଏହି ଫୋନ୍ ଯୋଗେ ଗ୍ରାହକ ନମ୍ବର ସହ ଜଣାଇ ଦେଲେ, ଆମ ପାଖରେ ପତ୍ରିକାଟି ମହଜୁଦ ଥିଲେ ପଠାଇବାକୁ ପ୍ରଯତ୍ନ କରିବୁ ।

**– ନବଜ୍ୟୋତି କାର୍ଯ୍ୟାଳୟ**

| ପତ୍ରିକାର ନାମ | ଖଣ୍ଡ ପ୍ରତି ମୂଲ୍ୟ | ବାର୍ଷିକ ଦେୟ | ଆଜୀବନ ଦେୟ (୨୦ ବର୍ଷ ପାଇଁ) |
|---|---|---|---|
| **ନବପ୍ରକାଶ** | ୧୫ ଟଙ୍କା | ୧୫୦ ଟଙ୍କା | ୧୫୦୦ ଟଙ୍କା |
| **ନବଜ୍ୟୋତି** | ୨୦ ଟଙ୍କା | ୮୦ ଟଙ୍କା | ୮୦୦ ଟଙ୍କା |

ଚେତନାର ଦିଗ୍‌ବଳୟ :

# ନିରବତା : ବୈଜ୍ଞାନିକ ସିଦ୍ଧାନ୍ତ

''ନିରବତାରେ ନିହିତ ସର୍ବୋତ୍ତମ ପ୍ରେରଣାର ଉତ୍ସ ।'' (In silence lies the source of the highest inspiration.) – ଏକଦା କହିଥିଲେ ଶ୍ରୀମା ।

ଆଉ ଥରେ ଶିକ୍ଷାର୍ଥୀମାନଙ୍କ ସହ ପ୍ରଶ୍ନୋତ୍ତର ବେଳେ ଶ୍ରୀମା କହିଥିଲେ, ଖାଲି ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ନିରବତା ଅଭ୍ୟାସ କରିବା ଆବଶ୍ୟକ, ତାହା ନୁହେଁ; ସାଧାରଣ ଜୀବନରେ ମଧ୍ୟ ଦୈନିକ ଅନ୍ତତଃ ଦୁଇଥର କିଛି କିଛି ସମୟ, ଅଳ୍ପ କେତେକ ମିନିଟ ହେଲେ ମଧ୍ୟ, ଆମେ ନିରବତା ଅଭ୍ୟାସ କରିବା ଆବଶ୍ୟକ । ଅନ୍ୟତ୍ର ଶ୍ରୀମା ବୁଝାଇଛନ୍ତି, ନିରବତାର ଅର୍ଥ ତାମସିକତା ବା ଅଳସୁଆଭାବ ନୁହେଁ, ନିରବତାର ଅର୍ଥ ଖାଲି କଥାବାର୍ତ୍ତା କରିବାରୁ ବିରତ ରହିବା ମଧ୍ୟ ନୁହେଁ, ନିରବତାର ଅର୍ଥ ସର୍ବଦା ଚଳଚଞ୍ଚଳ, ନାନାଦି ଅନାବଶ୍ୟକ ଭାବନାର ସମାବେଶ ଦ୍ୱାରା ଉପଦ୍ରୁତ ଆମ ମନକୁ ସେସବୁରୁ ମୁକ୍ତ, ଶାନ୍ତ ଓ ନିଶ୍ଚିନ୍ତ ରଖିବା ।

ଏହା ସହଜ ନୁହେଁ, କିନ୍ତୁ ଅଭ୍ୟାସ ଦ୍ୱାରା ଅବଶ୍ୟ ସମ୍ଭବ ।

ଆଜି ପର୍ଯ୍ୟନ୍ତ ଏ ବିଷୟକୁ ମୋଟାମୋଟି ଗୋଟାଏ ଆଦର୍ଶଭାବରେ ଆମେ ଗ୍ରହଣ କରୁଥିଲୁଁ । ବାସ୍ତବିକ ନିରବ ରହି ନପାରିଲେ ଆମର କିଛି କ୍ଷତି ହୁଏ କିଂବା ରହି ପାରିଲେ ବାସ୍ତବ ଉପକାର ହୁଏ, ଏକଥା ଯୁକ୍ତିବାଦୀ ବିଜ୍ଞାନ କହିବାର ଆମେ ଜାଣି ନଥିଲୁଁ ।

କିନ୍ତୁ ଚଳିତ ଶତାବ୍ଦୀର ଆରମ୍ଭରୁ ଏହା ଉପରେ ପାଶ୍ଚାତ୍ୟର କେତେକ ବିଶିଷ୍ଟ ବିଶ୍ୱବିଦ୍ୟାଳୟ ଗବେଷଣା ଆରମ୍ଭ କରିଥିଲେ । ବର୍ତ୍ତମାନ ସେସବୁ ଗବେଷଣାର ଫଳ ପ୍ରକାଶ ପାଇବାକୁ ଆରମ୍ଭ କରିଛି । 'Brain, Structure and Function' ନାମକ ବିଜ୍ଞାନଧର୍ମୀ ପତ୍ରିକା ଦେଖାଇଛି – ନିରବତା ଆମ ମଗଜରେ ନୂତନ ଜୀବକୋଷ (Cell) ପ୍ରସ୍ତୁତ କରାଏ । ଆଶ୍ଚର୍ଯ୍ୟର କଥା, ବିଜ୍ଞାନ ବର୍ତ୍ତମାନ କହୁଛି ଯେ ନିରବତା ଆମକୁ ମହତ୍ତର ବିଷୟମାନଙ୍କ ପ୍ରତି ଆକୃଷ୍ଟ କରାଏ ।

ସହର ନଗରରେ ଧ୍ୱନିପ୍ରାଚୁର୍ଯ୍ୟ କ୍ରମେ ଏକପ୍ରକାର ହିଂସାଚାରରେ ପରିଣତ ହେଲାଣି । ଗବେଷଣା ଦେଖାଉଛି, ଏହାଦ୍ୱାରା ଆମ ଭିତରେ ଯେଉଁ ବିରକ୍ତିଭାବ ଆସେ, ବାରଂବାର ଚମକି ଉଠିବା ଦ୍ୱାରା ଆମ ସ୍ନାୟୁ-ବିନ୍ୟାସରେ ଯେଉଁ ବିପର୍ଯ୍ୟୟ ସୃଷ୍ଟି ହୁଏ ତାହାର ପ୍ରଭାବ ଆମ ଦେହ ତଥା ମନ ଉଭୟ ଉପରେ ଅତ୍ୟନ୍ତ କ୍ଷତିକାରକ । ସ୍ନାୟୁଗତ ଦୁର୍ବଳତା ଘଟାଇ ସେ ପ୍ରଭାବ ଆମ ଦେହର ସ୍ୱାଭାବିକ ବ୍ୟାଧିନିରୋଧକ ଗୁଣକୁ ଦୁର୍ବଳ କରିଦିଏ; ମାନସିକ ବିରକ୍ତି ଯୋଗୁଁ କର୍ତ୍ତବ୍ୟ କର୍ମରେ ଆମର ଆବଶ୍ୟକୀୟ ଏକାଗ୍ରତାରେ ବିଘ୍ନ ଘଟାଏ ।

ଏସବୁ ନୂଆ କଥା ନୁହେଁ; ନୂଆ କଥା ହେଲା ବିଜ୍ଞାନ ଏସବୁ ସତ୍ୟକୁ ପରୀକ୍ଷା-ନିରୀକ୍ଷା ଯୋଗେ, ମନୁଷ୍ୟେତର ପ୍ରାଣୀମାନଙ୍କ ଉପରେ ଗବେଷଣା ଯୋଗେ ଯୁକ୍ତିସମ୍ମତ ତଥ୍ୟ ଭାବରେ ଉପସ୍ଥାପନ କରିଛି ।

ଧ୍ୱନି-ପ୍ରାବଲ୍ୟର ନାନାଦି କୁପ୍ରଭାବରୁ ଗୋଟାଏ ପ୍ରକାଶ କରିଛି 'Psychological Science' ପତ୍ରିକା । ଏ ତଥ୍ୟଟି ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ । ଜର୍ମାନୀର ମ୍ୟୁନିକ ନଗରୀର ବିମାନ ବନ୍ଦର ଆଖପାଖରେ ଥିବା ବାଳକବାଳିକାଙ୍କ ଉପରେ କେତେ ବର୍ଷ ଧରି ଏ ଗବେଷଣା ଚାଲୁ ରଖିଥିଲେ ପ୍ରଫେସର ଗ୍ୟାରି ଇଭାନ୍‌ସ୍ । ବିମାନସବୁର ଊର୍ଦ୍ଧ୍ୱାୟନ ଏବଂ ଅବତରଣଜନିତ ପ୍ରଚଣ୍ଡ ନିନାଦ ପ୍ରତି ଆଜନ୍ମ ଉନ୍ମୁକ୍ତ ରହିବା ଫଳରେ ପିଲାମାନଙ୍କ ଭିତରେ ପ୍ରକୃତି ଏମିତି ଏକ ରକ୍ଷାକବଚ ସୃଜନ କଲା, ଯାହା ଫଳରେ ସେମାନେ ଉଚ୍ଚ ଧ୍ୱନି ପ୍ରତି ବୀତସ୍ପୃହ ରହିବେ । ଏହାର ବିଷମୟ ପରିଣତି ହେଲା, ଶିକ୍ଷାପ୍ରଦ ବକ୍ତୃତା କିଂବା ଅନୁରୂପ ଶୁଭଙ୍କର ଧ୍ୱନି ପ୍ରତି ମଧ୍ୟ ସେମାନଙ୍କର ଗ୍ରହଣଶୀଳତା ହ୍ରାସ ପାଇଛି ।

ପ୍ରଫେସର ଇଭାନ୍‌ସ୍ କହିଛନ୍ତି : ଏହି ସମସ୍ୟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଉଚ୍ଚଧ୍ୱନି ଆମ କର୍ଣ୍ଣକୁହର ବା କର୍ଣ୍ଣପଟକୁ ଆହତ ନକଲେ ମଧ୍ୟ ତାହା ଆମ ପାଇଁ ଅତ୍ୟନ୍ତ କ୍ଷତିକାରକ । ଏ ବିଷୟଟି ଉପରେ ଇଣ୍ଟରନେଟ୍ ଯୋଗେ ପ୍ରଚାରିତ ରେବେକା ବେରିସ୍ ନାମକ ଲେଖିକାଙ୍କ ଚେତାବନୀ ଉପରେ ଆମେ ଯଥେଷ୍ଟ ଗୁରୁତ୍ୱ ଦେବା ଆବଶ୍ୟକ । ସେ କହିଛନ୍ତି : ''ଏହା ବର୍ତ୍ତମାନ ଦୀର୍ଘ ଗବେଷଣା-ଲବ୍ଧ ସତ୍ୟ ଯେ ଶବ୍ଦ ପ୍ରଦୂଷଣ କର୍ମକ୍ଷେତ୍ରରେ ଆମ ଦକ୍ଷତାର ମାନ କମାଇ ଦିଏ;

ବିଦ୍ୟାଳୟରେ ଛାତ୍ରମାନଙ୍କ ଶିକ୍ଷାଗ୍ରହଣକୁ ବିପନ୍ନ କରେ । କର୍ମ ପ୍ରତି ଉଦାସୀନତା ଭାବର ଉଦ୍ରେକ କରିବା ସଙ୍ଗେ ସଙ୍ଗେ କର୍ମପଦ୍ଧତିରେ ଭ୍ରାନ୍ତି ଉପୁଜାଏ । ଏହା ଆମର ମନୋଯୋଗ, ସ୍ମୃତିଶକ୍ତି ଏବଂ ସମସ୍ୟା-ସମାଧାନ ଶକ୍ତିକୁ ବିଶେଷ ଭାବରେ କ୍ଷତିଗ୍ରସ୍ତ କରେ ।''

ଧ୍ୱନି ପ୍ରଦୂଷଣ ଯେଉଁ ସଙ୍କଟ ଉପୁଜାଇଛି, ତା'ର ସୁଯୋଗ ନେବାକୁ ଚେଷ୍ଟା କରିଛି ଫିନ୍‌ଲ୍ୟାଣ୍ଡ୍ । ସେଦେଶର ପର୍ଯ୍ୟଟନ ବିଭାଗ ବିଶ୍ୱବାସୀଙ୍କୁ ଆହ୍ୱାନ ଜଣାଇଛି — ଆମ ଦେଶକୁ ଆସି ନିରବତା ଉପଭୋଗ କର ।

ଏ ଲେଖକର ମନେ ପଡ଼ୁଛି ୧୯୭୧ ମସିହାର ଏକ ଘଟଣା । ଲେଖକ ସେତେବେଳେ ଲଣ୍ଡନରେ ଥାଏ । ଦିନେ ଇଂଲଣ୍ଡର ମୁଖ୍ୟ ସମ୍ବାଦପତ୍ର ଏକ ବ୍ୟାପକ ସମୀକ୍ଷା ଅନ୍ତେ ସେ ଦେଶର ସମୁଦ୍ର କୂଳବର୍ତ୍ତୀ ଏକ ପଲ୍ଲିକୁ ଦେଶର ସର୍ବାଧିକ କୋଳାହଳଶୂନ୍ୟ, ଶାନ୍ତ ସ୍ଥାନ ବୋଲି ଘୋଷଣା କଲା ! ବାସ୍ ! ସପ୍ତାହେ ଭିତରେ ଚିରତରେ ବିଲୁପ୍ତ ହେଲା ବିଜନ ପଲ୍ଲିଟିର ସେ ଚରିତ୍ର । ଦଳ ଦଳ ପର୍ଯ୍ୟଟକ ଯାଇ ତମ୍ବୁ ପକାଇଲେ । ଫଳରେ ସ୍ଥାପିତ ହେଲା ଦୋକାନ ବଜାର, ହୋଟେଲ ଓ ସିନେମା ଘର ।

ଅବଶ୍ୟ ଫିନ୍‌ଲ୍ୟାଣ୍ଡ୍ ଏକ ଦେଶ ଏବଂ ସରକାର ଏଭଳି ବିଜ୍ଞାପନ ଦେବା ପୂର୍ବରୁ ପରିଣତି ସମ୍ପର୍କରେ ସଚେତନ ଥାଇ ଉପଯୁକ୍ତ ବ୍ୟବସ୍ଥା କରିଥିବେ । ସେ ଯାହାହେଉ, ଉପରୋକ୍ତ ଲେଖିକା ରେବେକା ବେରିସ୍ ଆମକୁ ପରାମର୍ଶ ଦେଇଛନ୍ତି, ଫିନ୍‌ଲ୍ୟାଣ୍ଡ୍ ଯିବା ଆବଶ୍ୟକ ନାହିଁ । ଆପଣଙ୍କ ପାଖାପାଖି କୌଣସି ନିର୍ଜନ ସ୍ଥାନରେ ଯାଇ କିଛି କିଛି ସମୟ ବ୍ୟୟ କରନ୍ତୁ । ''ଏହା ଆପଣଙ୍କ ପାଇଁ ତଥା ଆପଣଙ୍କ ମଗଜ ପାଇଁ ବିପୁଳ ହିତକର ହେବ ।''

ଅଦ୍ୟାବଧି ଭାରତରେ, ସହର ଉପକଣ୍ଠରେ ଏବଂ ଗ୍ରାମାଞ୍ଚଳରେ ନିରବ ସ୍ଥାନର ଅଭାବ ନାହିଁ । କିନ୍ତୁ ଭୌଗୋଳିକ ନିରବତା ସହିତ ଚେତନାଗତ ନିରବତାର ସମନ୍ୱୟ ସାଧନ ଦିଗରେ ଚେଷ୍ଟା ହେଉ ଆମର ଧ୍ୟେୟ । ଆମ କର୍ମସ୍ଥଳରେ ମଧ୍ୟ ଆମେ ଇଚ୍ଛା କଲେ ବହୁ ପରିମାଣରେ ଏ ଶୃଙ୍ଖଳା ଅଭ୍ୟାସ କରିପାରିବୁଁ । ଆମେ ଯେତେ କଥା କହୁଁ, ତା'ର ଶତକରା ପଚସ୍ତରି ଭାଗ ନକହିଲେ ଚଳନ୍ତା । ଥରେ ଏକ ନିର୍ଜନ ସ୍ଥାନରେ ତିନିଜଣ ସନ୍ଥ ବସିଥିଲେ । ଜଣେ ପର୍ଯ୍ୟଟକ ଯାଇ ସେମାନଙ୍କ ପାଖରେ ବସି ପଡ଼ିଲେ । ଭଦ୍ରଲୋକ ଯେତେ ଯାହା ପଚାରିଲେ, ଉତ୍ତରରେ ସନ୍ଥମାନେ 'ହଁ' କିଂବା 'ନା' ଛଡ଼ା ଅଧିକ ଶବ୍ଦଟିଏ ଉଚ୍ଚାରଣ କଲେ ନାହିଁ ।

ଅଧୈର୍ଯ୍ୟ ପର୍ଯ୍ୟଟକ ପଚାରିଲେ, ''କ'ଣ, କଥା କହିବା ନିଷିଦ୍ଧ ?''

''ନା, ବାବୁ, ନିଷିଦ୍ଧ ନୁହେଁ । ତେବେ ଏଠାରେ ଯେଉଁ ନିରବତା ବିଦ୍ୟମାନ, ତା'ଉପରେ କିଛି ଉନ୍ନତି ବିଧାନ କରିପାରିଲା ଭଳି କଥା ଆମକୁ ଜୁଟେ ନାହିଁ ବୋଲି ଆମେ ନିରବ ଥାଉଁ ।'' — କହିଲେ ଜଣେ ସନ୍ଥ ।

**— ମନୋଜ ଦାସ ❑**

ପ୍ରକୃତରେ ପ୍ରଥମେ ପ୍ରଥମେ ଶରୀରର ମାଂସପେଶୀଗୁଡ଼ିକର ବିକାଶ ନିମନ୍ତେ ବ୍ୟାୟାମ କରିବାକୁ ଗଲେ ଯେପରି କ୍ଳାନ୍ତି ଲାଗେ, ସେହିପରି ଚେତନାକୁ ଉଚ୍ଚସ୍ତରରେ ରଖିବା ଉଦ୍ୟମ କ୍ଳାନ୍ତିଦାୟକ । କିନ୍ତୁ ଏହି କାରଣରୁ ତୁମକୁ ଜିମ୍‌ନାଷ୍ଟିକ୍‌ସ ଛାଡ଼ିବାକୁ ପଡ଼େ ନାହିଁ । ତେଣୁ ମାନସିକ ସ୍ତରରେ ତୁମକୁ ମଧ୍ୟ ତାହାହିଁ କରିବାକୁ ପଡ଼ିବ । ତୁମେ ତୁମର ମନକୁ ତଳକୁ ଯିବା ପାଇଁ କେବେହେଲେ ଦିଅ ନାହିଁ : ବାଜେଗପ ତୁମକୁ ନିମ୍ନକୁ ଟାଣି ଆଣେ ... ତୁମକୁ ଏଥିରୁ ନିବୃତ୍ତ ରହିବାକୁ ପଡ଼ିବ, ବାସ୍, ଏତିକି ।

(MCW, Vol. IV, p. - 153) — ଶ୍ରୀମା

tarika

**AYURVEDIC HERBAL REMEDIES**

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

For enquiry and Home Delivery contact:
Kanti Enterprises, Bhubaneswar
PH: 7894465416 / 9938574182
Buy online at www.ayurlabsindia.com/indshop

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com